# ଶୈଳରୁ ସର୍ବଦା-ଉପଲବ୍ଧ ଜଳ

ଆମେ ଆଜି ସକାଳେ ପ୍ରଭୁ ପରମେଶ୍ୱରଙ୍କ ଉପସ୍ଥିତି ହେତୁ କୃତଜ୍ଞ ଅଟୁ, ଯିଏକି ଆମକୁ ଏକ ବାର୍ତ୍ତା ପ୍ରଦାନ କରି ଏହି ପ୍ରାରମ୍ଭିକ ସେବାକୁ ଆରମ୍ଭ କରିବେ, ଯେ—ଯେ ଆମେ ତାହାଙ୍କ ସମ୍ମୁଖରେ "ଶୁଣି, ଭକ୍ତି ସହକାରେ" ରହିବା ଉଚିତ୍, ଯେ ତାହାଙ୍କ ପାଖରେ ଆମକୁ କହିବା ପାଇଁ କିଛି ବିଷୟ ଅଛି । ମୁଁ ନିଶ୍ଚିତ ଯେ ସେ ଯାହା ପ୍ରତିଜ୍ଞା କରିଛନ୍ତି ସେ ତାହା କରିବେ । ସେ ସର୍ବଦା ନିଜର ବାକ୍ୟ ପାଳନ କରିଥାନ୍ତି । ଏବଂ ତେଣୁକରି ଆମେମାନେ ଆଜି ସକାଳେ, ଜୀବନ୍ତ ଭାବରେ, ଆଉ ଅନନ୍ତତାର ଏହି ପାର୍ଶ୍ୱରେ ଏକତ୍ରିତ ହୋଇ ପାରିଥିବାରୁ, ପୁଣି ପ୍ରଭୁଙ୍କୁ ଉପାସନା କରିବା ନିମନ୍ତେ, ଏବଂ ନିଜକୁ ଏକତ୍ର କରି ତାହାଙ୍କଠାରୁ ଶୁଣିବାକୁ ସମର୍ଥ ହୋଇପାରିଥିବା ନିମନ୍ତେ କୃତଜ୍ଞ ଅଟୁ । ସେହି କାରଣଗୁଡିକ ଯୋଗୁ ହିଁ ଆମେ ଏକାଠି ଆସିଥାଉ, ଠିକ ଏହି ସମାନ ଉଦ୍ଦେଶ୍ୟ ପାଇଁ ।

2 ତେବେ, ମୁଁ ଏକ ନିର୍ଦ୍ଦିଷ୍ଟ ସ୍ୱପ୍ନ ହେତୁ, ଅପ୍ରତ୍ୟାଶିତ ଭାବରେ, ଭାଇ ନେଭିଲ୍‌ଙ୍କ ଉପରେ, ଏକ ପ୍ରକାର ଧାଇଁ ପଡ଼ିଲି । ଯାହାକି...ମୁଁ...ସ୍ୱପ୍ନରେ...ମୁଁ ବିଶ୍ୱାସ କରେ । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ସ୍ୱପ୍ନ ଦ୍ୱାରା ଲୋକମାନଙ୍କ ସହିତ ବ୍ୟବହାର କରନ୍ତି । ଏବଂ ମୋର ଗତ ରାତ୍ରି ପୂର୍ବରୁ, ଏକ ଅସାଧାରଣ ସ୍ୱପ୍ନ ହୋଇଥିଲା । ଯେ, ମୁଁ ଏକ ପାହାଡ ପାର୍ଶ୍ୱ ଦେଇ, ନିର୍ଦ୍ଦିଷ୍ଟ ପାହାଡ ପାର୍ଶ୍ୱ ଦେଇ ଯାଉଥିଲି, ଏକ ଭୋଜନପାନର ସ୍ଥାନକୁ ଯାଉଥିଲି ଯେଉଁଠାରେକି ମୋତେ ମୋର—ମୋର ରାତ୍ରୀ ଭୋଜନ କରିବାର ଥିଲା । ଏବଂ ମୁଁ ଲକ୍ଷ୍ୟ କଲି, ଯେତେବେଳେ ମୁଁ ସେହି ସ୍ଥାନର ନିକଟବର୍ତ୍ତି ହେଲି, ସେମାନେ ସଂଗୀତ ବଜାଉଥିଲେ, ଏକ ଗାୟନ ଦଳ ଭାୟୋଲିନ ଯନ୍ତ୍ର ସହିତ, ସଂଗୀତ ବଜାଉଥିଲେ, ଏବଂ ଲୋକମାନେ ଯେତେବେଳେ ଖାଉଥିଲେ ସେମାନଙ୍କର ମନୋରଞ୍ଜନ କରୁଥିଲେ । ଏବଂ ସେଠାରେ ଏପରି କିଛି ବିଷୟ ରହିଥିଲା ଯାହା ମୁଁ ପସନ୍ଦ କରି ନ ଥିଲି, ତେଣୁ ମୁଁ କେବଳ ସେହି ବିଷୟକୁ ଅଣଦେଖା କରି ଦେଲି । ଏବଂ ମୁଁ ପାହାଡ ଉପରକୁ ଆସୁଥିବା ଜଣେ କାହାରିକୁ ଭେଟିଲି । ଏବଂ ମୁଁ ଦେଖିଲି, ଅନେକ ଲୋକ ପାହାଡ ଉପରକୁ ଏହି ଭୋଜନପାନର ସ୍ଥାନକୁ ଆସୁଥିଲେ । ମାତ୍ର ମୁଁ ଏକ ପ୍ରକାର ସେମାନଙ୍କଠାରୁ ଦୂରେଇ ଗଲି, ଡାହାଣକୁ, କିମ୍ବା, ବାମକୁ ବୁଲି ପଡ଼ିଲି ।

3 ଏବଂ କୌଣସି ପ୍ରକାରେ, ତଳେ ଉପତ୍ୟକାରେ, ମୁଁ ଆରାଧନାଳୟକୁ ଦେଖି ପାରୁଥିଲି । ମୁଁ କାହାରି ସ୍ୱରକୁ ଶୁଣିଲି, କହୁଥିଲେ, "ଏକ ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ଛକରେ ଭାଇ ବ୍ରାନହାମ୍‌ଙ୍କୁ ସାକ୍ଷାତ କର । ସେ ସେଠାରୁ ପାହାଡରୁ ତଳକୁ ଓହ୍ଲାଉ ଅଛନ୍ତି । ଏବଂ ତାଙ୍କୁ ଅମୁକ-ଓ-ଅମୁକ କଥା କୁହ ।" ଏବଂ ମୁଁ ଏହି ଛକକୁ ପହଞ୍ଚିବା ପାଇଁ ଶୀଘ୍ର କଲି ।

4 ଏବଂ ଯେତେବେଳେ ସେହି ବ୍ୟକ୍ତି ଉପରକୁ ଆସିଲେ, ଏହା ଭାଇ ନେଭିଲ୍ ଥିଲେ ଯିଏକି ତାଙ୍କର ମାଟିଆ ସୁଟ୍ ପିନ୍ଧିଥିଲେ, ଏପରି ଦିଶୁଥିଲା ଯେପରିକି ସେ ଆଜି ସକାଳେ ସେଠାରେ

ବସିଥିବାର ଦେଖାଯାଉଛନ୍ତି । ଏବଂ ସେ କହିଲେ, “ଭାଇ ବ୍ରାନହାମ୍, ଯଦି ଆପଣ ଏହି ସହରରେ ରହିବାକୁ ଯାଉଛନ୍ତି,” କହିଲେ, “ଏହା ଆପଣଙ୍କ ପାଇଁ ତଳକୁ ଆସିବା ଏକ—ଏକ ଉତ୍ତମ ବିଷୟ ହେବ, କାରଣ ଭାଇ ହେଙ୍କ...” ତେବେ, ମାତ୍ର ଜଣକାକୁ କେବଳ, ଭାଇ ହେଙ୍କ ଭାବରେ ମୁଁ ଜାଣେ, ତାହା ହେଉଛନ୍ତି ଭାଇ ହେନେରୀ କାର୍ଲସନ, ଆମେ ତାଙ୍କୁ ହେଙ୍କ ବୋଲି ଡାକିଥାଉ । କହିଲେ, “ସେ ହୁଏତ ଏହାକୁ ବିଚିତ୍ର ବୋଲି ଭାବିପାରନ୍ତି ଯେ ଯଦି ଆପଣ ନଗର ଆଖପାଖରେ ରହିବାକୁ ଯାଉଥିଲେ କିମ୍ବା ସହରର ଆଖପାଖରେ କିଛି ଦିନ ପାଇଁ ରହିବାକୁ ଯାଉଥିଲେ, ତେବେ ଆପଣ ଆଉ ଅଧିକ ଆରାଧନାଳୟକୁ ପରିଦର୍ଶନ କଲେ ନାହିଁ ।” ମୁ ଉଠି ପଡିଲି ।

5 ଏବଂ, ସେଥିରେ, ମୁଁ ଏକ ପ୍ରକାର ବିଚିତ୍ର ଅନୁଭବ କଲି । ମୁଁ ସପ୍ତାହର ସେହି ସମୟରେ ଜବରଦସ୍ତି ଭିତରକୁ ପଶି ଆସିବାକୁ ଚାହୁଁ ନ ଥିଲି, ଯେପର୍ଯ୍ୟନ୍ତକି ମୁଁ ଭାଇ ନେଭିଲ୍‌ଙ୍କୁ ଏହା ପଚାରେ ନାହିଁ ଯେ ଆଜି ସକାଳେ ମଣ୍ଡଳୀ ପାଇଁ, ତାଙ୍କ ପାଖରେ କିଛି ବିଶେଷ ବିଷୟ ଅଛି କି? ତେଣୁ ସେ ସର୍ବଦା ପରି, ଦୟାଳୁ ଥିଲେ, କହିଲେ, “ଆସି ଯାଆନ୍ତୁ ।” ତେଣୁକରି, ଆମେ କେବଳ ଆସିଲୁ । ଗତକାଲି ଅପରାହ୍ନରେ ମୁଁ ତାଙ୍କୁ ଫୋନ୍ ଯୋଗେ କଥା ହୋଇଥିଲି, ଏବଂ ଆଜି ସକାଳେ ଆସିଗଲି, ଯାହାକି ଆମମାନଙ୍କ ମଧ୍ୟରୁ କାହାରି ପାଇଁ ଅପ୍ରତ୍ୟାଶିତ ଅଟେ ।

6 ବର୍ତ୍ତମାନ ମୁଁ ବିଶ୍ୱାସ କରେ ଯେ ଏହା ଏକ ଉତ୍ତମ ବିଷୟ ହେବ, ପ୍ରଥମେ, ଯେ ମୁଁ ଏକ ପ୍ରକାର କେବଳ ଆପଣମାନଙ୍କୁ—ଙ୍କୁ କିଛି ଜିନିଷ ବୁଝାଇ ଦିଏ । ସମ୍ଭବତଃ, ମୁଁ, ଅନେକ ଲୋକମାନଙ୍କ ପାଇଁ ଜଣେ ବିଚିତ୍ର ବ୍ୟକ୍ତି ଅଟେ । ଏବଂ ମୁଁ ନିଜ ପାଇଁ, ମଧ୍ୟ ଏକ ପ୍ରକାର ବିଚିତ୍ର ଅଟେ । କାରଣ, ମୁଁ ପବିତ୍ରଆତ୍ମାଙ୍କ ନେତୃତ୍ୱକୁ ଯଥାସମ୍ଭବ, ଅତି ନିକଟତାର ସହ ଅନୁସରଣ କରିବାକୁ ଚେଷ୍ଟା କରେ । ଏବଂ ତାହା ଆମକୁ ଅଦ୍ଭୁତ କରିଥାଏ, ବୁଝିଲେ । ଆମେ ଏପରି ଜିନିଷମାନ କରିଥାଉ ଯାହା ବିଷୟରେକି ଆମେମାନେ—ଆମେମାନେ ବାସ୍ତବରେ ବସି ବେଳେବେଳେ ଆଶ୍ଚର୍ଯ୍ୟ କରିଥାଉ, “ମୁଁ ଏହିପରି ଏକ ବିଷୟ କାହିଁକି କଲି? ମୁଁ କିପରି ଭାବରେ ଏହିପରି ଏକ ବିଷୟ କଲି?” ଏବଂ ଠିକ୍ ସେତିକିବେଳେ ଆପଣ ଭାବିପାରନ୍ତି ଯେ ଆପଣ ଠିକ୍ ତାହା କରିଛନ୍ତି ଯାହା ଆପଣଙ୍କୁ କରିବାର ଉଚିତ୍ ନ ଥିଲା । ମାତ୍ର ଯଦି ଆପଣ କେବଳ ଧୈର୍ଯ୍ୟ ସହକାରେ ରହିବେ ଏବଂ ବିଶ୍ୱାସ ରଖିବେ, ଆଉ ଆପଣ ଏଥିରେ ସୁନିଶ୍ଚିତ ଥାଆନ୍ତି ଯେ ପରମେଶ୍ୱର ହିଁ ଆପଣଙ୍କୁ ତାହା କରିବା ନିମନ୍ତେ କଢେଇ ନେଇଛନ୍ତି, ତାହାହେଲେ ଆପଣ ପାଇବେ ଯେ ଏହା ଅବିକଳ ଭାବେ ଠିକ୍ କାର୍ଯ୍ୟ କରିବ । ବୁଝିଲେ? ଏବଂ ଅନେକ ଥର ଆମେମାନେ ତାହା ପାଉ । ଏବଂ ମୁଁ ଜାଣେ ଯେ ଭାଇ ନେଭିଲ୍ ତାହା, ଅନେକ ଥର ପାଇଛନ୍ତି । ଏବଂ ନେତାମାନେ ଓ ଆତ୍ମିକ ଲୋକମାନେ ତାହା ହୃଦୟଙ୍ଗମ କରନ୍ତି ।

7 ଏହା ମୋ ଜୀବନରେ କିଛି ସମୟ ହୋଇଅଛି ଯେ...ସତ କହିବାକୁ ଗଲେ, ଯେଉଁ ସମୟରୁ ମୁଁ କେବଳ ଏକ ବାଳକ ହିଁ ଥିଲି, ମୁଁ କେବେବି ସେହି ମାର୍ଗଦର୍ଶନ ଠିକ ଅନୁଭବ କରି ନାହିଁ ଯେ ମୋତେ ଜେଫର୍ସନଭିଲ୍‌ରେ—ରେ ରହିବା ଉଚିତ୍ । ଏଠାରେ ରହିବାକୁ ଚେଷ୍ଟା

କରିବାଟା, ମୋ ପାଇଁ ସର୍ବଦା ତେଲରେ ଏକ ମାଛି ରହିଥିବା ପରି ଅଟେ। ପ୍ରଥମ ସ୍ଥାନ, ଜଳବାୟୁ ଅତିଶୟ ଭାବେ ମୋର ସପକ୍ଷବାଦୀ ନୁହେଁ। ଅନ୍ୟ ଏକ ବିଷୟ, ଆତ୍ମାର ଏକ ଉଦାସୀନତା ରହିଥିବା ପରି ମନେ ହୁଏ।

8 ଯଦି ଆପଣ ପଛକୁ ଯାଇ ଏଠାରେ କୌଣସି ସ୍ଥାନକୁ ଦେଖିବେ, ଯଦି ଏହା ବନ୍ୟା ସମୟରେ ନଷ୍ଟ ହୋଇ ନ ଥିଲା, ସେହି ବିଷୟରେ ଏକ ଚିଠି ଅଛି, ଯାହା ମୋ ପାଖରେ ରହିଥିଲା, ଯେ ପ୍ରଥମ ଥର କରି ଯେତେବେଳେ ମୋତେ ସେବାକାର୍ଯ୍ୟକୁ ଡକା ଯାଇଥିଲା, ମୁଁ ପଳାଇଯିବାକୁ ଲାଗିଲି। ଏବଂ ଭାଇ ଜର୍ଜ ଡିଆର୍କ ଓ ମୁଁ...

9 ଏବଂ ଭାଇ ଗ୍ରାହାମ୍ ସ୍ନେଲିଙ୍ଗଙ୍କ ମାଆ, ଭାଇ ହକିନ୍ସ ଯିଏକି ନ୍ୟୁ ଆଲ୍‌ବାନିରେ ଇନ୍ଧନ ଯୋଗାଇବାର ଷ୍ଟେଶନ ଚଲାନ୍ତି, ଏବଂ ଅନେକ ଲୋକମାନେ, ମୋତେ ଏଠାରେ ଛୋଟ ପ୍ରାର୍ଥନା ସଭାର ବାହାରେ ଏକ ସ୍ଥାନରେ ସାକ୍ଷାତ କରିଥିଲେ। ଏବଂ ଏପରିକି କହିଥିଲେ, ଯଦି ମୁଁ ରହିବି, ତେବେ ସେମାନେ ନିଜର ପିଲାମାନଙ୍କୁ ମେଜରେ ଏଠାରେ ଭଡ଼ା ଦେବେ, ଯେପରିକି ଏକ ଆରାଧନାଳୟକୁ—କୁ ନିର୍ମାଣ କରାଯାଏ, ଯେପରିକି ସେମାନଙ୍କୁ ଆଉ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆ ଅଣା କରାଯିବାକୁ ପଡ଼ିବ ନାହିଁ।

10 ଯେତେବେଳେ ମୁଁ ସେହି ଛୋଟ ମାଆଙ୍କୁ ଶୁଣିଲି, ଯିଏକି ତାଙ୍କ ହାତରେ ଗୋଟିଏ ଶିଶୁକୁ ଧରିଥାନ୍ତି ଓ ଅନ୍ୟ ଶିଶୁଟି ତାଙ୍କ ହାତକୁ ଧରିଥାଏ, ଏହା କହୁଥିଲେ ଯେ ସେ ନିଜର ପିଲାମାନଙ୍କୁ ମେଜକୁ ଆସିବା ପାଇଁ ଭଡ଼ା ଦେବାକୁ ଇଚ୍ଛା କରିବେ, ଯେପରିକି ଏକ ସ୍ଥାନ ନିର୍ମାଣ କରାଯାଏ ଯେଉଁଠାରେ ସେମାନେ ରହି ଉପାସନା କରିପାରିବେ, ତେବେ ତାହା ମୋ ପକ୍ଷରେ ଛିଡା ହେବା ପାଇଁ ଟିକିଏ ଅଧିକ କିଛି ଥିଲା। ତେଣୁକରି ଭାଇ ଜର୍ଜ ଏବଂ ମୁଁ ଏକାଠି ହୋଇ ସ୍ଥିର କଲୁ ଯେ ଆମେମାନେ ରହି ଆରାଧନାଳୟ ନିର୍ମାଣ କରିବୁ।

11 ଏବଂ ଯେତେବେଳେ ସେହି ଆରାଧନାଳୟ ନିର୍ମାଣ ହେଲା, ଏହା ସର୍ବଦା ଦେଖା ଯାଉଥିଲା...ସେହି ସକାଳେ ଯେତେବେଳେ ମୁଁ ଆରାଧନାଳୟକୁ ଉତ୍ସର୍ଗ କଲି, ଏକ ଦର୍ଶନ ଆସିଲା, ଯାହାକି ଲେଖା ହୋଇଅଛି ଏବଂ ସେଠାରେ କୋଣର ପ୍ରସ୍ତରରେ ରଖା ହୋଇଅଛି, ଯେତେବେଳେ ପବିତ୍ରଆତ୍ମା ମୋତେ କହିଥିଲେ, "ଏହା ତୋର ଆରାଧନାଳୟ ନୁହେଁ।" ବୁଝିଲେ? ଏବଂ ମୁଁ ପଚାରିଥିଲି ଯେ ମୋର ଆରାଧନାଳୟ କେଉଁଠାରେ ଅଛି, ଏବଂ ସେ ମୋତେ ଉଜ୍ଜ୍ୱଳ ନୀଳ ଆକାଶ ତଳେ ବସାଇ ଦେଇଥିଲେ। ଏବଂ ତାହାପରେ ସେ କହିଲେ, "ଜଣେ ସୁସମାଚାର ପ୍ରଚାରକର କାର୍ଯ୍ୟ କର," ଏବଂ ପ୍ରଭୃତି ସବୁ, ଯାହାକି ଆପଣମାନେ ଜାଣନ୍ତି। ଏପରିକି ଏହା ପୁସ୍ତକଗୁଡ଼ିକରେ ମଧ୍ୟ ଲେଖାଅଛି।

12 ସେହି ସମସ୍ତ ବିଷୟଗୁଡିକୁ ଏକାଠି ରଖାଗଲା। ଏବଂ ଦିନେ ଯେତେବେଳେ ମୁଁ ସେଠାରେ ଅଗଣା ଘାସ କାଟୁଥିଲି ଯେଉଁଠାରେକି ବର୍ତ୍ତମାନ ଭାଇ ଉଡ୍ ବାସ କରନ୍ତି, ଏବଂ ମୋର ଶା-ଶୁ ଏକ ସମୟରେ ସେଠାରେ ବାସ କରୁଥିଲେ; ମୁଁ ପଛ ପଟ ଶିଢୀରେ, ଏକ ଛୋଟ ପୁରୁଣା କଂକ୍ରିଟ୍ ଶିଢୀରେ ବସିଥିଲି, ଯାହାକି ମୁଁ ମୋର ଶା-ଶୁ-ଙ୍କ ପାଇଁ ଏହି ଛୋଟ

ସ୍ଥାନଟି ନିର୍ମାଣ କରିଥିଲି । ଏବଂ ସେ ସେହି ସମୟରେ, ମଣ୍ଡଳୀର ଏକ ପ୍ରକାର ଜଗୁଆଳି ଭାବରେ ଏହାର ଯତ୍ନ ନେଉଥିଲେ । ଏବଂ ଯେତିକି ସ୍ପଷ୍ଟ ଭାବରେ କେହି କହିପାରିବେ, ଏକ ସ୍ୱର ମୋ ସହିତ କଥା ହେଲେ, କହିଲେ, "ଯେପର୍ଯ୍ୟନ୍ତ ତୁମେ ଏଠାରେ ରହିବ, ମୁଁ ତୁମକୁ କଦାପି ଆଶୀର୍ବାଦ କରିପାରିବି ନାହିଁ । ତୁମକୁ ନିଜ ଲୋକମାନଙ୍କଠାରୁ ଏବଂ ଏହି ସ୍ଥାନଠାରୁ ଆପଣାକୁ ଅଲଗା କରିବାକୁ ଅଛି ।" ତେବେ, ମୁଁ, ତାହା ମୋତେ ପ୍ରାୟଃ ଗୋଟିଏ ସପ୍ତାହ କିମ୍ୱା ଅଧିକ ସମୟ ପାଇଁ, ଭଗ୍ନଚୂର୍ଣ୍ଣ କରି ଦେଇଥିଲା ।

13 ନିରନ୍ତର ଭାବରେ, ସର୍ବଦା, କିଛି ଗୋଟାଏ ବିଷୟ ମୋତେ ଚେତାବନୀ ଦେଇଅଛି, "ଚାଲି ଯା, ଚାଲି ଯା । ପଶ୍ଚିମ ଦିଗଆଡ଼କୁ ଯା । ପଶ୍ଚିମ ଦିଗକୁ ଯାଉ ଥା ।" ତେବେ, ମୁଁ…ଏହା ମୋତେ ସବୁବେଳେ ବ୍ୟତିବ୍ୟସ୍ତ କରି ଆସିଛି । ଏବଂ ଏପରି ଲାଗେ ଯେପରିକି ପ୍ରତ୍ୟେକ ଥର…

14 ତେବେ, ମୁଁ ମୋ ମନରେ ଏହା ସ୍ପଷ୍ଟ କରି ସାରିଥିଲି ଯେ ଏହି ସପ୍ତାହରେ ମୁଁ ଟ୍ୟୁସାନ୍‌କୁ ଉଡାଜାହାଜରେ ଯାଉଅଛି, ଯେଉଁଠାରେକି ମୋତେ ଏକ ସ୍ଥାନ ଭଡାରେ ନେବାକୁ ଅଛି, ଯେପରିକି ଏହି ଶୀତ ସମୟରେ ସେଠାରେ ରୁହେ; ସେପ୍ଟେମ୍ବର ଆରମ୍ଭରୁ, ପିଲାମାନଙ୍କୁ ବିଦ୍ୟାଳୟରେ ଦେଇ ଦିଏ । ମୋର ଏକ ସ୍ଥାନ ଥିଲା । ଏପରିକି ମୋତେ ସେଠାରେ ଏକ ସ୍ଥାନ ମଧ୍ୟ ଦିଆଯାଇଥିଲା । ମାତ୍ର ସେଠାରେ ଏପରି କିଛି ଗୋଟାଏ ବିଷୟ ଅଛି ଯାହାକି… ଏବଂ—ଏବଂ ଯଦି ମୁଁ ଚାଲିଯାଏ…

15 ଅନ୍ୟ ଏକ ବିଷୟ ମୁଁ କହିବାକୁ ଚାହେଁ । ଆମେ ଠିକ ଏଠାରେ ଏହି ଘର ନିର୍ମାଣ କରିବା ପୂର୍ବରୁ, ସେହି ପୁରୋହିତ ଗୃହକୁ, ଯେଉଁଠାରେକି ଏହା ବର୍ତ୍ତମାନ ଅଛି, ମୁଁ ସେଠାରେ ନିର୍ମାଣ କରିବାକୁ ଚାହୁଁ ନ ଥିଲି । ମୋ ପତ୍ନୀଙ୍କ ମାଆ ବୃଦ୍ଧ ଥିଲେ । ଏବଂ ସେ ଏହା ବିଷୟରେ କାନ୍ଦି ମଧ୍ୟ ଥିଲେ, ସେ କହିଲେ, "ମୁଁ ମୋର ମାଆଙ୍କୁ ଏଠାରେ ଛାଡି ଯାଇପାରେ ନାହିଁ, ଏହା ଜାଣି ଯେ ସେ ବୃଦ୍ଧ ଅଟନ୍ତି, ଏବଂ ସେ ହୁଏତ ଯତ୍ନ ନିଆ ଯାଇପାରନ୍ତି ନାହିଁ ।" ତେବେ, ମୁଁ ତାହା ବୁଝିଥିଲି । ମୁଁ ବୁଝିଲି । ତାହା ତାଙ୍କର ମାଆ ଅଟନ୍ତି, ଏବଂ ଏକମାତ୍ର ମାଆ ଯାହାକି କେବେ ତାଙ୍କର ରହିଥିଲା, କିମ୍ବା କେବେ ରହିବ । ତେଣୁକରି, ମୁଁ ତାହା ବୁଝିଥିଲି । ତେଣୁ ମୁଁ—ମୁଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲି, ମୁଁ କହିଲି, "ପ୍ରଭୁ, ଯେହେତୁ ମୁଁ ଏହି ସ୍ଥାନକୁ ପସନ୍ଦ କରେ ନାହିଁ," ମୁଁ କହିଲି, "ମୋତେ ସନ୍ତୁଷ୍ଟ କର । ମୁଁ ଯେକୌଣସି ସ୍ଥାନରୁ, ସେହି ଯେକୌଣସି ସ୍ଥାନକୁ ଯିବି ଯେଉଁ ସ୍ଥାନକୁ ମୁଁ ଯାଏ ବୋଲି ତୁମେ ଚାହଁ । କିନ୍ତୁ ମୁଁ ମୋତ୍ର ପତ୍ନୀଙ୍କୁ ଦୁଃଖ ଦେବାକୁ ଚାହେଁ ନାହିଁ, ଯେ ତାଙ୍କୁ ଏଠାରୁ ଅନ୍ୟ ଏକ ଅଜଣା ଦେଶକୁ ନେଇଯାଏ, ଯେଉଁଠାରେ ସେ କାହାରିକୁ ଜାଣନ୍ତି ନାହିଁ । ଏବଂ ତାହାପରେ ମୁଁ ସବୁବେଳେ, ଯେକୌଣସି ଭାବରେ ବି ବାହାରେ ଥାଏ । ମୋତେ ତାଙ୍କ ସହିତ ଏଠାରେ ରହିବାକୁ କେବଳ ସନ୍ତୁଷ୍ଟ କର ।"

16 ଏବଂ ବର୍ତ୍ତମାନ, ଯେତେବେଳେ ତାଙ୍କ ମାଆଙ୍କୁ ନିଆ ଯାଇଅଛି, ଏବଂ ସେ ମହିମାକୁ ଚାଲି ଯାଇଛନ୍ତି, ସେତେବେଳେ ଏଠାରେ ବର୍ତ୍ତମାନ ଆଗକୁ ବଢିବା ନିମନ୍ତେ, ଦେଖନ୍ତୁ,

ପୁନର୍ବାର ସେହି ଇଚ୍ଛା ଜାଗ୍ରତ ହୁଏ । ମୁଁ ଜାଣେ ନାହିଁ ଯେ ମୁଁ କଅଣ କରିବି ।

17 ଏବଂ ତାହାପରେ ଅନ୍ୟ ଦିନ ଯେତେବେଳେ ଏହି ଶିକ୍ଷା ଯାହାକି ଭାଇମାନେ ଆଖପାଖରେ ଆରମ୍ଭ କରିଥିଲେ, ଗତ ଥର ଯେତେବେଳେ ମୁଁ ଏଠାରେ ରହିଥିଲି ପ୍ରଚାର ମଞ୍ଚରୁ ଛିଡା ହୋଇ ଆପଣମାନଙ୍କୁ ଏହା କହିଥିଲି ଯେ ମୁଁ ସେପର୍ଯ୍ୟନ୍ତ ପ୍ରଚାର କ୍ଷେତ୍ରକୁ ଯିବି ନାହିଁ ଯେପର୍ଯ୍ୟନ୍ତକି ତାହା ଚାଲୁଥାଏ । ତେଣୁକରି, ଭାଇମାନେ ଦୟା କରି ସେହି ସବୁ ବିଷୟକୁ ସଳଖ କରିଥିଲେ । ଏହା ସବୁ ପରିଷ୍କୃତ କରାହୋଇଛି । ଚବି-ଶ ଘଣ୍ଟା ମଧ୍ୟରେ, ଏହା ସବୁ ସମାପ୍ତ ହୋଇଥିଲା ।

18 ତେବେ ତାହା ପୁଣି ଥରେ ମୋ ପାଇଁ ପ୍ରଚାର କ୍ଷେତ୍ରକୁ ଖୋଲି ଦେଇଥିଲା । ମୁଁ ଜାଣେ ନାହିଁ ଯେ କଅଣ କରିବି । ମୁଁ ଜାଣେ ନାହିଁ ଯେ କେଉଁ ପଥକୁ ବୁଲିବାକୁ ଅଛି । ମୁଁ ପ୍ରଭୁଙ୍କଠାରେ ଏକ ଦର୍ଶନ ଲୋଡିଅଛି । ମୁଁ ତାହାଙ୍କୁ ଅନୁରୋଧ କରିଛି ଯେ ମୋତେ କୁହନ୍ତୁ ଯେ କଅଣ କରିବାକୁ ଅଛି । କିନ୍ତୁ ସେ ମୋତେ କେବଳ ବସି ରହିବାକୁ ଦେଇଛନ୍ତି ।

19 ବର୍ତ୍ତମାନ, ଗତକାଲି ରାତିରେ ଯେତେବେଳେ ମୁଁ ସମସ୍ତ ପିଲାମାନଙ୍କୁ ନିଦ୍ରାକୁ ପଠାଇ ଦେଲି, ମୋ ପତ୍ନୀ ଏବଂ ସମସ୍ତେ, ଘରୁ, ମୁଁ ପ୍ରଭୁ ପରମେଶ୍ୱରଙ୍କ ନିକଟରେ ଏକ ପ୍ରତିଜ୍ଞା କଲି । ଆଉ ମୁଁ ପ୍ରଭୁ ପରମେଶ୍ୱରଙ୍କୁ କହିଲି, "ଯଦି ତୁମେ ମୋତେ ମୋର ଯିବା ମାର୍ଗରେ ଆଶୀର୍ବାଦ କରିବ, ମୁଁ ତୁମର ସେବା କରିବି । କିନ୍ତୁ ତୁମକୁ ମୋତେ ଏହା ଦେଖାଇବାକୁ ପଡିବ ଯେ କେଉଁଠିକୁ ଯିବାକୁ ଅଛି, ଏବଂ କିପରି ଯିବାକୁ ଅଛି, ଏବଂ କଅଣ କରିବାକୁ ଅଛି ।" ତେଣୁ, ମୁଁ ନିଜକୁ ପ୍ରଭୁଙ୍କ ନିକଟରେ ସମର୍ପିତ କଲି । ସେହି ସେବାକାର୍ଯ୍ୟ ସହିତରେ—ସହିତରେ ଏବଂ ସମସ୍ତ କିଛି ସହିତରେ, ମୁଁ ଏହାକୁ ପ୍ରଭୁଙ୍କ ନିକଟରେ ସମର୍ପଣ କଲି । ଏବଂ ମୁଁ କହିଲି, "ତୁମେ ଯେଉଁଠାରେ ବି ଉନ୍ମୁକ୍ତ କରିବ, ତୁମେ ଯାହା ବି କରିବ, ମୁଁ ସେହି ମାର୍ଗରେ ଚାଲିଯିବି । ଯେପର୍ଯ୍ୟନ୍ତ ତୁମେ ଏକ ବାଟ ପ୍ରସ୍ତୁତ ନ କର, ସେପର୍ଯ୍ୟନ୍ତ ମୁଁ ସେହିପରି ଭାବରେ ଜାରି ରଖିଥିବି ଯେପରିକି ମୁଁ ଅଟେ ଯେପର୍ଯ୍ୟନ୍ତକି ତୁମେ ହିଁ ମାର୍ଗ ପ୍ରଶସ୍ତ ନ କର ।" ଏବଂ ମୁଁ ତାହାଙ୍କୁ ଏହାକୁ ଏତେ ଅଧିକ ଭାବରେ ସ୍ପଷ୍ଟ କରିବାକୁ କହିଲି ଯେପରିକି ମୁଁ ଆଉ ଭ୍ରାନ୍ତ ନ କରାଯାଏ, କାରଣ ମୁଁ ପ୍ରକୃତରେ ବିଶ୍ୱାସ କରେ ଯେ ଆମେମାନେ ଠିକ କିଛି ଗୋଟାଏ ବିଷୟ ଘଟିବାକୁ ଥିବାର ଏକ ଛକରେ ଅଛୁ ।

20 ମୁଁ ଆଜି ସକାଳେ ଏଠାରେ ଭାଇ ନେଭିଲ୍‌ଙ୍କୁ ଏହା ବିଷୟରେ ଭବିଷ୍ୟଦ୍‌ବାଣୀ କରୁଥିବାର ଶୁଣିଲି, କିମ୍ବା ଏହାକୁ ସେଠାରେ ପ୍ରଦାନ କରୁଥିବାର ଶୁଣିଲି ଯେଉଁଠାରେକି ମୁଁ ଏହା ଜାଣିଥିଲି ଯେ ଏହା ଏକ—ଏହା ଏକ ଭବିଷ୍ୟଦ୍‌ବାଣୀ ରହିଥିଲା ଯାହାକୁ ସେ ଉଦ୍ଧୃତ କରୁଥିଲେ । ଅତଏବ, ବର୍ତ୍ତମାନ, ମୁଁ ଆପଣ ସମସ୍ତଙ୍କ ପାଇଁ ପ୍ରାର୍ଥନା କରିଅଛି, ଏବଂ ମୁଁ ଚାହେଁ ଯେ ଆପଣ ସମସ୍ତେ ମୋ ପାଇଁ ପ୍ରାର୍ଥନା କରନ୍ତୁ, ଯେପରିକି ପବିତ୍ରଆତ୍ମା ମୋତେ ଠିକ୍ ସେହି ସ୍ଥାନକୁ ମାର୍ଗଦର୍ଶନ କରି ନେଇଯିବେ ଯେଉଁଠାକୁକି ମୋତେ ଯିବା ଉଚିତ୍, ମୋତେ ଯାହା କରିବା ଉଚିତ୍, ଯେପରିକି ମୁଁ ଆଉ କୌଣସି ଭୁଲ କରିବି ନାହିଁ ।

21 ଆପଣ ଦେଖନ୍ତୁ, ଅନେକ ଥର, ଲୋକମାନେ ଭାବନ୍ତି ଯେ ଏକ ଭବିଷ୍ୟତ୍‌ବାଣୀର ଦାନ, ଯାହା ପରମେଶ୍ୱର କେବଳ କୁହନ୍ତି "ମୁଁ ତୁମକୁ ଠିକ *ଏଠାରେ* ଉଠାଇବି, ଏବଂ ତୁମକୁ *ଏଠାରେ* ସ୍ଥାପନ କରିବି । ତେବେ ତୁମେ କେବଳ ଠିକ *ଏଠାକୁ* ଯାଅ ।" ଏବଂ ସେ ଆପଣଙ୍କୁ ସେହି ସମସ୍ତ କଥା କୁହନ୍ତି ନାହିଁ । ଯଦି ସେ କରିବେ, ତେବେ ଆପଣଙ୍କର ଆଉ କି ବିଜୟୀ ବିଶ୍ୱାସ ରହିଲା? ବୁଝିଲେ? ଦେଖନ୍ତୁ, ଆପଣ, ସେ ଆପଣଙ୍କୁ ଅନ୍ୟ କୌଣସି ଲୋକ ଅପେକ୍ଷା ଏକାକୀ ଛିଡା ହେବାକୁ ଦିଅନ୍ତି । ବୁଝିଲେ? ଆପଣ ସମସ୍ତେ ମୋ ପାଖକୁ ଆସି କେତେକ ବିଷୟ ମାଗି ପାରନ୍ତି, ଏବଂ ସେ ଏଯାଏଁ କଦାପି ବିଫଳ ହୋଇନାହାଁନ୍ତି ମାତ୍ର ସେ ଆପଣଙ୍କୁ ସମସ୍ତ କିଛିର ଉତ୍ତର ଦେଇଅଛନ୍ତି । ତାହା ଠିକ୍ ଅଟେ । ହଁ । ମାତ୍ର ମୁଁ ତାହାଙ୍କୁ ମୋ ନିଜ ପାଇଁ ଜିନିଷଗୁଡିକ ମାଗିପାରେ, ଏବଂ ଅନେକ ଥର ସେ ମୋତେ ଏକାକୀ ଛାଡି ଦିଅନ୍ତି, ଦେଖନ୍ତୁ, ମୋତେ କେବଳ ଆଗକୁ ଯିବାକୁ ଦେଇ ସେଥିରେ ଚାଲିବାକୁ ଦିଅନ୍ତି ।

22 ମୋ ପାଖରେ ବର୍ତ୍ତମାନ କେତେକ ବିଷୟଗୁଡିକ ଅଛି ଯାହାକି ମୋତେ ନିଜେ ସମାଧାନ କରିବାକୁ ଅଛି, ଏବଂ କେତେକ ନିଷ୍ପତ୍ତିମାନ ମୋତେ ନେବାକୁ ଅଛି । ଏବଂ ଏହା ଏକ ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେ ମୁଁ ଅବିକଳ ଭାବେ ଏହା ବାରିପାରେ ନାହିଁ ଯେପର୍ଯ୍ୟନ୍ତକି ମୁଁ ଏଥିରେ ନିଶ୍ଚିତ ହୋଇ ନଥାଏ ଯେ ଏହା ସେ ହିଁ ଅଟନ୍ତି ଯିଏକି ମୋ ସହିତ କଥା ହେଉଛନ୍ତି । ଏବଂ ମୁଁ—ମୁଁ...ସେ ମୋତେ ଏକ ଦର୍ଶନ ଦିଅନ୍ତି ନାହିଁ । ସେ ମୋତେ କେବଳ ଏକୁଟିଆ ଛାଡି ଦିଅନ୍ତି । ତେଣୁ ମୁଁ କେବଳ ଏକ ଅନାଥ ଭାବରେ ବସି ରହିଅଛି, ଯେପରିକି, ଆଜି ସକାଳେ, ମୁଁ—ମୁଁ ଜାଣେ ନାହିଁ ଯେ କେଉଁ ପଥ ଆଡେ ବୁଲିବାକୁ ଅଛି । ତେଣୁ, ମୁଁ ଏହାକୁ ପ୍ରଭୁଙ୍କ ନିକଟରେ ସମର୍ପିତ କରିଦେଇଛି ।

23 ମୁଁ—ମୁଁ ସେତେବେଳେ ସେହି ସ୍ୱପ୍ନରେ, ଅନୁଭବ କଲି ଯେ, ମୋତେ ଏଠାରେ ଆରାଧନାଳୟକୁ ଫେରି ଆସିବା ଉଚିତ୍ ଏବଂ ଭାଇ ନେଭିଲ୍‌ଙ୍କୁ ସାହାଯ୍ୟ କରିବା ଉଚିତ ଯେପର୍ଯ୍ୟନ୍ତକି ଅନ୍ୟ କିଛି ବିଷୟ ମାର୍ଗରେ ଘଟିତ ନ ହୁଏ । ତେଣୁ କରି, ମୁଁ ସଙ୍ଗରେ ରହିଥିବି ।

24 ମୁଁ କିଛି ସମୟ ପୂର୍ବରୁ ଭାଇ ନେଭିଲ୍‌ଙ୍କୁ ପଚାରିଲି, "ମଣ୍ଡଳୀ କିପରି ପ୍ରଗତି କରୁଅଛି?"

ଏବଂ ସେ କହିଲେ, "ଉତ୍ତମ ଭାବରେ ।"

25 ଆଉ ତେଣୁ ମୁଁ ଶୁଣୁଅଛି ଯେ ଆପଣମାନଙ୍କ ମଧ୍ୟରେ ଏବେ ସୁଦ୍ଧା ଆତ୍ମିକ ଦାନ ଏବଂ ବିଷୟଗୁଡିକ ରହିଛି, ଯାହା କାର୍ଯ୍ୟକାରୀ ହେଉଅଛି, ଭବିଷ୍ୟତ୍‌ବାଣୀର ଦାନ, ଏବଂ—ଏବଂ ପରଭାଷାରେ କଥା କହିବାର ଦାନ, ଏବଂ ପରଭାଷାର ବ୍ୟାଖ୍ୟା କରିବାର ଦାନ, ଯାହାକି ଆମେ ଠିକ କିଛି କ୍ଷଣ ପୂର୍ବରୁ ଶୁଣିଲୁ । ଏବଂ ସେହି ବିଷୟଗୁଡ଼ିକ ମଣ୍ଡଳୀକୁ ଅତି ଉତ୍ତମ ଭାବେ, ନିଷ୍ଠାପ୍ରାପ୍ତ କରାଉଅଛି ।

26 କିନ୍ତୁ ମୁଁ ଭାବିଲି, ବୋଧହୁଏ ଆଜି ରାତ୍ରି ମୁଁ ହୁଏତ, ଯଦି ଭାଇ ନେଭିଲ୍...ଯଦି ପବିତ୍ରଆତ୍ମା ଆମକୁ କିଛି ଅଲଗା ବିଷୟ ଆଡକୁ ନେଇ ନ ଯାଆନ୍ତି, ତାହାହେଲେ ଆଜି ରାତ୍ରି ମୁଁ ଏକ କରିବାକୁ ଚାହିଁବି...ଆପଣମାନେ ସମସ୍ତେ, ଆଜି ସକାଳେ ଯିବା ପୂର୍ବରୁ, ଆପଣ ଏକ

ପ୍ରଶ୍ନକୁ ଲେଖନ୍ତୁ ଓ ତାକୁ ଏଠାରେ ରଖି ଦିଅନ୍ତୁ, ଆପଣଙ୍କ ମନରେ ଥିବା କୌଣସି ବି ପ୍ରଶ୍ନକୁ, ଯେପରିକି ଆମେ ଜାଣିପାରୁ ଯେ ମଣ୍ଡଳୀ କଅଣ ଚିନ୍ତା କରୁଅଛି । ତାହାହିଁ ସେହି ଉପାୟ ଯେ ପାଳକମାନେ ଏହା ଜାଣିବା ହେତୁ ଅବଲମ୍ବନ କରନ୍ତି ଯେ ଯେ ଲୋକମାନଙ୍କ ହୃଦୟରେ କଅଣ ରହିଛି । ଏବଂ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଗୋଟିଏ ପ୍ରଶ୍ନ, ତାହା ଲେଖନ୍ତୁ ଏବଂ ଏଠାରେ ରଖି ଦିଅନ୍ତୁ । ଯଦି ଆପଣଙ୍କ ପାଖରେ ଏହି ସକାଳରେ ତାହା ଲେଖିବା ପାଇଁ—ପାଇଁ ଖଣ୍ଡେ କାଗଜ ନାହିଁ, ତାହାହେଲେ ଆଜି ରାତିରେ ହିଁ, ଶୀଘ୍ର ଲେଖି ଦିଅନ୍ତୁ । ତେଣୁକରି, ସେଗୁଡିକ ଉପରେ, ମୁଁ ଯେତେ ଅଧିକ ସମୟ ପାରେ ସେତେ ଅଧିକ ସମୟ ନେବାକୁ ଚାହେଁ, ଯେ ସେଗୁଡିକୁ ଦେଖେ ଏବଂ ଶାସ୍ତ୍ର ଅନୁସାରେ ଆପଣଙ୍କୁ ଉତ୍ତର ଦିଏ ।

27 ତାହାପରେ ଯଦି ପ୍ରଭୁ ଇଚ୍ଛା କରନ୍ତି, ଯଦି ଏହା ପରମେଶ୍ୱରଙ୍କ ଇଚ୍ଛା ହୁଏ, ମୁଁ ଏଠାରେ କିଛି ସମୟ ପୂର୍ବରୁ ଏକ ବିବୃତ୍ତି ଦେଇଅଛି, ଯେ ମୁଁ ପ୍ରକାଶିତ ବାକ୍ୟର...ଶେଷ ସପ୍ତ ମୁଦ୍ରା ଉପରେ ଆପଣମାନଙ୍କୁ କହିବାକୁ ଚାହେଁ। ତେବେ ଯଦି ଆମେ...ମୁଁ ଏହି ବର୍ଷ ସାରା ସେହି ମୁଦ୍ରାଗୁଡିକୁ ନେଇପାରିଲି ନାହିଁ, କାରଣ ସେହି ମୁଦ୍ରାଗୁଡିକୁ ନେବାକୁ ହେଲେ, ଏହା ପ୍ରକାଶିତ ବାକ୍ୟର ୫ଷ୍ଠ ପର୍ବରୁ ନେଇ, ସେହି—ସେହି ୧୭ଶ ପର୍ବ ଦେଇ ସମଗ୍ର ଦେଇ ଯାଏ । ମାତ୍ର ସେମାନଙ୍କ ମଧ୍ୟରୁ ପ୍ରଥମ ତିନି କିମ୍ବା ଚାରୋଟି ଗୋଟିଏ ରାତି ମଧ୍ୟରେ ଉତ୍ତର ଦିଆଯାଇପାରେ, ମୁଁ ଭାବୁଛି, ପ୍ରତ୍ୟେକ ମୁଦ୍ରା ଗୋଟିଏ ରାତି ନେବ ।

28 ବର୍ତ୍ତମାନ, ଯଦି ଆମେମାନେ ବୁଝୁଥାଉ, ଦେଖନ୍ତୁ, ଯେଉଁଠାରେକି ଆମେ ଠିକ ସେହି ପ୍ରକାଶିତ ବାକ୍ୟ ପୁସ୍ତକ ଉପରେ ଅଟକିଥାଉ, ଯେଉଁଠାରେ ମଣ୍ଡଳୀ ମହିମାରେ ଉପରକୁ ନେଇ ନିଆଯାଏ, ତାହାପରେ ଏହାର ଅବଶିଷ୍ଟ ଅଂଶ ଯିହୁଦୀମାନଙ୍କ ସହିତ ବ୍ୟବହାର କରିବା ଅଟେ, ଆଦୌ ଆଉ ମଣ୍ଡଳୀ ସହିତ ନୁହେଁ । ଏହା ତ ଯିହୁଦୀ ରାଷ୍ଟ୍ର ସହିତ ବ୍ୟବହାର କରିବା ଅଟେ । ତେଣୁକରି ଆମକୁ ପଛକୁ ଫେରିବାକୁ ପଡିବ, ମଣ୍ଡଳୀର ଉର୍ଦ୍ଧାନ୍ତିକରଣରୁ, ଏବଂ ନେବାକୁ ପଡ଼ିବ...ଆମେମାନେ ଏଠାରେ ଦେଖୁ ଯେ ସେହି ମୁଦ୍ରାଗୁଡିକର ସମୟରେ, ଏବଂ ବିଜାତୀୟ ମଣ୍ଡଳୀର ସମୟରେ କଅଣ ଘଟିଥାଏ । ମଣ୍ଡଳୀ ଚାଲିଗଲା ଉତ୍ତାରେ; ଏବଂ ଇସ୍ରାଏଲ ରାଷ୍ଟ୍ର ହୋଇଯାଇଥିବା ସହ, ଏହା ପଛକୁ ଯାଏ ଏବଂ ଇସ୍ରାଏଲକୁ ସେହି ସମୟଠାରୁ ଯେତେବେଳେକି ଏହା ସେମାନଙ୍କୁ ଛାଡ଼ି ଦିଆଯାଇଥିଲା, ସେହି ସମୟରୁ ଆଧୁନିକ ସମୟ ପର୍ଯ୍ୟନ୍ତ; ଏବଂ ଆସୁଥିବା ଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ ନେଇ ଆସେ, ଯେତେବେଳେ ସେମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବେ ।

29 ବର୍ତ୍ତମାନ କଅଣ ଆପଣ ତାହା ବୁଝିଲେ? ମଣ୍ଡଳୀକୁ ଉପରକୁ ନିଆଯାଇଛି । ପରମେଶ୍ୱର ପ୍ରଥମେ ମଣ୍ଡଳୀ, ମଣ୍ଡଳୀ ଯୁଗ ସହିତ ବ୍ୟବହାର କରିଥିଲେ । ଆମେ ତାହା ନେଇଛୁ । ତାହାପରେ ମଣ୍ଡଳୀକୁ ମହିମାରେ ଉପରକୁ ନେଇ ନିଆଯାଏ । ତାହାପରେ ପବିତ୍ରଆତ୍ମା ଫେରି ଯାଇ ଇସ୍ରାଏଲକୁ, ଏକ ରାଷ୍ଟ୍ର ଭାବେ ନିଅନ୍ତି । ଏବଂ ଏହାକୁ ଏତେ ଦୂର ପର୍ଯ୍ୟନ୍ତ ନେଇ ଆସନ୍ତି, ଯେତେବେଳେକି ବିବାହ ଭୋଜି ଚାଲିଥାଏ, ଏବଂ ତାହାପରେ ସେଗୁଡିକୁ ସେହି ସମୟର ଶେଷରେ ପୁନର୍ବାର ଫେରାଇ ଆଣନ୍ତି । ମୁଁ ମୋର କଳାପଟାକୁ

ପ୍ରସ୍ତୁତ କରିବି, ଏବଂ ଯେତେବେଳେ ସମୟ ଆସେ, ଏହାକୁ ଚିତ୍ରାଙ୍କନ କରି ତାହାକୁ ଶିଖାଇ ପାରିବାରେ ସକ୍ଷମ ହେବି। ତାହାପରେ ପ୍ରଭୁ କନ୍ୟା ସହିତ ଫେରି ଆସନ୍ତି, ଏବଂ ଇସ୍ରାଏଲ କନ୍ୟାକୁ ଦେଖେ। ଏବଂ, ଓଃ, ତାହା କି ଏକ ସମୟ ହେବ!

30 ବର୍ତ୍ତମାନ, ଏହା ପୂର୍ବେକି ଆମେ ଏହାକୁ ସଠିକ୍ ଭାବରେ ମିଶାଇପାରୁ, ସେଠାରେ ଏକ ମହାନ ଶିକ୍ଷା ଅଛି ଯାହାକି ଧର୍ମଶାସ୍ତ୍ରୀ ଏବଂ ଅନେକଙ୍କ ପାଇଁ, ପୁଣି ଯୁଗ ଯୁଗ ଧରି ଶିକ୍ଷକମାନଙ୍କ ପାଇଁ ଝୁଣ୍ଟିବାର କାରଣ ହୋଇଆସିଛି, ଏବଂ ଚର୍ଚ୍ଚ ଅଫ କ୍ରାଇଷ୍ଟ ମଣ୍ଡଳୀର ଲୋକମାନେ ଏବଂ ଅନ୍ୟମାନେ ଯେଉଁମାନେକି ଏହାକୁ ଶୁଣିବା ପାଇଁ ଆସୁଛନ୍ତି, ତାହା ହେଲା, ଦାନିୟେଲଙ୍କ ସତୁରି ସପ୍ତାହ। ଆମେମାନେ ନେଇଅଛୁ…ଆମେମାନେ ପ୍ରକାଶିତ ବାକ୍ୟରେ ଆଉ ଅଧିକ ଆଗକୁ ଯାଇପାରିବା ନାହିଁ ଯେପର୍ଯ୍ୟନ୍ତକି ଆମେ କନ୍ୟା ଏବଂ ଇସ୍ରାଏଲକୁ ଦାନିୟେଲଙ୍କ ସତୁରି ସପ୍ତାହ ସହିତ ମିଶାଇ ନ ଦେଇଛୁ। ଏବଂ ହୋଇପାରେ, ଯଦି ପରମେଶ୍ୱର ଇଚ୍ଛା କରନ୍ତି, ତେବେ ଯେପରିକି ଏହି ସତୁରି ସପ୍ତାହ ମଧ୍ୟରୁ କିଛି ବିଷୟ ଉପରେ କହିବାକୁ, ଯଦି ସେ ଭବିଷ୍ୟତରେ ମୋ ସହିତ କଥା ହୁଅନ୍ତି…କିମ୍ୱା, ସତୁରି ସପ୍ତାହ ନୁହେଁ, ବରଂ ସପ୍ତ ଶେଷ ମୁଦ୍ରାଗୁଡିକ ଉପରେ କହିବାକୁ। ତେବେ ଆସନ୍ତା ରବିବାର, ପ୍ରଭୁଙ୍କ ଇଚ୍ଛା ହେଲେ, ମୁଁ ଦାନିୟେଲଙ୍କ ସତୁରି ସପ୍ତାହ, ଆଗାମୀ ରବିବାରରେ ନେବାକୁ ଚେଷ୍ଟା କରିବି। ଏବଂ ତାହାପରେ ତାହା ସେହି ଭିତ୍ତିଭୂମିକୁ ଉନ୍ମୁକ୍ତ କରି ଦେବ, ଯଦି ସେ ଆମକୁ କଢେଇ ନେବେ, ଯେଣୁ ଆମେ ଅନ୍ୟ ବିଷୟଗୁଡିକ ଉପରେ ଆରମ୍ଭ କରୁ। ତେବେ, ତାହାପରେ ଆମେ ସେହି ସମୟଠାରୁ ଖୋଜିବା।

31 ଭାଇ ନେୱିଲ୍ ଏବଂ ମୁଁ ଏହା ଉପରେ ଏକାଠି କାମ କରିବୁ, ଏବଂ ଲୋକମାନଙ୍କ ଉପକାର ପାଇଁ ଆମେ ଯାହା କରିପାରିବୁ ତାହା ସବୁ କିଛି କରିବୁ।

32 ତେବେ, ପ୍ରତ୍ୟେକ ଥର ପଛକୁ ଫେରି, ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିଥାଉ, ଆମେ ତାହା କରିବା ପାଇଁ ସର୍ବଦା ଆନନ୍ଦିତ ଅଟୁ। ଏବଂ ବୋଧହୁଏ ମୁଁ ପ୍ରତ୍ୟେକ ସଭାରେ ତାହା କରିବି, ଯଦି ଲୋକମାନେ ଅସୁସ୍ଥ ଥାଆନ୍ତି, ଯେ ସେମାନଙ୍କ ପାଇଁ ପ୍ରାର୍ଥନା କରେ।

33 ମୁଁ ଆଉ ଅଧିକ ହୃଦୟର ଗୁପ୍ତ ବିଷୟ ଜାଣିବାକୁ ଇଚ୍ଛା କରେ ନାହିଁ। ଦେଖନ୍ତୁ, ବର୍ତ୍ତମାନ ଏଠାରେ ତାହା ଅଟେ ଯାହାକି ଘଟିଥିଲା। ମୁଁ ଚେଷ୍ଟା କରିଛି। ଏବଂ ମୁଁ ଜାଣେ ଯେ ମୁଁ ଏହିପରି କାର୍ଯ୍ୟଗୁଡିକ କରିଅଛି ଯାହାକି ଭୁଲ୍ ଅଟେ; ମାତ୍ର ମୁଁ ସର୍ବଦା, ପରମେଶ୍ୱରଙ୍କ ପ୍ରତି, ପରମେଶ୍ୱରଙ୍କ ଯଥେଷ୍ଟ ସନ୍ନିକଟତାରେ ରହିବାକୁ ଚେଷ୍ଟା କରିଛି, ସେହିପରି ଭାବରେ ହିଁ ଏହି ଦର୍ଶନଗୁଡିକ ଘଟିଥାଏ, ସେହିପରି ଭାବରେ ସେଗୁଡିକ ଘଟିତ ହୁଏ। ଏପରିକି ଲୋକମାନେ ଜିନିଷଗୁଡିକ ହରାଇଥାନ୍ତି, ଏବଂ ମୋତେ ଡାକନ୍ତି, ମୋତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ କୁହନ୍ତି, ଏହା ପଚାରି ଜାଣିବା ହେତୁ ଯେ ତାହା କେଉଁଠାରେ ଅଛି। ଯେପରିକି ଜେସି ଖଚରଗୁଡିକୁ ହରାଇଥିଲେ, ଏବଂ ବାଳକମାନେ ଭବିଷ୍ୟଦ୍‌ବକ୍ତାଙ୍କୁ ଖୋଜିବା ପାଇଁ

ଯାଇଥିଲେ, ଏବଂ ସେ ସେମାନଙ୍କୁ କହିଲେ ଯେ ସେହି ଖଚରଗୁଡିକ ଘରକୁ ଫେରି ଯାଇଛନ୍ତି । ସେହିପରି ଭାବରେ ପ୍ରଭୃତି, ତାହା ଅବିକଳ ଠିକ୍ ଅଟେ । କିନ୍ତୁ ଏହା ଏତେ ଅଧିକ ସଂଘଟିତ ହୋଇଥାଏ, ଯେ ବହୁତ ଲୋକମାନେ…କେବଳ ଏହିପରି ଅଞ୍ଚଳରେ ନୁହେଁ; ଏହା ବିଶ୍ୱ-ବ୍ୟାପୀ ଅଟେ, ଦେଖନ୍ତୁ । ତେଣୁ ଏହା କେବଳ ହୋଇଥାଏ, ମୋତେ ଏତେ ଭଗ୍ନ ଚୂର୍ଣ୍ଣ ରଖିଥାଏ, ଏବଂ ତାହାପରେ ଆପଣଙ୍କୁ ସବୁବେଳେ ଧାରରେ ରଖେ, ଯେପର୍ଯ୍ୟନ୍ତକି ଏହା ଏପରି ଏକ ସ୍ଥାନକୁ ନ ପହଞ୍ଚିଯାଏ…

34 ଏବଂ ତାହା ହିଁ ଅଟେ ଯାହାକି ଭାଇମାନଙ୍କୁ ଶିକ୍ଷା ଆରମ୍ଭ କରାଇବାକୁ ପ୍ରବର୍ତ୍ତାଇଥିଲା, ଯେ ମୁଁ ଅବତରିତ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଥିଲି । ଏବଂ ଆମେମାନେ ଜାଣୁ ଯେ ତାହା କେବଳ ସେବାକାର୍ଯ୍ୟକୁ ବିଖଣ୍ଡିତ କରି ନଷ୍ଟ କରିଦେବ, ଏବଂ ଖ୍ରୀଷ୍ଟ ଓ ସବୁକିଛି ଉପରେ ନିନ୍ଦାକୁ ନେଇ ଆସିବ । ବୁଝିଲେ? ତେଣୁ ସେହି କାରଣରୁ ମୋତେ ସେମାନଙ୍କୁ ଏକ ବଡ଼ ଆକାରରେ ଦୋହଲାଇବାକୁ ପଡିଲା, ଯେ ଏହାକୁ ସେହି କ୍ଷଣ ହିଁ ବନ୍ଦ କରାଯାଏ, ଯେପରି ସେମାନେ ଏହା ଜାଣନ୍ତି ଯେ ତାହା ପରମେଶ୍ୱରଙ୍କର ନ ଥିଲା, ତାହା ଶୟତାନର ଥିଲା । ବୁଝିଲେ? ଏବଂ ସେମାନେ ଉତ୍ତମ ଲୋକମାନେ ଅଟନ୍ତି । ଏବଂ ତାହା ଦର୍ଶାଇଲା ଯେ ସେହି ଲୋକମାନେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଜନ୍ମ ପ୍ରାପ୍ତ ହୋଇଥିଲେ, କାରଣ, ଯେତେବେଳେ ସେମାନେ ଶାସ୍ତ୍ର ଦ୍ୱାରା ସତ୍ୟତାକୁ ଦେଖିଲେ, ସେମାନେ ତୁରନ୍ତ ହିଁ, ଅବିକଳ ଭାବେ, ପରମେଶ୍ୱରଙ୍କ ନିକଟକୁ ଫେରିଗଲେ । ତେଣୁ, ତାହା ଏହା ଦର୍ଶାଇଲା ଯେ ଶୟତାନ ଲୋକମାନଙ୍କ ସହିତ କିଛି କରିବାକୁ ଚେଷ୍ଟା କରୁଥିଲା; ସେମାନେ ସମସ୍ତେ ଧାର୍ମିକ, ଖ୍ରୀଷ୍ଟିଆନ ଲୋକମାନେ ଥିଲେ ।

35 ଏବଂ ତାହା ସେମାନଙ୍କ ମଧ୍ୟରୁ ଅନେକଙ୍କୁ ମୋତେ ଏହା କହିବାକୁ ପ୍ରବର୍ତ୍ତାଇଲା, "ଭାଇ ବ୍ରାନ୍‌ହାମ୍, ଆମର ବର୍ତ୍ତମାନ ଆପଣଙ୍କ ଉପରେ ଆଗ ଅପେକ୍ଷା ଆହୁରି ଅଧିକ ଆତ୍ମବିଶ୍ୱାସ ରହିଛି ।"

36 କାରଣ ଦେଖନ୍ତୁ, କଅଣ, ପରମଦେଶ୍ୱର ମୋତେ ଦେଇଥିବା ସେହି ଦାନ ସହିତ, ମୁଁ ତାହା ସହିତ କଅଣ ବା କରିପାରିଥାନ୍ତି? ଏହି ରାଷ୍ଟ୍ରକୁ, କିମ୍ବା, ଲୋକମାନଙ୍କୁ ମୋର ପାଦ ତଳେ ନତ କରି ଦେଇଥାଆନ୍ତି । ଯାହାକୁ ଆମେ *ଏକ ରାଷ୍ଟ୍ର* ବୋଲି କହିଥାଉ, ତାହା ଏଠାରେ "କୋସ୍ମୋସ୍," ସେହି—ସେହି ବିସ୍ଫୋଟକ ଚାରା ଓ ଇତ୍ୟାଦି ନୁହେଁ । ମୋର କହିବାର ଅର୍ଥ ଖ୍ରୀଷ୍ଟିଆନ, ପ୍ରକୃତ ବିଶ୍ୱାସୀ, ଯାହାକି ସର୍ବୋତ୍ତମ ଲହୁଣୀ ଅଟେ…ଆମେ *ରାଷ୍ଟ୍ର* କହିଲେ, ଆମେ "ନୂତନ ଜନ୍ମ ପାଇଥିବା ଲୋକ" ବୋଲି ପ୍ରଚାର କରୁ, ତାହାହିଁ ଅଟେ ଯାହାକୁ ଆମେ ରାଷ୍ଟ୍ର, ବୋଲି କହିଥାଉ । ତାହା କେବଳ ଏଠାରେ ବାହାରେ ରହିଥିବା ସମସ୍ତେ ନୁହେଁ, ତାହା ତ ଏତେ ଅପରିଷ୍କାର ଏବଂ ଆବର୍ଜନା ଅଟେ ଯେ ଆମେ ଏହି ଜଗତରେ ବାସ କରୁଅଛୁ, ତାହା ତ କେବଳ—ତାହା ତ କେବଳ ପୃଥିବୀର ଧୂଳି ଅଟେ ଯାହାକି ପଶ୍ଚାଦ୍ଗମନ କରୁଅଛି । ମୁଁ ତ ନୂତନ-ଜନ୍ମ ପାଇଥିବା ଖ୍ରୀଷ୍ଟିଆନମାନଙ୍କ ବିଷୟରେ କହୁଅଛି, ଲୋକମାନେ ଯେଉଁମାନେକି ପ୍ରକୃତ ଖ୍ରୀଷ୍ଟିଆନ ଅଟନ୍ତି ।

37 ମୁଁ ଅପେକ୍ଷା କରୁଛି ଯେ ଜଣେ ବ୍ୟକ୍ତି ମୋ ଉପରେ କୌଣସି ବିଷୟକୁ ନେଇ ପୁନର୍ବାର ଝାମ୍ପ ଦିଅନ୍ତୁ । କିଛି ସମୟ ପୂର୍ବରୁ କେହି ଜଣେ ମୋ ପାଖକୁ ଆସିଲେ, ଓ କହିଲେ, "ଖ୍ରୀଷ୍ଟଙ୍କ ଭୂମି ଉପରେ ଛେପ ପକାଇବାର, ସେହି ଧାରଣା, ପୁଣି ତାଙ୍କ ଛେପ ସହିତ, ଏକ ପିଠା ତିଆରି କରି ଏହାକୁ କାହାର ଆଖି ଉପରେ ଲେପନ କରିବା ।" କହିଲେ, "ତାଙ୍କ ପକ୍ଷରେ ଛେପ ପକାଇବା, ତାଙ୍କ ପାଟିରୁ ନିଜର ଛେପ ପକାଇବା କେତେ ମନ୍ଦ, ଅପରିଷ୍କାର ଥିଲା! ମଇଳା ଭିତରେ ଛେପ ପକାଇବା, ଏବଂ କାଦୁଅ ପିଠା ତିଆରି କରିବା ଏବଂ ଏହାକୁ ମନୁଷ୍ୟର ଆଖି ଉପରେ ଲେପନ କରିବା, ତାହା କେତେ ଅସ୍ୱାସ୍ଥ୍ୟକର ଥିଲା ।"

ମୁଁ କହିଲି, "ମାତ୍ର ସେ ତ ଦୃଷ୍ଟିଶକ୍ତି ଫେରି ପାଇଲା ।" ଦେଖନ୍ତୁ, ତାହାହିଁ ଏହା ଅଟେ ।

38 ଏବଂ ସେହି ସମାନ ବ୍ୟକ୍ତି! ସେମାନେ ମୋ ଘର ପାଖରେ ସେଠାରେ ଏକ ନଗ୍ନ ଶିବିର ଖୋଲିଲେ, ଆପଣ ଜାଣନ୍ତି, ସେହି ସନ୍ତରଣ କୁଣ୍ଡ । ଏବଂ—ଏବଂ ସେହି ବ୍ୟକ୍ତିଙ୍କ ପାଖରେ ତାଙ୍କର ପ୍ରତ୍ୟେକ ପିଲାଙ୍କ ନିମନ୍ତେ ଟିକଟ ଥିଲା ଯେ ସେମାନେ ସେଠାକୁ ଯାଇ ସନ୍ତରଣ କରିବେ । ଆଉ ସେ ଏବଂ ତାଙ୍କ ପତ୍ନୀ, ମଧ୍ୟ, ସେହି କୁଣ୍ଡକୁ ଯାଆନ୍ତି । ମୋତେ କ୍ଷମା କରିବେ, ମୋର ଭଉଣୀମାନେ । କିନ୍ତୁ ଯେଉଁଠାରେ ସେହି ସ୍ତ୍ରୀଲୋକମାନେ ସେଠାରେ ସନ୍ତରଣ କରନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟଃ ଶହେ ଜଣା, କିମ୍ବା ଦୁଇ ଶହ ଜଣ, ପ୍ରତିଦିନ; ସ୍ତ୍ରୀଲୋକମାନେ, ସେସମସ୍ତ ଅପରିଷ୍କାର ଏବଂ ଜିନିଷମାନ, ଏବଂ ଆଜିର ମହିଳାମାନେ, ଏବଂ ସେହି ପାଣିରେ ଧୋଇ ହେଉଥିବା, ସେମାନଙ୍କ ପାଟିରେ ଥିବା ସେହି ମଇଳା ଏବଂ ମନ୍ଦ ବିଷୟ, ଏବଂ ଏହାକୁ ଗିଳି ଦେଉଥିବା ଏବଂ ଛେପ ପକାଇବା । ଦେଖନ୍ତୁ, ମୁଁ ଚାହେଁ ଯେ ସେ ମୋ ଉପରେ ଝାମ୍ପ ଦିଅନ୍ତୁ ।

39 ସେମାନେ କହିଲେ, "ଯଦି—ଯଦି ଖ୍ରୀଷ୍ଟ ଆଜି ଜୀବିତ ଥାଆନ୍ତେ, ତାହାହେଲେ ସେମାନେ ସେହି ଅସ୍ୱାସ୍ଥ୍ୟକର ବିଷୟ ପାଇଁ ତାଙ୍କୁ ଗିରଫ କରି ନେଇଥାନ୍ତେ ।"

40 ସେହି ବିଷୟରେ କଅଣ ଅଟେ? ମୁଁ ନିଶ୍ଚିତ ଯେ ଆପଣ ତାହା ବୁଝୁଛନ୍ତି ଯାହା ମୋର ଅଭିପ୍ରାୟ ଅଟେ । ସେମାନେ ଠିକ ସେହି ସନ୍ତରଣ କୁଣ୍ଡକୁ ଯାଆନ୍ତି, ଏବଂ ସେମାନଙ୍କ ମଧ୍ୟରୁ ଅନେକେ ତ ରୋଗଗୁଡିକ ସହିତ, ସାଇଫିଲିଟିକ୍, ଗୋନୋରିଆ, ଏବଂ ଅନ୍ୟାନ୍ୟ ରୋଗସବୁ, ଠିକ୍ ସେହିଠାରେ ରହିଥାଏ । ଏବଂ ଏହାକୁ କେବଳ ନିଜ ପାଟିରୁ ଛେପ ପକାଉଥିବା, ଏବଂ ସେହିପରି ସବୁକିଛି କରିବା, ଏବଂ ସେଠାରେ ସେହିପରି ଭାବରେ ଧୋଇ ହେଉଥିବା । ଏବଂ ଅବଶ୍ୟ, କଅଣ ତାହା ସ୍ୱାସ୍ଥ୍ୟକର ବିଷୟ ଅଟେ?

41 ତେଣୁକରି, ଓଃ, ମୋର ପ୍ରଭୁ, ଏହି ଯେଉଁ ଦିନରେ ଆମେମାନେ ଆଜି ରହୁଅଛୁ, ଭାଇ, ଭଉଣୀ! ଏହା ପ୍ରଭୁଙ୍କର ଆଗମନ ନିମନ୍ତେ ସମୟ ଅଟେ! ଏବଂ ମଣ୍ଡଳୀର ଗୋଟିଏ ଭରସା ଅଛି, ଏବଂ ତାହା ହେଉଛି ପ୍ରଭୁଙ୍କର ଆଗମନ ।

42 ତେବେ, ମୁଁ ସେହି ବିଷୟଗୁଡ଼ିକୁ ବନ୍ଦ କରିପାରେ ନାହିଁ; କୌଣସି ଆବଶ୍ୟକତା ମଧ୍ୟ ନାହିଁ । ବାଇବଲ ତ ପୂର୍ବରୁ କହିସାରିଛି ଯେ ସେମାନେ ଏଠାରେ ରହିବେ । ମୁଁ ସେମାନଙ୍କୁ

ଅଟକାଇ ପାରେ ନାହିଁ। ମାତ୍ର ମୁଁ ସ୍ୱର୍ଗରେ ମୋର ସ୍ୱରକୁ ରେକର୍ଡରେ ଚାହେଁ, ଯେତେବେଳେ ବିଚାର ନିମନ୍ତେ ସମୟ ଆସେ, ଯେ ମୁଁ ଏହା ବିରୁଦ୍ଧରେ ରହିଥିଲି। ମୁଁ ଏହା ବିରୁଦ୍ଧରେ ରହିଥିଲି।

43 ମୁଁ ଏବେ ସୁଦ୍ଧା ବିଶ୍ୱାସ କରେ ଯେ ଏହି ବାଇବଲ ହେଉଛି ପରମେଶ୍ୱରଙ୍କ ବାକ୍ୟ। ତାହାପରେ ଜଗତରେ ଏହାର ବିପରୀତରେ, ଆଉ ଏପରି କିଛି ନାହିଁ, ଯାହାକି ଏହାକୁ କେବେ ଅଟକାଇ ଦେଇପାରେ। କିନ୍ତୁ ଏଠାରେ ଥିବା ଏହି ବାଇବଲ, ଏହା ସତ୍ୟ ଅଟେ, ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ। ତେଣୁକରି ବର୍ତ୍ତମାନ ଆସନ୍ତୁ ଆମେମାନେ ଆମର—ଆମର—ଆମର ଜାହାଜର ପାଲଗୁଡିକୁ କେବଳ ପକଟକୁ ଟାଣି ନେବା, ଏବଂ କିଛି କାଳ ବିଶ୍ରାମସ୍ଥଳର ଶାନ୍ତିପୂର୍ଣ୍ଣ କୂଳରେ ଲଙ୍ଗର ପକାଇବା। ଏବଂ—ଏବଂ ଆମେ ଆସନ୍ତାକାଲି କୌଣସି ସ୍ଥାନକୁ ଯାତ୍ରା କରିପାରିବା, ମାତ୍ର ଆସନ୍ତୁ ଆମେମାନେ ବର୍ତ୍ତମାନ ଲଙ୍ଗର ପକାଇବା ଏବଂ ଆମର ସ୍ୱର୍ଗୀୟ ପିତାଙ୍କ ସ୍ୱରକୁ ଶୁଣିବା ଯେତେବେଳେକି ସେ ଆଜି ତାହାଙ୍କର ବାକ୍ୟ ମାଧ୍ୟମରେ ଆମ ସହିତ କଥା ହୁଅନ୍ତି, ଆମେ ଆଜି, ଭରସା କରୁଛୁ।

44 ଏବଂ ଆଜି ରାତିରେ, ବର୍ତ୍ତମାନ, ଆପଣଙ୍କର ଯାହାକିଛି ଛୋଟ ପ୍ରଶ୍ନଟିଏ ଅଛି ଆପଣ ତାକୁ ଠିକ୍ କରି ନିଅନ୍ତୁ। ବର୍ତ୍ତମାନ, ଏପରି କିଛି ନୁହେଁ ଯାହାକି କାହାରି କ୍ଷତି କରିବାକୁ ଯାଉଛି। ଯଦି ଆପଣ ତାହା କରନ୍ତି, ତେବେ ତାହା…ଦେଖନ୍ତୁ, ଆରମ୍ଭରୁ ହିଁ, ମୁଁ ଏହାର ଉତ୍ତର ଦେବି ନାହିଁ। ମାତ୍ର ଆପଣ, *ଅନ୍ୟ କିଛି-କେହି,* କୁହନ୍ତି, "ତେବେ, ବର୍ତ୍ତମାନ, ଯଦି ମୁଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରେ, କଅଣ ପରମେଶ୍ୱର କୁହନ୍ତି ଯେ ଆମେ ଏହା କରିବା ଉଚିତ୍?" କିମ୍ବା, ଆପଣ ଜାଣନ୍ତି, ଆପଣଙ୍କ ହୃଦୟରେ ଥିବା ଛୋଟ ଛୋଟ ପ୍ରଶ୍ନମାନ। କିମ୍ବା, "ଆମ ସହିତରେ ଦାନଗୁଡିକ କାର୍ଯ୍ୟକାରୀ ହେଉଅଛି, ଭାଇ ବ୍ରାନହାମ୍, ଏବଂ କଅଣ ଆମେ ସେଗୁଡିକୁ *ଏହି* ଉପାୟରେ କିମ୍ବା *ସେହି* ଉପାୟରେ କାର୍ଯ୍ୟକାରୀ ଉଚିତ କି? କିମ୍ବା, ଆମେ କଅଣ କରିବା ଉଚିତ୍?" ଏପରି କିଛି ଯାହାକି ମୁଁ ଆପଣମାନଙ୍କୁ ଶାସ୍ତ୍ରରୁ ଉତ୍ତର ଦେଇପାରିବି, ଆପଣ ଦେଖନ୍ତୁ। ଏପରି କିଛି ଗୋଟାଏ ଛୋଟ ବିଷୟ ଲେଖନ୍ତୁ। ମୁଁ ଖୁସି ହେବି। ଆଉ ଯଦି ସେଠାରେ କିଛି ନ ଥାଏ, ତାହାହେଲେ ମୁଁ କିଛି ଗୋଟିଏ ପ୍ରକାରର କେବଳ ଏକ ବିଷୟକୁ ନେବି, ଏବଂ ପ୍ରଭୁଙ୍କ ଇଚ୍ଛା କଲେ, ଆଜି ରାତିରେ ଆପଣମାନଙ୍କୁ ପ୍ରଚାର କରିବି। ଏହା ରବିବାର ଅଟେ, ଏବଂ ମୁଁ କରିଆସିଛି…

45 ଗତ ରବିବାର ମୁଁ ଭାଇ କବଲ୍‌ଙ୍କ ପାଖକୁ ଯିବାକୁ ଆରମ୍ଭ କଲି। ଏବଂ ମୁଁ ଏହି ଗୀର୍ଜା ଘଣ୍ଟି ବାଜିବାର ଶୁଣିଲି, ଆଉ ମୁଁ ବାରଣ୍ଡାରେ ଉପରକୁ ଓ ତଳକୁ ଚାଲୁଥିଲି। ମୁଁ ଏହାକୁ ସହି ପାରିଲି ନାହିଁ। ତାହାହିଁ ସବୁକିଛି ଥିଲା। ମୁଁ ଆପଣଙ୍କୁ ଶୁଣିଲି, ତେଣୁକରି ମୋତେ—ମୋତେ—ମୋତେ କେବଳ ତଳକୁ ଆସିବାକୁ ହିଁ ପଡିଲା।

46 ତେଣୁକରି ତେବେ ଆସନ୍ତୁ ଆମେମାନେ ବର୍ତ୍ତମାନ ନିଜର ମସ୍ତକଗୁଡିକୁ କେବଳ ନତ କରିବା ଓ ଆମର ସୃଷ୍ଟିକର୍ତ୍ତାଙ୍କ ସହ କଥା ହେବା, ଏବଂ ତାହାପରେ ଏକ ପ୍ରାର୍ଥନାର ଶବ୍ଦରେ

ଯିବା । କଅଣ କାହାରିର ଏକ ବିଶେଷ ଅନୁରୋଧ ଅଛି କି? କେବଳ ନିଜର ହାତ ଉଠାନ୍ତୁ, କେବଳ କୁହନ୍ତୁ, "ମୁଁ..." ଏହାକୁ କେବଳ ଜଣାନ୍ତୁ । ପରମେଶ୍ୱର ଜାଣନ୍ତି ଯେ ଆପଣଙ୍କ ହୃଦୟରେ କଅଣ ଅଛି । ତେବେ କେବଳ ଆପଣଙ୍କର ଅନୁରୋଧକୁ ନିଜ ମନରେ ରଖନ୍ତୁ ।

47 ଅତ୍ୟନ୍ତ ପବିତ୍ର ପରମେଶ୍ୱର, ଯିଏକି ସ୍ୱର୍ଗ ଓ ପୃଥିବୀକୁ, ଆପଣାର ମୁଖର ବାକ୍ୟ ଦ୍ୱାରା, ଆପଣାର ମନର ବିଚାରଗୁଡିକ ଦ୍ୱାରା ସୃଷ୍ଟି କରିଛନ୍ତି, ଆମେମାନେ ଆମ ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା, ତୁମ ଉପସ୍ଥିତିକୁ ଆସୁଅଛୁ, ଯେ ତୁମକୁ ସେସମସ୍ତ ବିଷୟ ପାଇଁ ଧନ୍ୟବାଦ ଦେଉ ଯାହା ତୁମେ ଆମ ପାଇଁ କରିଅଛ । ଏବଂ ପ୍ରଭୁ, ଆଜି ସକାଳେ, ଆମେମାନେ ଏହା ଜାଣିବା ହେତୁ ଯେ ଆମେମାନେ କେଉଁଠାରେ ଛିଡା ହୋଇଅଛୁ, ଆଜି ସକାଳେ ଆମର ସ୍ଥିତିକୁ ଜାଣିବା ହେତୁ, ଏବଂ ସମୟର ଇତିହାସକୁ, ଏବଂ ଆସୁଥିବା ଭବିଷ୍ୟତକୁ ଜାଣିବା ହେତୁ, ତୁମଠାରେ ଅତ୍ୟନ୍ତ କୃତଜ୍ଞ ଅଟୁ । ଆଜି ଏହା ଜାଣିବା, ଯେ ପରମେଶ୍ୱରଙ୍କ ଅନୁଗ୍ରହରେ, ଆମେ କାଲ୍‌ଭରୀର ରକ୍ତରେ ଧୌତ ହୋଇଅଛୁ, ଯେ ଯଦି ସେ ଆଜି ଆସନ୍ତି, ତାହାହେଲେ ତାହାଙ୍କୁ ସାକ୍ଷାତ କରିବା ନିମନ୍ତେ, ନିଜ ହୃଦୟରେ ବିଶ୍ୱାସକୁ ରଖି, ଆମେମାନେ ପ୍ରସ୍ତୁତ ଅଟୁ । ଆମେମାନେ କହିବା ଉଚିତ୍, "ହଁ, ପ୍ରଭୁ ଯୀଶୁ, ଆସ ।"

48 ଏବଂ ଆମେ ପାପକୁ ଗଦା ହେଉଥିବାର ଦେଖୁ, ଏପରିକି ଯେ ସେହି ଜଗତ ଏହି ପାପର ପ୍ରଭାବରେ ଝୁଣ୍ଟି ପଡୁଥିବା ପରି ଦେଖାଯାଏ । କିପରି ସେହି ମଦ ପିଇବା ଏବଂ ଜୁଆ ଖେଳିବା, ଆଉ ଆମୋଦ ପ୍ରମୋଦ, ଏବଂ ନଗ୍ନତା, ପୁଣି, ଓଃ ପରମେଶ୍ୱର, ଲୋକମାନଙ୍କର ସେହି ମନ୍ଦତା, ଓ ମଇଳା ଏବଂ ଆବର୍ଜନା । ଏବଂ ସେମାନେ କିପରି, ଯଦି ସେମାନେ ଏହା କେବଳ ଅନୁଭବ କରିପାରିବେ, ପ୍ରଭୁ! କଅଣ ସେହି ଲୋକମାନେ, ଯେଉଁମାନେକି ସେହି ଛୋଟ ପୁରୁଣା ଅଭକ୍ତିକର ପୋଷାକଗୁଡିକୁ ପରିଧାନ କରନ୍ତି, ଏବଂ ସେଠାରେ ରାସ୍ତାରେ ବାହାରି ଯାଆନ୍ତି, କଅଣ ସେମାନେ ଏହା ହୃଦୟଙ୍ଗମ କରନ୍ତି ଯେ ସେମାନେ କିଛି ନୁହଁନ୍ତି ବରଂ ପୋକ ଓ ଧୂଳି ମାତ୍ର, ହୋଇପାରେ ଯେ ଆଉ ଗୋଟିଏ ସପ୍ତାହରେ ସେହି ପୋକମାନେ ସେହି ଶରୀରକୁ ଖାଉଥିବେ ଯାହାକୁ ସେମାନେ ଏତେ ଗୌରବାନ୍ୱିତ କରୁଛନ୍ତି? କଅଣ ସେମାନେ ଏହା ହୃଦୟଙ୍ଗମ କରନ୍ତି ଯେ ସେହି ପତଙ୍ଗ ପୋକ ଏହାକୁ ଖାଇ ପକାଇବ, ଏବଂ ସେମାନଙ୍କର ପ୍ରାଣ ଅନତିଦୂର ଅନନ୍ତକାଳରେ ପରମେଶ୍ୱର ବିହୀନ ହୋଇ, ଖ୍ରୀଷ୍ଟ ବିହୀନ ଭାବରେ, ଏକ ଭରସା ବିହୀନ ଅବସ୍ଥାରେ ରହିବ, ଗଭୀର ନିରାଶାରେ ବୁଡ଼ି ରହି, କେବଳ ତାହାଙ୍କ ଆଗମନରେ ବିନାଶ ହେବା ନିମନ୍ତେ ରହିଥିବ? ହେ ପରମେଶ୍ୱର, ଆମକୁ ଚେତାବନୀର—ର ସ୍ୱରମାନ ଦିଅ, ଯେପରିକି ଆମେମାନେ ଆଗମନ କରୁଥିବା ଏହି ବିପଦ ବିଷୟରେ ପ୍ରତ୍ୟେକ ପ୍ରାଣକୁ ଚେତାବନୀ ଦେଇପାରୁ ।

49 ଆଜି ଆମମାନଙ୍କ ସହିତରେ ରୁହ । ଆମକୁ "ଜ୍ଞାନର ବାକ୍ୟ" ପ୍ରଦାନ କର, ଯେପରିକି ଶଲୋମନ ଥରେ ଉପଦେଶକରେ କହିଥିଲେ, ଯେ ଆମେ "ଜ୍ଞାନବାନ ନିର୍ମାଣକାରୀ" ହେଉ, ଯେପରିକି ଆମେମାନେ "ଏହି ସଭାର ମେଷପାଳକମାନ" ହେଉ । ଏବଂ ଆମେମାନେ ପ୍ରାର୍ଥନା କରୁଛୁ, ହେ ପ୍ରଭୁ, ଯେତେବେଳେକି ଆମେ କହିବା ପାଇଁ ଶବ୍ଦଗୁଡିକୁ ଖୋଜୁଅଛୁ,

ଯେ ସେଗୁଡିକ ହେଉ—ସେଗୁଡିକ ସର୍ବୋତ୍କୃଷ୍ଟ ରଚନା ହେଉ ଯାହାକି ସେହି ହୃଦୟକୁ ଧରିବ ଯିଏକି ଆଜି ସକାଳେ ଅଧିକ ଆବଶ୍ୟକ କରୁଅଛି ।

50 ଆମେମାନେ ଆସି ଆଜି ଏହି ଗରମ ଛାତ ତଳେ, କେବଳ ଦେଖାଯିବା ନିମନ୍ତେ ଏକାଠି ହୋଇ ନାହୁଁ, ବରଂ ଆମେମାନେ ଏଠାକୁ ଏଇଥି ପାଇଁ ଆସିଅଛୁ କାରଣ ଆମେ ତୁମକୁ ପ୍ରେମ କରୁ, ଏବଂ ଯେହେତୁ ଆମେ ତୁମଠାରୁ ଶୁଣିବାକୁ ଇଚ୍ଛା କରୁଅଛୁ । ତୁମେ ଆମର ସେହି ପ୍ରେମିକ ଅଟ ଯାହାକୁ ଆମେ ପ୍ରେମ କରୁ, ଏବଂ ଆମେ ତୁମଠାରୁ ବାକ୍ୟ ଶୁଣିବାକୁ ଇଚ୍ଛା କରୁ । ଆମେ ଯାହା ଆଗରୁ ଶୁଣିଅଛୁ ସେଇଥି ପାଇଁ ଆମେ କୃତଜ୍ଞ ଅଟୁ । ଏହା ଆମ ସହିତ ଦୀର୍ଘ ସମୟ ଧରି ରହିବ । ତେବେ ଆଜି ଆମକୁ ସେହି ଅଂଶ ପ୍ରଦାନ କର ଯାହା ତୁମେ ଆମ ପାଇଁ ରଖିଅଛ, ଯେତେବେଳେକି ଆମେ ତୁମ ଉପରେ ଆଗକୁ ଅପେକ୍ଷା କରୁଅଛୁ । ଆମେ ଏହାକୁ ଯୀଶୁଙ୍କ ନାମରେ, ଏବଂ ତାହାଙ୍କ ସକାଶେ ମାଗୁଅଛୁ । ଆମେନ୍ ।

51 ବର୍ତ୍ତମାନ ଏହା...[ଜଣେ ଭଉଣୀ ପରଭାଷାରେ କଥାବାର୍ତ୍ତା କରନ୍ତି, ଜଣେ ଭାଇ ବ୍ୟାଖ୍ୟା କରନ୍ତି—ସମ୍ପା ।]

52 ଆମେ ଆତ୍ମାଙ୍କର ଏହି ଉଦ୍‌ବୋଧନଗୁଡିକ ପାଇଁ କୃତଜ୍ଞ ଅଟୁ, ସେମାନେ ଆମକୁ ସେହି ବାକ୍ୟଗୁଡ଼ିକୁ ଲକ୍ଷ୍ୟ ରଖିବା ପାଇଁ କୁହନ୍ତି ଏବଂ ଚେତାବନୀ ଦିଅନ୍ତି ଯାହାକି ହୁଏତ ଆଜି ପବିତ୍ରଆତ୍ମା ଆମ ସହିତ କଥା ହେବାକୁ ଯାଉଛନ୍ତି । ଏବଂ ଆମେମାନେ ଜାଣି ନାହୁଁ ଯେ ସେ ଆମ ପାଇଁ ଠିକ କଅଣ ସାଇତି ରଖିଛନ୍ତି, ମାତ୍ର ଆମେମାନେ ଜାଣୁ ଯେ ଏପରି କିଛି ବିଷୟ ନିଶ୍ଚିତରେ ଥିବ ଯାହା ସେ ଆଣିବାକୁ ଯାଉଛନ୍ତି । ହୋଇପାରେ ଯେ ଆପଣଙ୍କ ମନରେ ଏକ ପ୍ରଶ୍ନ ଥାଏ, ଯାହା ସେ ସେଠାରେ ତାହା ଦେଇ କହିବେ । ହୋଇପାରେ ଯେ ସେ ଆଜି ସକାଳେ ଏହି ବାର୍ତ୍ତା ମାଧ୍ୟମରେ ତାହା କହିପାରନ୍ତି । ହୋଇପାରେ ଯେ ସେ ଆଜି ରାତିର ସେବାରେ ତାହା କହିପାରନ୍ତି । ସେ, କୌଣସି ସମୟରେ ଆଜି, ଏପରି ଦିଶେ, ଯେପରିକି ସେ କାହାରିକୁ ବାକ୍ୟକୁ ଧରିବା ନିମନ୍ତେ, ଚେତାବନୀ ଦେବା ପାଇଁ ଚେଷ୍ଟା କରୁଛନ୍ତି ।

53 ତେବେ ଲିଖିତ ବାକ୍ୟ ନିକଟକୁ ଫେରିବା ପାଇଁ, ଆସନ୍ତୁ ଆମେମାନେ ରବିବାର ଶ୍ରେଣୀର ଶିକ୍ଷା ନିମନ୍ତେ, ଯାତ୍ରାପୁସ୍ତକକୁ ଯିବା ।

54 କଅଣ ଆପଣମାନଙ୍କର ଏକ ବାପ୍ତିସ୍ମ ସେବା ଅଛି କି? [ଭାଇ ନେଭିଲ୍ କୁହନ୍ତି, "ନା, ଆଜି ସନ୍ଧ୍ୟା ଛଅଟା ସୁଦ୍ଧା ନୁହେଁ ।"—ସମ୍ପା ।] ନା । ବାପ୍ତିସ୍ମ ସେବା ଆଜି ଅପରାହ୍ନ ଛଅଟାରେ ଅଛି ।

55 ଆସନ୍ତୁ ଯାତ୍ରାପୁସ୍ତକର 17ତମ ପର୍ବକୁ ଯିବା, ଏବଂ ତାର 5ମ ପଦ ସହିତ—ସହିତ ଆରମ୍ଭ କରିବା, ମୁଁ ବିଶ୍ୱାସ କରେ, ଯାତ୍ରାପୁସ୍ତକର 17ତମ ପର୍ବର 5ମ ଏବଂ ୬ଷ୍ଠ ପଦ ।

> *ତହୁଁ ସଦାପ୍ରଭୁ ମୋଶାଙ୍କୁ କହିଲେ, ତୁମ୍ଭେ ଯଦ୍ଦ୍ୱାରା ନଦୀକି ଆଘାତ କରିଥିଲ, ସେହି ଯଷ୍ଟି ହସ୍ତରେ ଘେନି; କେତେକ ପ୍ରାଚୀନଙ୍କୁ, ସଙ୍ଗ କରି ଇସ୍ରାଏଲ ଲୋକମାନଙ୍କ, ଆଗେ ଆଗେ ଯାଅ ।*

*ଦେଖ, ଆମ୍ଭେ ହୋରେବରେ...ସେହି ଶୈଳ ଉପରେ ତୁମ୍ଭ ସମ୍ମୁଖରେ ଠିଆ ହେବା; ଏବଂ...ସେହି ଶୈଳକୁ ଆଘାତ କଲେ, ତହିଁରୁ ଜଳ ନିର୍ଗତ ହେବ, ଆଉ ଲୋକମାନେ ତାହା ପାନ କରିବେ । ତେବେ ମୋଶା ଇସ୍ରାଏଲର ପ୍ରାଚୀନବର୍ଗଙ୍କ ଦୃଷ୍ଟିରେ ସେହିରୂପ କଲେ ।*

56 ବର୍ତ୍ତମାନ ଯଦି ମୁଁ ଏହାକୁ ରବିବାର ଶ୍ରେଣୀର ଏକ ଛୋଟ ମୂଳପାଠ ବୋଲି କହିପାରେ, ତାହାହେଲେ ମୁଁ ଏହାକୁ ଆଜି ସକାଳର ଶିକ୍ଷା ପାଇଁ ମୂଳ ବିଷୟ ଭାବରେ ନେବାକୁ ଚାହେଁ, *ଶୈଳରୁ ସର୍ବଦା-ଉପଲବ୍ଧ ଜଳ ।*

57 ଆମେ ଜାଣୁ ଯେ ଇସ୍ରାଏଲ ସର୍ବଦା ମଣ୍ଡଳୀର ଏକ ଐତିହାସିକ ଉଦାହରଣ ରହିଆସିଛି । କାରଣ, ଇସ୍ରାଏଲ ପରମେଶ୍ୱରଙ୍କର ଲୋକ ଥିଲେ ଯେପର୍ଯ୍ୟନ୍ତ ସେମାନେ ମିସରରୁ ବାହାରି ଆସିଲେ ନାହିଁ, ଏବଂ ତାହାପରେ ସେମାନେ ପରମେଶ୍ୱରଙ୍କ ମଣ୍ଡଳୀ ହେଲେ କାରଣ ସେମାନେ ଅବଶିଷ୍ଟ ଜଗତରୁ ପୃଥକ ହୋଇଥିଲେ ।

58 ଏବଂ ଯେତେବେଳେ ଆମେମାନେ ଅବଶିଷ୍ଟ ଜଗତରୁ ପୃଥକ ହୋଇଥାଉ, ସେତେବେଳେ ଆମେମାନେ ମଣ୍ଡଳୀ ହୋଇଥାଉ । କିନ୍ତୁ ଯେପର୍ଯ୍ୟନ୍ତ ଆମେ ଅବଶିଷ୍ଟ ଜଗତ ସହିତ ଜଡିତ ହୋଇଥାଉ, ସେପର୍ଯ୍ୟନ୍ତ ଆମେ ମଣ୍ଡଳୀରେ ନ ଥାଉ । ତେବେ ମୁଁ ବିଶ୍ୱାସ କରେ ଯେ ତାହା ପ୍ରକୃତ ଗଭୀରକୁ ଯାଏ, ନିଜର ସ୍ଥାନକୁ ଗ୍ରହଣ କରି ନିଏ । ଦେଖନ୍ତୁ, ଆମେ ସେପର୍ଯ୍ୟନ୍ତ ମଣ୍ଡଳୀ ନୋହୁଁ ଯେପର୍ଯ୍ୟନ୍ତକି ଆମେ ଜଗତରୁ ପୃଥକ ନ ହୋଇଥାଉ । ଆପଣାକୁ ପୃଥକ କର, ଅଶୁଚି ଲୋକମାନଙ୍କ ମଧ୍ୟରୁ ବାହାରି ଆସ, ସେମାନଙ୍କ ସହିତ ବ୍ୟବହାର କର ନାହିଁ, ଏବଂ ସେମାନଙ୍କର ପାପର ଅଂଶୀଦାର ହୁଅ ନାହିଁ । ଅବିଶ୍ୱାସୀମାନଙ୍କ ସହିତ ସମାନ ଯୁଆଳୀରେ ଯୋଚା ଯାଅ ନାହିଁ, ମାତ୍ର ନିଜକୁ ଜଗତର ବିଷୟବସ୍ତୁଠାରୁ ପୃଥକ କର ।

59 ଏବଂ ଯେତେବେଳେ ଇସ୍ରାଏଲ ମିସରରେ ଥିଲା, ସେମାନେ ପରମେଶ୍ୱରଙ୍କ ଲୋକ ଥିଲେ । ତାହାପରେ ଯେତେବେଳେ ସେମାନଙ୍କୁ ଆହ୍ୱାନ କରାଗଲା, କିମ୍ବା ବାହାରି ଆସିବା ରହିଥିଲା, ଯାତ୍ରା ହେଲା, ସେତେବେଳେ ସେମାନଙ୍କୁ ମଣ୍ଡଳୀ ବୋଲି କୁହାଗଲା, କାରଣ ଏହା ସେତେବେଳେ ଥିଲା ଯେତେବେଳେକି ସେମାନେ ନିଜକୁ ଅବଶିଷ୍ଟ ଜଗତଠାରୁ ପୃଥକ କରିଥିଲେ ।

60 ଏବଂ ସେହି ଶବ୍ଦ *ମଣ୍ଡଳୀ*ର ଅର୍ଥ ହେଉଛି "ଆହ୍ୱାନପ୍ରାପ୍ତ ।" *ନିର୍ଗମନ,* "ବାହାରି ଆସ ।" ଖ୍ରୀଷ୍ଟିଆନ ଭାବରେ, ଆମେ ପ୍ରତ୍ୟେକ ଜଣ, ଆମମାନଙ୍କ ଜୀବନରେ ଏକ ନିର୍ଗମନ ରହିଛି । ଆମର ଏକ ସମୟ ରହିଥିଲା ଯେଉଁଠାରେକି ଆମକୁ ଆମର ସହଯୋଗୀମାନଙ୍କ ମଧ୍ୟରୁ ଆହ୍ୱାନ କରା ଯାଇଥିଲା, ସେହି ଲୋକମାନଙ୍କ ମଧ୍ୟରୁ ଡକା ଯାଇଥିଲା ଯାହାଙ୍କ ସହିତ ଆମେ ଥରେ ସହଭାଗୀତା କରୁଥିଲୁ, ଏବଂ ଏକ ଭିନ୍ନ ଲୋକ ହୋଇଗଲୁ, ଯେପରିକି ଏକ ଭିନ୍ନ ଲୋକମାନଙ୍କ ସହିତ ଗମନାଗମନ କରୁ ଯେଉଁମାନେକି ଏକ ଭିନ୍ନ ପ୍ରକାରେ ଆଚରଣ କରନ୍ତି ଏବଂ ଏକ ଭିନ୍ନ ଉପାୟରେ କଥାବାର୍ତ୍ତା କରନ୍ତି । ଏହା ଆମ ଜୀବନରେ ଏକ ନିର୍ଗମନ

ଥିଲା।

61 ଏହାର ଏକ ଉତ୍ତମ ଉଦାହରଣ ଇସ୍ରାଏଲ ଆମକୁ ପ୍ରଦାନ କରିଥିଲା, ଯେତେବେଳେ ପରମେଶ୍ୱର ସେମାନଙ୍କୁ ଆହ୍ୱାନ କଲେ। ସେମାନଙ୍କର ଏକ ନିର୍ଗମନ ରହିଥିଲା, ଏବଂ ଜଗତର ସେହି—ସେହି ଲୋକମାନଙ୍କ ମଧ୍ୟରୁ ବାହାରି ଆସିଥିଲେ, ଏବଂ ପରମେଶ୍ୱରଙ୍କ ନିମନ୍ତେ, ଏକ ପୃଥକ ରାଷ୍ଟ୍ର, ଏକ ବିଶେଷ ଜାତି ହୋଇଥିଲେ। ସେମାନେ ଦୟାର ସିଂହାସନର ଛାୟା ତଳେ ଗମନାଗମନ କରିଥିଲେ। ସେମାନେ ସେହି ମହାନ୍ ଅଗ୍ନିସ୍ତମ୍ଭ ସଙ୍ଗରେ ବାସ କରିଥିଲେ ଏବଂ ଯାତ୍ରା କରିଥିଲେ। ଏବଂ ପରମେଶ୍ୱର ସେମାନଙ୍କୁ ମିସରରୁ ବାହାର କରି, ପ୍ରତିଜ୍ଞାତ ଦେଶ ମଧ୍ୟକୁ ନେଇ ଆସିଥିଲେ।

62 ଏବଂ, ଏହି ଯାତ୍ରାରେ, ସେମାନଙ୍କୁ ଏକ ଆତ୍ମିକ ନେତା ଦିଆ ଯାଇଥିଲା, ଜଣେ ନେତା, ଯିଏକି ମୋଶା ଥିଲେ, ଜଣେ ମହାନ ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତା ଯିଏକି ଜଣେ—ଜଣେ ମହାନ ବ୍ୟକ୍ତି ଥିଲେ। ସେ ଜଣେ ପ୍ରଭୁ ଭୟାଳୁ ବ୍ୟକ୍ତି ଥିଲେ, ସେ ଜଣେ ଧାର୍ମିକ ବ୍ୟକ୍ତି ଭାବରେ ଜନ୍ମଗ୍ରହଣ କରିଥିଲେ। ଏପରିକି ସେହି ସମୟ ପୂର୍ବରୁ, ପରମେଶ୍ୱର ତାଙ୍କୁ ତାଙ୍କ ମାତାଙ୍କ ଗର୍ଭରୁ ଆହ୍ୱାନ କରିଥିଲେ; ଜଗତ ସୃଷ୍ଟି ହେବା ପୂର୍ବରୁ ସେହି ପୀଢ଼ୀର ନେତା ହେବା ପାଇଁ, ଲୋକମାନଙ୍କ ନିମନ୍ତେ ଏହି ନିର୍ଗମନକୁ ନେଇ ଆସିବା ପାଇଁ, ପରମେଶ୍ୱର ତାଙ୍କୁ ନିଯୁକ୍ତ କରିଥିଲେ।

63 ଏଠାରେ କିଛି ସମୟ ପୂର୍ବରୁ, ମୁଁ ଆରାଧନାଳୟରେ ଏଠାରେ ଥିବା ସାନ ସାନ ପିଲାମାନଙ୍କ ସହିତ କଥାବାର୍ତ୍ତା କରିଥିଲି, ଏବଂ ସେମାନଙ୍କ ପାଇଁ ଏକ ଛୋଟ ଉପଦେଶଟିଏ ଦେଇଥିଲି; ଏବଂ କହିଥିଲି, କିମ୍ବା ଏକ ଛୋଟ ପ୍ରତିଚିତ୍ରଣଟିଏ ଦେଇଥିଲି ଯେ କିପରି ଯୋଷେବେଦ, ସେ କିପରି ପ୍ରାର୍ଥନା କରିଥିଲେ, ସେ ଏବଂ ମୋଶାଙ୍କ ପିତା, ଅମ୍ରାମ୍, ଲୋକମାନଙ୍କୁ ମୁକ୍ତ କରିବା ସମ୍ବନ୍ଧରେ କିଛି କରିବା ବିଷୟରେ ପ୍ରାର୍ଥନା କରିଥିଲେ। ଏବଂ ଅମ୍ରାମ୍ ପରମେଶ୍ୱରଙ୍କୁ, କିମ୍ବା ଜଣେ ସ୍ୱର୍ଗଦୂତଙ୍କୁ ଛିଡା ହୋଇ, ଉତ୍ତର ଆଡକୁ ଇଙ୍ଗିତ କରୁଥିବାର ଦର୍ଶନକୁ ଦେଖିଥିଲେ, ଏବଂ କଅଣ ହେବ ତାହା ବିଷୟରେ ତାଙ୍କୁ ଜଣାଇଥିଲେ। ଏବଂ ସାନ ମୋଶା ଜନ୍ମଗ୍ରହଣ କଲେ। ଏବଂ ସେମାନେ ରାଜାଙ୍କ ଆଦେଶ କିମ୍ବା ଧମକକୁ ଭୟ କଲେ ନାହିଁ। ସେମାନେ ଜାଣିଥିଲେ ଯେ ମୋଶାଙ୍କ ଉପରେ ପରମେଶ୍ୱରଙ୍କର ହସ୍ତ ରହିଥିଲା, ଏବଂ ତାହା ଏହାକୁ ସମାଧାନ କରିଥିଲା। ତାହା ଠିକ୍। ଏଥିରେ କିଛି ଯାଏ ଆସେ ନାହିଁ ଯେ ରାଜା କଅଣ କହିଥିଲେ, ରାଜନୈତିକ ଜଗତ କଅଣ କହିଥିଲା, ଆଉ କେହି କଅଣ କହିଥିଲା, ସେମାନେ ଜାଣିଥିଲେ ଯେ ପରମେଶ୍ୱର ଆପଣା ହସ୍ତ ମୋଶାଙ୍କ ଉପରେ ରଖିଛନ୍ତି। ତେଣୁକରି ସେମାନେ ତାଙ୍କୁ କୁମ୍ଭୀରମାନଙ୍କ ମଧ୍ୟରେ ସୁଦ୍ଧା, ମୁକ୍ତ କରି ଦେବାକୁ ଭୟଭୀତ ହେଲେ ନାହିଁ; ଯେତେବେଳେକି ସେହି କୁମ୍ଭୀରମାନେ ସବୁ ସାନ ସାନ ଏବ୍ରୀ ଶିଶୁମାନଙ୍କୁ ଭୋଜନ କରି ହୃଷ୍ଟପୃଷ୍ଟ ହୋଇଥିଲେ, ଯେଉଁଠାରେକି ସେମାନେ ସେହି ଶିଶୁମାନଙ୍କୁ କୁମ୍ଭୀରମାନଙ୍କର ଭୋଜନ ନିମନ୍ତେ ଦେଇଥିଲେ। ଏବଂ ତଥାପି ମୋଶାଙ୍କୁ ଠିକେ ଏକ ଛୋଟ ଜାହାଜରେ ରଖି କୁମ୍ଭୀରମାନଙ୍କ ମଧ୍ୟରେ ଛଡାଗଲା, ଠିକ ସେମାନଙ୍କ ମଧ୍ୟରେ

ପଠାଗଲା । କାରଣ, ସେମାନେ କିଛି ବିଷୟ ଭୟ କଲେ ନାହିଁ, ସେମାନେ ଜାଣିଥିଲେ ଯେ ମୋଶାଙ୍କ ଉପରେ ପରମେଶ୍ୱରଙ୍କର ହସ୍ତ ଅଛି ।

64 ତେବେ, ବର୍ତ୍ତମାନ, ଯଦି ଆମେ କେବଳ ସେହି ସମାନ ବିଷୟକୁ ଜାଣିପାରିବା, ଯେ ଆମର ମହାନ ନେତା, ସେହି ପବିତ୍ରଆତ୍ମା, ପରମେଶ୍ୱର ତାଙ୍କୁ ପ୍ରେରଣ କରିଛନ୍ତି, ଏବଂ ସେ ଆମର ନେତା ଅଟନ୍ତି, ଏବଂ ଜଗତ ଯାହା କହୁ ନା କାହିଁକି, ଏବଂ ସେମାନେ ଆପଣଙ୍କ ଉପରେ କେତେ ପରିହାସ କରନ୍ତି ଓ ଆପଣଙ୍କର କେତେ ଥଟ୍ଟା କରନ୍ତି, ଆମେ ତ ଆମର ନେତାଙ୍କୁ ଅନୁସରଣ କରୁ! ପରମେଶ୍ୱର ପବିତ୍ରଆତ୍ମାଙ୍କୁ ଆମର ନେତା ହେବା ପାଇଁ ପଠାଇଥିଲେ । ଦେଖନ୍ତୁ? "ଅଳ୍ପ ସମୟ ଏବଂ ଜଗତ ମୋତେ ଆଉ ଦେଖେ ନାହିଁ । ତଥାପି ତୁମେମାନେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ରହିବି ।" ତେଣୁକରି, ଆମର ମହାନ ନେତା, ପବିତ୍ରଆତ୍ମା ଆମ ସହିତରେ ଅଛନ୍ତି । ତେବେ ଆମକୁ ଏହି ନେତାଙ୍କୁ ଅନୁସରଣ କରିବା ଉଚିତ୍ ଏବଂ ସେ ଯେପରି କୁହନ୍ତି ଠିକ୍ ସେହିପରି କରିବା ଉଚିତ୍ । ଏବଂ ଏହି ନେତା ଆମକୁ କେବେବି ମାର୍ଗରୁ ବିଚ୍ୟୁତି କରିବେ ନାହିଁ, ସେ ତ ଆମକୁ ସର୍ବଦା ଠିକ ଶାସ୍ତ୍ରର ପଥରେ ରଖିବେ । କିନ୍ତୁ ସେ କେବେବି କୌଣସି ବିଷୟ ପାଇଁ *ଗୋଟିଏ* ପାର୍ଶ୍ୱକୁ ଯିବେ ନାହିଁ, ଏବଂ ଅନ୍ୟ କିଛି ବିଷୟ ପାଇଁ *ଏହି* ପାର୍ଶ୍ୱକୁ ଯିବେ ନାହିଁ । ସେ ତ ଠିକ ଶାସ୍ତ୍ରର ମାର୍ଗରେ ସିଧାସଳଖ ରହିବେ ।

65 ଏବଂ ମୋଶାଙ୍କ ପାଖରେ ଏକ ପ୍ରଶସ୍ତ ମାର୍ଗ ରହିଥିଲା ଯେଉଁଥିରେକି ତାହାଙ୍କୁ ଇସ୍ରାଏଲକୁ ନେଇଯିବାର ଥିଲା ଏବଂ ତାହାପରେ ଠିକ ସୂଫ ସାଗର ପାର୍ଶ୍ୱ ଦେଇ ଅନୁସରଣ କରିଯିବାକୁ ଥିଲା, ଠିକ ଯର୍ଦ୍ଦନ ପାର ହୋଇ, ପ୍ରାନ୍ତର ଯାତ୍ରା କରି, ପ୍ରତିଜ୍ଞାତ ଦେଶ ମଧ୍ୟକୁ ପ୍ରବେଶ କରିଯିବାର ଥିଲା । ଏହା ମୋଶା ଧାଡିରୁ ବାହାରି ନ ଥିଲେ । ଏହା ପରମେଶ୍ୱର ଧାଡିରୁ ବାହାରି ନ ଥିଲେ । ଏହା ତ ଲୋକମାନେ ଧାଡିରୁ ବାହାରି ଯାଇଥିଲେ, ଯାହାକି ସଙ୍କଟକୁ ନେଇ ଆସିଥିଲା । ତେଣୁକରି, ଆସନ୍ତୁ ଆମେମାନେ ବର୍ତ୍ତମାନ ଏହି ବିଷୟଗୁଡ଼ିକ ଉପରେ ଚିନ୍ତା କରିବା । (ମୋତେ କ୍ଷମା କରନ୍ତୁ ।)

66 ମୋଶା, ଅଭିଷିକ୍ତ ନେତା ଭାବରେ । ଶେଷରେ, ଯେତେବେଳେ ସେ ଲୋକମାନଙ୍କୁ, ଚିହ୍ନମାନ ଓ ଚମତ୍କାରଗୁଡିକ ଦ୍ୱାରା ଦେଖାଇଲେ, ଯାହାକି ପରମେଶ୍ୱର ଏକାକୀ ହିଁ କରିପାରିବେ, ସେ ଇସ୍ରାଏଲର ପ୍ରାଚୀନଗଣଙ୍କ ସମ୍ମୁଖରେ ଓ ଇସ୍ରାଏଲର ଆଗରେ, ଏହି ଚିହ୍ନମାନ ଓ ଆଶ୍ଚର୍ଯ୍ୟକର୍ମ ସାଧନ କଲେ, ଯେପର୍ଯ୍ୟନ୍ତକି ସେମାନେ ଏଥିରେ ସନ୍ତୁଷ୍ଟ ନ ହୋଇଗଲେ ଯେ ଏହି ମୋଶା ହିଁ ସେହି ଅଭିଷିକ୍ତ ଜଣ ଅଟନ୍ତି ଯିଏକି ସେମାନଙ୍କୁ ଏହି ଦେଶରୁ ବାହାର କରି, ସେହି ଉତ୍ତମ ଦେଶ ମଧ୍ୟକୁ ନେଇ ଯିବେ ଯାହା ପ୍ରତିଜ୍ଞା କରାଯାଇଥିଲା । ତାହାପରେ ଯେତେବେଳେ ସେମାନେ ଏହି ମହାନ ବିଷୟଗୁଡିକୁ ଦେଖିଲେ ଯାହାକି ମୋଶା ପରମେଶ୍ୱରଙ୍କ ନାମରେ ସାଧନ କରିଥିଲେ, ସେମାନେ ତାହାଙ୍କୁ ଅନୁସରଣ କରିବା ପାଇଁ ପ୍ରସ୍ତୁତ ହେଲେ । ଏବଂ ସେ ସେମାନଙ୍କୁ ବାହାର କରି, ସୂଫ ସାଗର ଦେଇ କଢେଇ ନେଲେ,

ପାର ହୋଇ, ଶୁଖିଲା ଭୂମିରେ ନେଇଗଲେ, ଏବଂ ପ୍ରାନ୍ତର ମଧ୍ୟକୁ ଯାତ୍ରା କରାଇ ନେଲେ, ଯାହାର ଅର୍ଥ ପରୀକ୍ଷାର ସମୟଗୁଡିକ ଥିଲା ।

67 ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ, ସେତେବେଳେ ସମସ୍ତ କିଛି ବିଷୟ ଉର୍ଦ୍ଧ୍ୱରେ ଉତ୍ତମ ଉତ୍ତମ ପରି ଥାଏ । ମାତ୍ର, ଏହି ବ୍ୟକ୍ତି ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ଆସିବା ପୂର୍ବରୁ, ଏହି ବ୍ୟକ୍ତି ଜଣକ, ତାଙ୍କର ପ୍ରଥମେ ଏକ ପବିତ୍ରୀକରଣର ପ୍ରକ୍ରିୟା ହେବା ଆବଶ୍ୟକ ଅଟେ। ତାଙ୍କ ଜୀବନରେ ଏକ ପରୀକ୍ଷାର ସମୟ ରହିବା ଜରୁରୀ ଅଟେ। ଆପଣଙ୍କର ସମସ୍ତଙ୍କର ଏହା ରହିଥିଲା। ତାଙ୍କର ଏହି ପରୀକ୍ଷାର ସମୟ ରହିଥିଲା । "ପରମେଶ୍ୱରଙ୍କ ନିକଟକୁ ଆସୁଥିବା ପ୍ରତ୍ୟେକ ପୁତ୍ର, ପ୍ରଥମେ ପରୀକ୍ଷା କରାଯାଏ, ପରୀକ୍ଷିତ ହୁଏ, ତାଡନା କରାଯିବାକୁ ହୁଏ । ଏବଂ ଯଦି ଆମେମାନେ ତାଡନା ସହି ନ ପାରୁ, ତେବେ ତାହା ଏହା ଦର୍ଶାଏ ଯେ ଆମେ ପରମେଶ୍ୱରଙ୍କ ସନ୍ତାନ ନୋହୁଁ; ଆମେମାନେ ଜାରଜ ଅଟୁ, ଓ ପରମେଶ୍ୱରଙ୍କ ସନ୍ତାନ ନୋହୁଁ," ବାଇବଲ ତାହାହିଁ ବ୍ୟକ୍ତ କରେ । ମାତ୍ର ଯଦି ଆମେମାନେ ଏହା ଜାଣି, ସେହି ତାଡନାକୁ ସହ୍ୟ କରିପାରୁ ଯେ, "ଯେଉଁମାନେ ପରମେଶ୍ୱରଙ୍କୁ ପ୍ରେମ କରନ୍ତି ସେମାନଙ୍କ ପାଇଁ ସମସ୍ତ ବିଷୟ ମଙ୍ଗଳହିଁ ସାଧନ କରେ," ତାହାହେଲେ ଆମେମାନେ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ଅଟୁ, ତେବେ ଯାଇ ସେ ଆମମାନଙ୍କୁ ମୁକ୍ତିର ଦିବସ ପର୍ଯ୍ୟନ୍ତ ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ କରନ୍ତି । ଦେଖନ୍ତୁ, ତାହାହିଁ ସେହି ତାଡନା, ସେହି ମାନସିକ ଚାପ, ସେହି ବିଷୟ ଅଟେ ଯାହା ଦେଇ ଆମେମାନେ ଗତି କରିଥାଉ ।

ଏବଂ ଇସ୍ରାଏଲକୁ, ଏକ ଐତିହାସିକ ପ୍ରତିରୂପ ଭାବରେ, ଏହି ତାଡନାକୁ ନେବାକୁ ପଡିଲା ।

68 ବର୍ତ୍ତମାନ, ଯେତେବେଳେ ସେମାନେ ତଳେ ମିସରରେ ଥିଲେ, ଏବଂ ପରମେଶ୍ୱର ମୋଶାଙ୍କୁ ପଠାଇଲେ । ଆଉ ସେ ଯଷ୍ଟିକୁ ବିସ୍ତାର କଲେ, ଏବଂ ଉକୁଣୀ ପୋକ ଓ ମାଛି ଭୂମି ଉପରେ ଆସିଗଲେ । ସେ ସୂର୍ଯ୍ୟ ଆଡକୁ ବିସ୍ତାର କଲେ, ଏବଂ ତାହା ତଳକୁ ଚାଲିଗଲା । ସେ ଏହାକୁ ଜଳ ଉପରେ ବିସ୍ତାର କଲେ, ଏବଂ ତାହା ରକ୍ତରେ ପରିଣତ ହୋଇଗଲା । କାହିଁକି, ଇସ୍ରାଏଲ ସେଠାରେ କିଣାନରେ...ସେଠାରେ ଗୋଶେନରେ—ରେ ରହିଥିଲା, ତାଙ୍କର ଏକ ଗୌରବମୟ ସମୟ ଚାଲିଥିଲା; ସୂର୍ଯ୍ୟ କେବେବି ଅସ୍ତ ହୋଇ ନ ଥିଲା, ମହାମାରୀ ସେମାନଙ୍କୁ କେବେ ବି ଆଘାତ କରି ନ ଥିଲା; କାହିଁକି, ସେମାନଙ୍କର ତ କେବଳ ଏକ ଗୌରବମୟ ସମୟ ଚାଲିଥିଲା!

69 ଯେପରିକି ଆପଣଙ୍କର ହୋଇଥାଏ ଯେତେବେଳେ ଆପଣ ପ୍ରଥମ ଥର ପାଇଁ ଉଦ୍ଧାରପ୍ରାପ୍ତ ହୋଇଥିଲେ । ସମସ୍ତ କିଛି, ପକ୍ଷୀମାନେ ଭିନ୍ନ ଗୀତ ଗାଇଥିଲେ, ଏବଂ ସମସ୍ତେ ସୁମଧୁର ଥିଲେ। ଏବଂ, ଓଃ, ମୋର ପ୍ରଭୁ, ଯେତେବେଳେ ଆପଣ ପ୍ରଥମେ ରକ୍ଷାପ୍ରାପ୍ତ ହୋଇଥିଲେ ସେତେବେଳେ ସବୁକିଛି ବିଷୟ କିପରି ଉତ୍ତମ ଥିଲା! ତାହାପରେ ପରୀକ୍ଷା

ସମୟ, ସେହି ତାଡନା, ପବିତ୍ରୀକରଣର ସମୟ, ନିଜକୁ ଜଗତର ବିଷୟବସ୍ତୁଠାରୁ ପବିତ୍ର କରିବାର ସମୟ ଆସିଲା, "ସହଜରେ ବେଷ୍ଟନକାରୀ ବସ୍ତୁଗୁଡିକୁ ଅଲଗା କରିବା।" ଆପଣ, ଜଣେ ପୁରୁଷ, ଆପଣଙ୍କୁ ନିଜର ଧୂମପାନ ବନ୍ଦ କରିବାକୁ, ନିଜର ମଦ୍ୟପାନ ବନ୍ଦ କରିବାକୁ, ପୁଲ୍ ଖେଳିବା କକ୍ଷକୁ ଯିବାର ବନ୍ଦ କରିବାକୁ, ଆପଣଙ୍କର ରାତି-ସାରା ତାଶ ଖେଳ ଆମୋଦ ପ୍ରମୋଦ ବିଷୟଗୁଡ଼ିକୁ ବନ୍ଦ କରିବାକୁ ପଡିଲା। ସେହି ସମସ୍ତ ବିଷୟ, ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତରେ ବିଶ୍ୱାସ ଦ୍ୱାରା, ସେମାନଙ୍କଠାରୁ ନିଜକୁ ପବିତ୍ର କରିବାକୁ ପଡିଲା। ନିଜକୁ ପବିତ୍ରୀକୃତ କରିବା! ଆପଣ ନାରୀମାନେ ଆପଣଙ୍କୁ ନିଜର କେଶକୁ ବଢିବାକୁ ଦେବାକୁ ପଡିଲା, ନିଜର ପୋଷାକକୁ ଲମ୍ବା କରିବାକୁ, ଏବଂ ନିଜକୁ ତାହା ତୁଳନାରେ ଯାହା ଆପଣ ଥିଲେ ଭିନ୍ନ ଆଚରଣ କରିବାକୁ ପଡିଲା। ପବିତ୍ରୀକରଣର ସମୟ! ଅନେକ ଥର ସେମାନେ ବିଦ୍ରୋହ କରି ଫେରିଯାଆନ୍ତି; ତେବେ, ତାହା ପରମେଶ୍ୱରଙ୍କ ଜଣେ ସନ୍ତାନ ନୁହଁନ୍ତି, ବୁଝିଲେ। ପରମେଶ୍ୱରଙ୍କ ଜଣେ ସନ୍ତାନ ସିଧାସଳଖ କାଲଭରୀ ଆଡକୁ ଚାହେଁ, ଏବଂ ଜାଣେ ଯେ ଏହା ତାର ମଙ୍ଗଳ ପାଇଁ ଅଟେ।

70 ତେଣୁକରି ତେବେ ସେହି ସମୟର ପ୍ରକ୍ରିୟା, ତାହା ହିଁ ଅଟେ ଯେଉଁଠାରେକି ଇସ୍ରାଏଲରେ, ସେହି ମହାନ ସ୍ଖଳନ ଆସିଥାଏ। ଯେତେବେଳେ ଏହି ମହାନ ଭିଡ଼-କରିବାର ସମୟ ଆସେ, ସେତେବେଳେ ଲୋକମାନେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ, ସ୍ଖଳିତ ହୋଇଯିବାକୁ ଲାଗନ୍ତି। ତାହାପରେ ସେମାନଙ୍କ କଥାବାର୍ତ୍ତାରେ, "ତେବେ, ଆମେମାନେ ଇଚ୍ଛା କରୁ ଯେ ଆମେ ମିସରକୁ ଫେରି ଯାଆନ୍ତୁ। ଆମର ପ୍ରାଣଗୁଡିକ ଏହି ହାଲୁକା ରୁଟିକୁ ଘୃଣା କରେ।" ଅନ୍ୟ ଶବ୍ଦରେ, ଯଦି ମୁଁ ଏହାକୁ ବର୍ତ୍ତମାନ ଐତିହାସିକ ଭାବରେ ଗ୍ରହଣ କରିବି, ତେବେ ତାହାହିଁ ଅଟେ ଯାହାକି ସେମାନେ କହିଥିଲେ।

71 ବର୍ତ୍ତମାନ ଆଧୁନିକ ଦିନରେ, ଏହା ହେବ, "ଓଃ, ପ୍ରତ୍ୟେକ ବୁଧବାର ରାତିରେ, ପ୍ରାର୍ଥନା ସଭା! ପ୍ରତ୍ୟେକ ରବିବାର ସକାଳେ, ଗୀର୍ଜାକୁ ଫେରି ଆସିବା! ଆମେମାନେ କଅଣ ଶୁଣୁଅଛୁ? ସେହି ସମାନ କଥା; ପ୍ରଚାରକ ଛିଡା ହୋଇ ପ୍ରଚାର କରନ୍ତି; ଗୀତଗାନ ହୁଏ; ଫେରି ଯାଉ।" ଦେଖନ୍ତୁ, ତାହାହେଲେ ଆପଣ ତ କେବଳ କର୍ତ୍ତବ୍ୟର ଏକ ଧାଡି ଭାବରେ ଯାଉଛନ୍ତି। ଆପଣ ଜଣେ ଉପାସକ ନୁହଁନ୍ତି। ଜଣେ ଉପାସକ ତ ସେଠାକୁ ଉପାସନା କରିବା ନିମନ୍ତେ, ନିଜ ପରମେଶ୍ୱରଙ୍କ ସମ୍ମୁଖରେ ନିଜକୁ ପ୍ରକାଶ କରିବା ନିମନ୍ତେ, ପରମେଶ୍ୱରଙ୍କୁ ତାହାଙ୍କର ଉତ୍ତମତା ପାଇଁ ପ୍ରଶଂସା କରିବା ନିମନ୍ତେ ଯାଇଥାଏ; ପ୍ରତ୍ୟେକ ବାକ୍ୟକୁ, ସେ ଧରି ରହିଥାଏ।

72 ଠିକ୍ ଏକ ପ୍ରେମ ସମ୍ପର୍କ ପରି। ଯଦି ଆପଣ ଏକ ଝିଅ ସହିତ ଯାଉଥାନ୍ତି କାରଣ ଆପଣ ଜାଣନ୍ତି ଯେ ଏହା ଏକ କର୍ତ୍ତବ୍ୟ ଅଟେ, କିମ୍ବା ଆପଣ ଜଣେ ପୁଅ ପିଲା ସହିତ ଯାଉଥାନ୍ତି, ଯେତେବେଳେ ଆପଣ ଜଣେ ଯୁବା ଥିଲେ। "ମାଆ ଚାହାଁନ୍ତି ଯେ ମୁଁ ଏହି ପିଲା ସହିତ ଯାଏ, କିନ୍ତୁ ମୁଁ ତାଙ୍କୁ ସହିପାରେ ନାହିଁ।" ତାହାହେଲେ ସେ ଆପଣଙ୍କୁ ଦେଖା କରିବାକୁ ଆସୁଥିବା ବିଷୟଠାରୁ ଆପଣ କିଛି ଲାଭ ପାଆନ୍ତି ନାହିଁ। କିମ୍ବା, ଯଦି ଏହା ଠିକ ସେହି ସମାନ ବିଷୟ ଝିଅପିଲାର ପୁଅ ସହିତ, କିମ୍ବା ପୁଅପିଲାର ଝିଅ ସହିତ ଯିବା ସମ୍ବନ୍ଧରେ ଅଟେ। ଆପଣ ସେହି

ଝିଅ ସହିତ ଯାଆନ୍ତି, ସେ ଆପଣଙ୍କୁ ବିରକ୍ତ କରେ; ମାଆ ଚାହାଁନ୍ତି ଯେ ଆପଣ ତାହା ସହିତ ଯାଆନ୍ତୁ କାରଣ ସେ ସେହି ପ୍ରକାରର ଝିଅ ଅଟେ ଯାହା ମାଆ ପସନ୍ଦ କରନ୍ତି । ଦେଖନ୍ତୁ, ଏହା ଆପଣଙ୍କୁ ବିରକ୍ତ କରିଦିଏ; କୌଣସି ପ୍ରେମ ସମ୍ପର୍କ ନାହିଁ । ମାତ୍ର ଆପଣଙ୍କର କୌଣସି ଫରକ୍ ପଡେ ନାହିଁ, ଆପଣ ସଫା କରିବାକୁ ଚାହାଁନ୍ତି ନାହିଁ, ଆପଣ ତାଙ୍କୁ ଦେଖା କରିବାକୁ ଯିବା ପାଇଁ ଇଚ୍ଛା କରନ୍ତି ନାହିଁ । ଏବଂ ଏହା ହେଉଛି ଏକ...କାହିଁକି, ଏହା ଏକ ଭୟଙ୍କର ବିଷୟ ଅଟେ । ଏବଂ ଯେତେବେଳେ ସେ ଆପଣଙ୍କୁ ଦେଖା କରିବାକୁ ଆସନ୍ତି, ମୋର ପ୍ରଭୁ, ଆପଣ କେବଳ ଏହା ଇଚ୍ଛା କରନ୍ତି ଯେ ସେ ଶୀଘ୍ର କରନ୍ତେ, ଆପଣ ଘରକୁ ଯାଆନ୍ତେ ।

73 ତାହା ସେହି ସମାନ ବିଷୟ ଅଟେ ଯେତେବେଳେ ଆପଣ, "ସେ କାହିଁକି ଏତେ ଲମ୍ବା ପ୍ରଚାର କରନ୍ତି? ଏହି ସମସ୍ତ ବିଷୟବସ୍ତୁ, ଏବଂ ସବୁକିଛି ବିଷୟରେ କଅଣ ଅଟେ?" ଦେଖନ୍ତୁ, ଆପଣ ପ୍ରେମରେ ନାହାଁନ୍ତି ।

74 ମାତ୍ର ଯେତେବେଳେ ଆପଣ ପ୍ରକୃତରେ ପ୍ରତ୍ୟେକ ବାକ୍ୟ ସହିତରେ ଲାଗି ରୁହନ୍ତି, ଯେପରିକି ଆତ୍ମା ଆଜି ସକାଳେ ଆପଣଙ୍କୁ ଚେତାବନୀ ଦେଲେ, ଦେଖନ୍ତୁ, "ପ୍ରତ୍ୟେକ ବାକ୍ୟ ସହିତରେ ଲାଗି ରହିବା ।" ହୋଇପାରେ ଯେ ତାହା ସେହି ବିଷୟ ଅଟେ ଯାହା ବିଷୟରେ ସେ ଆପଣଙ୍କୁ କହି ଆସୁଛନ୍ତି । ଧରି ରହିବା! ଏହା ଅନନ୍ତ ଜୀବନ, ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ଅଟେ । ଯେକୌଣସି ପରିସ୍ଥିତିରେ ବି, ଏହା ମଣ୍ଡଳୀକୁ ଯିବା ଏକ ଆନନ୍ଦ ଅଟେ । ଏହା ଗରମ ଥାଉ, ଥଣ୍ଡା ଥାଉ, ଉଦାସୀନ ଥାଉ, କିମ୍ବା ଲୋକମାନେ ଉପଦ୍ରବ କରୁଥାନ୍ତୁ, ପାଟିତୁଣ୍ଡ କରୁଥାନ୍ତୁ, ସେମାନେ ଯାହା ବି କରୁଥାନ୍ତୁ, ତଥାପି ପ୍ରଭୁଙ୍କର ବାକ୍ୟ ଶୁଣିବା ଏହା ଏକ ଆନନ୍ଦ ଅଟେ । ତେବେ ଯାଇ ଆପଣ ଖ୍ରୀଷ୍ଟଙ୍କ ସହିତ ପ୍ରେମରେ ଅଛନ୍ତି, ବୁଝିଲେ, ଆପଣ ମଣ୍ଡଳୀକୁ ଯିବା ପାଇଁ ଭଲ ପାଆନ୍ତି ।

75 "ତେବେ, ପ୍ରିୟେ, ଏଠାରେ ଏହା ପୁନର୍ବାର ରବିବାର ସକାଳ ଅଟେ, ମୁଁ ଅନୁମାନ କରେ ଯେ ଆମକୁ ପିଲାମାନଙ୍କୁ ଧୁଆଧୋଇ କରି ସେଠାରେ ତଳକୁ ନେଇ ଯିବାକୁ ଅଛି । ମୋର ପ୍ରଭୁ, ଏହା ବିରକ୍ତିକର ଅଟେ!" ଦେଖନ୍ତୁ, ଆପଣ ପ୍ରେମରେ ନାହାଁନ୍ତି ।

76 ମାତ୍ର ଯଦି ଆପଣ ପ୍ରକୃତରେ ପ୍ରେମରେ ଥାଆନ୍ତି, ତେବେ ଆପଣ ତ ରବିବାର ସକାଳ ଆସିବା ପର୍ଯ୍ୟନ୍ତ ଅପେକ୍ଷା ହିଁ କରିପାରନ୍ତି ନାହିଁ, ଆପଣଙ୍କୁ ତ ଠିକ ସେମାନଙ୍କ ସହିତରେ ସେଠାରେ ତଳେ ରହିବାକୁ ଅଛି । ଏବଂ ଆମେମାନେ ପାଇଥାଉ, ଏବଂ ଛାଡିକରି ଯିବା...ପରମେଶ୍ୱରଙ୍କ ଲୋକମାନେ, ସେମାନେ ଆପଣଙ୍କୁ ବିରକ୍ତ କରନ୍ତି ନାହିଁ । କାହିଁକି, ସେମାନେ—ସେମାନେ ତ ଭାଇ ଓ ଭଉଣୀମାନେ ଅଟନ୍ତି । ଯେପରିକି ମୁଁ କହିଥାଏ, "ଆପଣ ତ ଠିକ ସେହି ଶୀତଦିନରେ ଆଖୁ ରସ ଜମି ଗଲା ଭଳି ସେତିକି ବହଳିଆ ହୋଇଯାଆନ୍ତି ।" ଏହା—ଏହା ବହେ ନାହିଁ, ଏହା ତ କେବଳ ଏକାଠୀ ଲାଗି ରହିଥାଏ, ଆପଣ ଜାଣନ୍ତି, ଟାଣ ଭାବରେ ଲାଗି ରହିଥାଏ । ତେବେ, ତାହା ଏକ ରୁକ୍ଷ ଅଭିବ୍ୟକ୍ତି ଅଟେ, ମାତ୍ର ଏହା—ଏହା—ଏହା କେବଳ ଆପଣମାନଙ୍କୁ ତାହା ଜଣାଇବା ନିମନ୍ତେ ଅଟେ ଯାହାକି ମୋର କହିବାର

ଅଭିପ୍ରାୟ ଥିଲା, ଆପଣମାନେ ଦେଖନ୍ତୁ । ଆପଣ ଏକାଠି ଲାଗିରୁହନ୍ତି । ଏବଂ ତାହା ଯେତେ ଶୀତଳ ହୁଏ, ସେମାନେ ସେତେ ଅଧିକ କଠିନ ଭାବରେ ଲାଗିରୁହନ୍ତି । ଏବଂ ସେହି ଉପାୟରେ ତାହା ଆମ ସହିତରେ ରହିବା ଉଚିତ୍ । ଯେତେ ଅଧିକ ଶୀତଳ…

ଯେତେବେଳେ ସାଂସାରିକ ବନ୍ଧୁମାନେ ପରିତ୍ୟାଗ କରନ୍ତି,
ତାହାଙ୍କ ସହିତ ତଥାପି ଆହୁରି ଅଧିକ ଘନିଷ୍ଠତାର ସହ ଜଡିତ ହେଉ!

77 ଏବଂ ଆମେ ପରସ୍ପରକୁ, ଯାହା ପ୍ରେମ କରୁ, ତାହା ଏଇଥି ପାଇଁ ନୁହେଁ ଯେ ଆମେ କିଛି ଗୋଟାଏ ଅଟୁ; ମାତ୍ର ଏହା ତ ଖ୍ରୀଷ୍ଟ ଜଣେ ଅନ୍ୟ ଭିତରେ ଅଟନ୍ତି, ଯାହାଙ୍କୁ ଆମେ ପ୍ରେମ କରିଥାଉ, ଆପଣ ଦେଖନ୍ତୁ । ଏହା ତ ପରମେଶ୍ୱର ଆମ ପ୍ରାଣ ଭିତରେ ଅଟନ୍ତି, ଯାହାଙ୍କୁ ଆମେ ପ୍ରେମ କରିଥାଉ । ତେବେ ଆମେ ଏକାଠି ଆସିବାକୁ ଭଲ ପାଉ । ଆମେମାନେ ସେହି ପୁରାତନ ଭଜନକୁ ଗାଇଥାଉ:

ଧନ୍ୟ ସେହି ବନ୍ଧନ ଯାହାକି ବାନ୍ଧେ
ଆମର ହୃଦୟଗୁଡିକୁ ଖ୍ରୀଷ୍ଟିଆନ ପ୍ରେମରେ;
ସମ୍ପର୍କୀୟ ମନର ସେହି ସହଭାଗିତା
ତାହା ଉପରିସ୍ଥ ପରି ଅଟେ । (ବୁଝିଲେ?)

ସମ୍ପର୍କୀୟ ମନର ସେହି ସହଭାଗିତା
ତାହା ଉପରିସ୍ଥ ପରି ଅଟେ ।

ଆମ ପିତାଙ୍କ ସିଂହାସନ ସମ୍ମୁଖରେ,
ଆମେ ଆମର ଆନ୍ତରିକ ପ୍ରାର୍ଥନାଗୁଡିକୁ ଢାଳୁ;
ଆମର ଭୟ, ଆମର ଆଶା, ଆମର ଲକ୍ଷ୍ୟଗୁଡିକ ଏକ ଅଟେ,
ଆମର ଆରାମ ଏବଂ ଆମର ଯତ୍ନମାନ ।

78 ବୁଝିଲେ? ହଁ, ଆଜ୍ଞା! ଯେତେବେଳେ ଜଣେ ଏକ ଆଶୀର୍ବାଦ ପାଆନ୍ତି, ତେବେ ଆମେ ସମସ୍ତେ ତାହା ବିଷୟରେ ଆନନ୍ଦିତ ହୋଇଥାଉ । ଯେତେବେଳେ ଜଣେ ଦୁଃଖୀ ହୁଏ, ଆମେ ତାଙ୍କ ସହିତ ଦୁଃଖିତ ହୋଇଥାଉ । ଆମେ—ଆମେ ସମସ୍ତେ ସବୁ ବିଷୟରେ ଏକାଠି ହେବାକୁ ଚାହୁଁ । ତେବେ ସେହି ପ୍ରକାର ହିଁ ଆମେମାନେ ହେବା ଉଚିତ୍ ।

79 ଏବଂ ସେହି ପ୍ରକାରେ ହିଁ ଇସ୍ରାଏଲ୍‌କୁ ହେବାର ଉଚିତ୍ ଥିଲା । ମାତ୍ର ଏହା ଭାରଗ୍ରସ୍ତ ହୋଇଗଲା, "ଓଃ, ଏହି ପୁରୁଣା ହାଲୁକା ରୁଟି!" ସ୍ୱର୍ଗଦୂତମାନଙ୍କର ରୁଟି, "ତେବେ, ଏହି ପୁରୁଣା ହାଲୁକା ରୁଟି ବିଷୟରେ ଆମେମାନେ କି ସନ୍ତୁଷ୍ଟ ହେବା? ଆମର ପ୍ରାଣ ଏହି ଜିନିଷକୁ ଘୃଣା କରେ! ଏବଂ ସବୁକିଛି ଭୁଲ ଅଟେ । ଏବଂ—ଏବଂ ଏହି ପୁରୁଣା ମାନ୍ନା ଯାହାକି ପ୍ରତିଦିନ ରାତିରେ ପଡୁଥିଲା, କାହିଁକି, ଆମେ ତ ମିସରରୁ କିଛି ରସୁଣ ଓ ଅଦା ପାଇବାକୁ ଇଚ୍ଛା କରୁ ।" ଆପଣ ଦେଖନ୍ତୁ, ସେମାନଙ୍କର ହୃଦୟ ଯାତ୍ରା ପାଇଁ ପ୍ରସ୍ତୁତ ନ ଥିଲା ।

80 ଏବଂ ଯେତେବେଳେ ଜଣେ ପୁରୁଷ କିମ୍ବା ଜଣେ ସ୍ତ୍ରୀ ମଣ୍ଡଳୀକୁ ଯିବା ବିଷୟରେ ଅଭିଯୋଗ କରିବା ଆରମ୍ଭ କରନ୍ତି, ସେମାନେ ମଣ୍ଡଳୀକୁ ଯିବା ବିଷୟ ନେଇ ଅତ୍ୟଧିକ କ୍ଲାନ୍ତ ହୁଅନ୍ତି, ତେବେ ସେମାନେ ଯାତ୍ରା ପାଇଁ ପ୍ରସ୍ତୁତ ନୁହଁନ୍ତି । ତାହା ଠିକ୍ ଅଟେ । କୌଣସି ସ୍ଥାନରେ କିଛି ଗୋଟାଏ ଭୁଲ ଅଛି ।

81 ଓଃ, ଯେତେବେଳେ ଆପଣ ପରମେଶ୍ୱରଙ୍କୁ ପ୍ରେମ କରନ୍ତି, ଏବଂ ଏହା ଭାବନ୍ତି ଯେ ଆପଣ ସ୍ୱର୍ଗକୁ ଯାଉଅଛନ୍ତି, ଏବଂ ଆପଣମାନେ ସମସ୍ତେ ଏକାଠି ଯାଉଅଛନ୍ତି:

> କି ଏକ ସହଭାଗୀତା, କି ଏକ ଈଶ୍ୱରୀୟ ଆନନ୍ଦ,
> ଅନନ୍ତ ବାହୁ ଉପରେ ଆଉଜେଇ ଥାଏ;
> ଓଃ, ମୋର ପ୍ରଭୁଙ୍କ ସହିତ ସନ୍ନିକଟତାରେ କେତେ ଆଶୀଷିତ ଶାନ୍ତି ଅଛି,
> ତାହାଙ୍କର ଅନନ୍ତ ବାହୁ ଉପରେ ଆଉଜେଇ ଥାଏ ।

କି ଏକ…ଆମେ ସେହି ଭଜନଗୁଡିକ ଗାନ କରିଥାଉ ।

> ଆମେ ଆମର ପାରସ୍ପରିକ ଦୁଃଖଗୁଡିକ ବାଣ୍ଟି ନେଉ,
> ଆମର ପାରସ୍ପରିକ ଭାରଗୁଡିକୁ ବହନ କରି ନେଉ;
> ଏବଂ ପ୍ରାୟତଃ ପରସ୍ପର ପାଇଁ
> ଏକ ସହୃଦୟ ଅଶ୍ରୁ ପ୍ରବାହିତ ହୁଏ ।
>
> ଯେତେବେଳେ ଆମେ ଭିନ୍ନ ହୋଇ ଅଲଗା ହେଉ,
> ଏହା ଆମକୁ ଆନ୍ତରିକ ଯନ୍ତ୍ରଣା ଦିଏ;
> କିନ୍ତୁ ଆମେମାନେ ତଥାପି ହୃଦୟରେ ସଂଯୋଗ ହୋଇଥିବା,
> ଏବଂ ପରବର୍ତ୍ତୀ ପ୍ରାର୍ଥନା ସଭା ସମୟରେ ପୁନର୍ବାର ସାକ୍ଷାତ କରିବାକୁ ଆଶା କରିବା । (ହଁ, ଆଜ୍ଞା, ତଥାପି ହୃଦୟରେ ସଂଯୋଗ ହୋଇଥିବା!)

82 ବର୍ତ୍ତମାନ ଆପଣମାନେ ଯାତ୍ରା ନିମନ୍ତେ ପ୍ରସ୍ତୁତ ହେଉଛନ୍ତି, ଦେଖନ୍ତୁ, ଆପଣମାନେ ପ୍ରତିଜ୍ଞାତ ଦେଶକୁ ଯିବା ନିମନ୍ତେ ପ୍ରସ୍ତୁତ ଅଟନ୍ତି । ପରୀକ୍ଷାର ସମୟ, ସେଠାରେ ସେହି ବିପଦପୂର୍ଣ୍ଣ ସ୍ଥାନ ଅଛି; ସେହି ପ୍ରାନ୍ତର, ପରୀକ୍ଷା ସମୟ ରହିଛି ।

83 ଇସ୍ରାଏଲ, ତାହାର ପରୀକ୍ଷାର ସମୟରେ, ସେ କଳି କରିବାକୁ ଲାଗିଲା ଏବଂ ପରସ୍ପର ସହିତ ଝଗଡା କରିବାକୁ ଲାଗିଲା, ଏବଂ ରୁଟି ଉପରେ ବଚସା କରିବାକୁ ଲାଗିଲା । ଏବଂ ସେମାନେ ମିସରକୁ ଫେରିଯିବାକୁ ଇଚ୍ଛା କଲେ ।

84 ଏବଂ ତାହାପରେ ସେମାନେ ନିଜ ନେତାଙ୍କ ବିଷୟରେ ଅଭିଯୋଗ କରିବାକୁ ଆରମ୍ଭ କଲେ । ଓଃ, ମୋଶା ନିଜକୁ ଜଣେ ନେତା ଭାବରେ ଚିହ୍ନଟ କରିସାରିବା ପରେ; ଏବଂ ପରମେଶ୍ୱର ଏହା ପ୍ରମାଣ କରିସାରିବା ପରେ ଯେ ସେ ଜଣେ ନେତା ଅଟନ୍ତି, ସେମାନେ ଭୟ

କରିଥିଲେ ଯେ ସେ ସେମାନଙ୍କୁ ବିପଥଗାମୀ କରୁଛନ୍ତି । "ତେବେ, ବୋଧହୁଏ ଆମେମାନେ ଅଳ୍ପ ଟିକିଏ ପାଗଳ ଭଳି ଆଚରଣ କରିଅଛୁ । ଏବଂ—ଏବଂ ବୋଧହୁଏ ଆମେ ସମସ୍ତେ ଭୁଲ୍ ପଥରେ, ମାର୍ଗରୁ ଓହରି ଯାଇଅଛୁ," କିମ୍ବା, ସେହିପରି କିଛି ଗୋଟାଏ, ଦେଖନ୍ତୁ, ସେମାନେ ପରମେଶ୍ଵର ଏବଂ ମୋଶାଙ୍କ ବିରୁଦ୍ଧରେ, ପରମେଶ୍ଵର ଏବଂ ତାହାଙ୍କର ନେତାଙ୍କ ବିରୁଦ୍ଧରେ କଥାବାର୍ତ୍ତା କରିଥିଲେ ।

85 ବର୍ତ୍ତମାନ ଯେତେବେଳେ ଆମେମାନେ ଏପରି ଏକ ସ୍ଥାନରେ ପହଞ୍ଚିଥାଉ, ଧରନ୍ତୁ, "ମୁଁ ଜାଣେ ନାହିଁ ଯେ ସେହି ବାକ୍ୟର ଅର୍ଥ *ଏହା,* କି ନୁହେଁ," ଏବଂ, "ମୁଁ ପବିତ୍ରଆତ୍ମା ବିଷୟରେ ଜାଣେ ନାହିଁ; ମୁଁ ତାହା ବିଷୟରେ ଅଳ୍ପ ଟିକିଏ ସନ୍ଦେହଜନକ ଅଟେ । ମୁଁ ଏପରି ଅନ୍ୟମାନଙ୍କୁ ଜାଣେ ଯେଉଁମାନେକି ତାହା କରନ୍ତି ନାହିଁ ।" ତେବେ, ମିସରକୁ ପଳାଇ ଗଲେଣି । ବୁଝିଲେ?

86 କିନ୍ତୁ ଯଦି ଆପଣ ବାସ୍ତବରେ ମାର୍ଗରେ ରହିବାକୁ ସଂକଳ୍ପବଦ୍ଧ ଅଟନ୍ତି, ତାହହେଲେ ଏହି ନେତା ସହିତ, ପବିତ୍ରଆତ୍ମାଙ୍କ ସହିତ ଠିକ୍ ରୁହନ୍ତୁ, ଠିକ୍ ସେହି ବାକ୍ୟ ସହିତ ରୁହନ୍ତୁ । ଏବଂ ଯଦି ଆପଣ ଆତ୍ମାଙ୍କ ସହିତ ରୁହନ୍ତି, ଏହା ଆପଣଙ୍କୁ ବାକ୍ୟରେ ରଖିବ । ତାହା ଠିକ୍ ଅଟେ । ଏହା ଆପଣଙ୍କୁ ଠିକ ଧାଡିରେ, ବାକ୍ୟର ପଥରେ ନେଇ ଯିବ । ଏବଂ ଏହା ବିଷୟରେ ଭୟ କରନ୍ତୁ ନାହିଁ । ଏହା କୌଣସି କ୍ଷତି କରିବ ନାହିଁ, ଏହା ତ କେବଳ ଆପଣଙ୍କୁ ସାହାଯ୍ୟ କରିବ ଯଦି ଆପଣ ଆଘାତ ପାଆନ୍ତି । ଏହା ସମସ୍ତ ଆଘାତଗୁଡିକୁ ଉପଶମ କରିବ, ପବିତ୍ରଆତ୍ମା କରିବେ ।

87 ବର୍ତ୍ତମାନ ଆମେମାନେ ଜାଣିବାକୁ ପାଉ ଯେ, ଏହି ମାର୍ଗରେ, ସେମାନେ ଏହିପରି ଭାବରେ ହୋଇସାରିବା ପରେ, ସେମାନେ ହୋରେବର ଏକ ସ୍ଥାନକୁ ଆସନ୍ତି । ଏବଂ ହୋ-ରେ-ବ, ହୋରେବ, ତାହାପରେ ଆମେମାନେ ପାଉ...ଆସନ୍ତୁ ସେହି ନାମକୁ ଭାଙ୍ଗି ଦେଖିବା । ସେହିଠାରେ ହିଁ ଅଟେ ଯେଉଁଠାରେକି ସେହି—ସେହି ନାମ *ହୋରେବ*ର ଅର୍ଥ ହେଉଛି ଏକ "ଶୁଷ୍କ ସ୍ଥାନ" କିମ୍ବା ଏକ "ମରୁଭୂମି ।"

88 ଏବଂ ଯେତେବେଳେ ଆମେ ମଣ୍ଡଳୀରେ ପରସ୍ପର ସହିତ ସହଭାଗୀତା, ଏବଂ ପବିତ୍ରଆତ୍ମାଙ୍କ ସହଭାଗିତାରୁ ବାହାରି ଯାଇଥାଉ, ଏହା ଆମକୁ ଏକ ଶୁଷ୍କ ସ୍ଥାନକୁ, ଏକ ମରୁଭୂମିକୁ ନେଇ ଆସିଥାଏ, କିଛି ହେଲେ ଜୀବନ୍ତ ନ ଥାଏ, ସବୁକିଛିରେ ଏହା କଣ୍ଟକ ରହିଥାଏ । ଦେଖନ୍ତୁ, ଏକ—ଏକ ମରୁଭୂମି, ସେଠାରେ ଏକ ଛୋଟ ସପ୍ତଫେଣୀ ଖଣ୍ଡେ କଣ୍ଟକ ସହିତ ରହିଥାଏ । କଅଣ ଆପଣ ଜାଣିଛନ୍ତି ଯେ ତାହା କଅଣ ଅଟେ? ତାହା ଏକ ମୂଲ୍ୟବାନ ଛୋଟ କୋମଳ ପତ୍ରଟିଏ ଅଟେ ଯାହାର ଜଳ ନ ଥାଏ, ଏହା ଏତେ ଘନତାର ସହ ନିଜଠାରେ ଗୁଡାଇ ହୋଇଥାଏ ଏପରିକି ତାହା ଏକ କଣ୍ଟକ ହୋଇଯାଏ । ଏବଂ ଯେତେବେଳେ ଆପଣ ସେହିପରି ଭାବରେ କାହାରିକୁ ଦେଖନ୍ତି, ହୋଇପାରେ ଯେ ତାହା ଜଣେ ମୂଲ୍ୟବାନ ପ୍ରାଣ ହୋଇଥିବ ଯିଏକି ଠିକ୍ ଭାବରେ ଜଳସେଚିତ ହୋଇ ପାରିଥାନ୍ତେ, ଏକ କୋମଳ ଛୋଟ ପତ୍ର କିମ୍ବା କିଛି ଗୋଟାଏ ହୋଇଥାନ୍ତେ । ମାତ୍ର ତାହା ପରିବର୍ତ୍ତେ, ଏହା ଏପରି ଭାବରେ

ଗୁଡାଇ ହୋଇ ରହିଥାଏ ଯେ ଏପରିକି ତାହା ଏକ କଣ୍ଟକ ହୋଇଯାଏ, କେବଳ ସମସ୍ତକିଛିକୁ ଗୋଞ୍ଜିଥାଏ, ଆପଣ ଜାଣନ୍ତି, ଦୋଷ ଖୋଜୁଥାଏ। ତାହାକୁ ଯେଉଁ ବିଷୟ ଦରକାର ତାହା ହେଉଛି କେବଳ ଜଳ। ତାହାହିଁ ସବୁକିଛି। ତାହା କେବଳ ତାହା କେବଳ ଏକ—ଏକ ଉଦ୍ଦୀପନାକୁ, କିମ୍ବା ଏକ ଭଗ୍ନଚୂର୍ଣ୍ଣ ବିଷୟକୁ, ପ୍ରଭୁଙ୍କଠାରୁ ଏକ ସତେଜତାକୁ ଆବଶ୍ୟକ କରେ। ଯଦି ଆପଣ କେବଳ ଏହାକୁ ଜଳରେ ରଖି ଦେବେ, ତାହାହେଲେ ଏହା—ଏହା ନିଜକୁ ଅଳ୍ପ ଅଳ୍ପ କରି ଟିକିଏ ଉନ୍ମୁକ୍ତ କରିବ।

89 ମାତ୍ର, ସେହିଠାରେ ହିଁ ଅଟେ ଯେଉଁଠାରେକି ସେହି ଲୋକମାନେ ଯେଉଁମାନେକି ସେହି ସ୍ଥାନରେ ରୁହନ୍ତି ସେମାନଙ୍କୁ ସେହି ସ୍ଥାନର ପରିସ୍ଥିତିକୁ ସହ୍ୟ କରିବାକୁ ପଡ଼ିଥାଏ। ଏବଂ ସେହି ଲୋକମାନେ ଯେଉଁମାନେକି ସେହି ପ୍ରକାରର ଏକ ପରିବେଶରେ ରହିବାକୁ ଇଚ୍ଛା କରନ୍ତି, ଯେଉଁଠାରେକି ସବୁକିଛି ବିଷୟ କେବଳ କଳି ଏବଂ ବଚସା କରିବାର ଥାଏ, ଏବଂ ଝଗଡା ଆଉ ସେହିପରି କଟୁ କଥା କହିବା ବିଷୟ ଥାଏ, ତେବେ, ଆପଣ କେବଳ ସେହି ବାତାବରଣ ତଳେ ବାସ କରିବେ, ତାହା ହିଁ ସବୁକିଛି ଅଟେ। ମାତ୍ର ଆମକୁ ସେଠାରେ ରହିବାକୁ ପଡ଼େ ନାହିଁ, ଏହା ତ ଆମ ପାଇଁ ସେଠାରେ ରହିବା ଜରୁରୀ ନୁହେଁ।

90 ବର୍ତ୍ତମାନ, ଏହି ହୋଉରେବ ସେହି ସ୍ଥାନ ଥିଲା ଯେଉଁଠାରେକି ପରମେଶ୍ୱର ସେହି ଲୋକମାନଙ୍କ ସହିତ ନିରାଶ ହୋଇଥିଲେ, କାରଣ ସେମାନେ ବୁଲାବୁଲି କରି ଏହି ସ୍ଥାନକୁ ଆସିଥିଲେ ଏବଂ ଏହି ଅବସ୍ଥାକୁ ଚାଲି ଯାଇଥିଲେ। ଏବଂ ସେ ସେମାନଙ୍କୁ ଠିକ ଏହି ସ୍ଥାନର ଚାରିପାଖକୁ ନେଇ ଆସିଲେ, କାରଣ ସେମାନେ ସେହି ମାର୍ଗରେ ଚାଲନ୍ତି ନାହିଁ। ସେମାନେ ସେହି—ସେହି ମୁଖ୍ୟ ମାର୍ଗରୁ ଓହରି ଯାଇଥିଲେ, ମାର୍ଗର ଏହି ପାର୍ଶ୍ୱକୁ ଆସିଗଲେ। ଏବଂ ତାହାପରେ ଏହା ପରମେଶ୍ୱରଙ୍କୁ ଏପରି କିଛି କରିବାକୁ ବାଧ୍ୟ କରିଥିଲା ଯାହାକି ଭୟଙ୍କର ଥିଲା। ସେ…ତାହା ପରମେଶ୍ୱରଙ୍କୁ ଏହିପରି କିଛି ମୋଶାଙ୍କ ସହିତ କରିବାକୁ ବାଧ୍ୟ କଲା ଯେ ମୋଶା ସେହି ଯଷ୍ଟିକୁ ନେଲେ ଯେଉଁଥିରେକି ସେ ସେହି ଦେଶକୁ ବିଚାର କରିଥିଲେ, ଆଉ ଜଳକୁ ଆଣିବା ପାଇଁ, ସେହି ଶୈଳକୁ ଆଘାତ କଲେ।

91 ତେବେ, ଏଠାରେ ଏକ ସୁନ୍ଦର ଶିକ୍ଷା ଅଛି ଯଦି ଆମେ କେବଳ ଏହାକୁ ଧରି ପାରିବା, ବୁଝିଲେ। ଏବଂ ଯେହେତୁ ଆମେ ମୂଖ୍ୟ ବିଷୟରୁ ଓହରି ଯାଇ, ସଂସାର ବନ୍ଧିତ, ଓ ବିଷୟଗୁଡିକ ହୋଇଥାଉ, ତେଣୁକରି ଏହା ପରମେଶ୍ୱରଙ୍କୁ ଜଗତର ବିଚାରଗୁଡ଼ିକୁ ନେଇ ତାହା ଦ୍ୱାରା କାଲଭରୀଠାରେ ନିଜ ପୁତ୍ରଙ୍କୁ, ଆଘାତ କରିବାକୁ ବାଧ୍ୟ କଲା, ଯେପରିକି ଆମେ ମୁକ୍ତ ହୋଇ ଯାଇପାରୁ। ଆପଣ ଦେଖୁଛନ୍ତି କି ମୋର କହିବାର ତାତ୍ପର୍ଯ୍ୟ କଅଣ?

92 ତେବେ, ଏହି ଲୋକମାନେ ସେଠାରେ ପହଞ୍ଚି ସାରିବା ପରେ, ସେମାନଙ୍କୁ କୌଣସି ଜଳ ନିକଟକୁ ନେଇ ଆସିବା ପାଇଁ, ଏହି ଶୁଖିଲା ସ୍ଥାନଟିକୁ ଏକ କାଲଭରୀରେ ପରିଣତ କରାଗଲା। ଏବଂ ସେଠାରେ ପରମେଶ୍ୱର ମୋଶାଙ୍କୁ କହିଲେ, ସେ କହିଥିଲେ, "ସେହି ଯଷ୍ଟିକୁ ଏବଂ ପ୍ରାଚୀନମାନଙ୍କୁ ନେଇ, ବାହାରକୁ ଯାଅ, ଆଉ ମୁଁ ତୁମ୍ଭ ସମ୍ମୁଖରେ ସେହି ଶୈଳ

ଉପରେ ଛିଡା ହେବି ।" ଆଉ ଏହି ଶୈଳ ଖ୍ରୀଷ୍ଟ ଥିଲେ । ଏବଂ ମୋଶା, ସେହି ଯଷ୍ଟି ସହିତରେ ଯାହା ଦ୍ୱାରା ସେ ଇସ୍ରାଏଲ ଜାତି ଉପରେ ବିଚାର ଆଣିଥିଲେ, ଏହି ସମାନ ଯଷ୍ଟିଟିକୁ ନେଲେ ଏବଂ ପରମେଶ୍ୱରଙ୍କ ନ୍ୟାୟ ବିଚାରକୁ ସେହି ଶୈଳ ଉପରେ ଆଘାତ କଲେ । ବୁଝିଲେ? ସେ ଲୋକମାନଙ୍କର ପାପଗୁଡିକୁ ଏହି ଯଷ୍ଟି ଉପରେ ନେଇଗଲେ । ଯାହାକି, ସେ ଲୋକମାନଙ୍କୁ ଆଘାତ କରିବା ଉଚିତ୍ ଥିଲା । ଲୋକମାନଙ୍କୁ ଆଘାତ କରିବା ପରିବର୍ତ୍ତେ, ସେ ଶୈଳକୁ ଆଘାତ କଲେ । ଏବଂ ସେହି ଶୈଳ, ପରମେଶ୍ୱରଙ୍କର ଏକ କାର୍ଯ୍ୟ ଦ୍ୱାରା, ପରିତ୍ରାଣକୁ ନେଇ ଆସିଥିଲା, ବିନଷ୍ଟ ହେଉଥିବା ଏକ ଲୋକମାନଙ୍କ ନିକଟକୁ ଜଳ ନେଇ ଆସିଥିଲା । ଏହା ମରୁଥିବା ଏକ ଲୋକମାନଙ୍କ ପାଇଁ ଜୀବନକୁ ନେଇ ଆସିଥିଲା । ଏବଂ ତାହାହିଁ ଅଟେ ଯାହାକି ପରମେଶ୍ୱର ତାହାଙ୍କର—ତାହାଙ୍କର ବିଚାରଯଷ୍ଟିର ଏକ ବାଡ଼ିକୁ ଗ୍ରହଣ କରିବା ଦ୍ୱାରା କରିଥିଲେ, ଏବଂ ମୋର ପାପ ଓ ଆପଣମାନଙ୍କର ପାପକୁ ଏହି ଯଷ୍ଟିର ଚାରିପାଖରେ ଗୁଡାଇ ଦେଇଥିଲେ; ଯେତେବେଳେକି ଏହା ଆମକୁ ଆଘାତ କରିବାର ଉଚିତ୍ ଥିଲା, ମାତ୍ର ଏହା ଖ୍ରୀଷ୍ଟଙ୍କୁ ଆଘାତ କଲା; ଯେପରିକି ତାହାଙ୍କଠାରୁ ଜଳ ନିର୍ଗତ ହୁଏ, ଯାହାର ଅର୍ଥ "ଆତ୍ମା," ସେହି ପବିତ୍ରଆତ୍ମା ତାହାଙ୍କଠାରୁ ବାହାରି ଆସିଥିଲା, ଯେ ଆମକୁ ଜୀବନ ପ୍ରଦାନ କରେ । ବର୍ତ୍ତମାନ ଆମ ପାଖରେ ଅନନ୍ତ ଜୀବନ ରହିଛି । ତେବେ, ସେହି ଶୈଳ ଖ୍ରୀଷ୍ଟ ଥିଲେ । ବର୍ତ୍ତମାନ ଆମେ ଧ୍ୟାନ ଦେବାକୁ ଚାହୁଁଛୁ ।

93 ମୁଁ ଏହି ଶୈଳର ଅନେକ ବୌଦ୍ଧିକ ଚିତ୍ରାଙ୍କନ ଦେଖିଅଛି । ଅଧିକ ଦିନ ହୋଇନାହିଁ, ମୁଁ ସେଗୁଡିକ ମଧ୍ୟରୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଚିତ୍ରଟିଏ ଦେଖିଲି, ଏପରିକି ଯେଉଁଠାରେ ଗୋଟିଏ ପାହାଡ ଉପରେ ଏକ—ଏକ ଛୋଟ ଶୈଳଟିଏ ପଡ଼ି ରହିଥିବାର ଦେଖିଲି । ଏବଂ—ଏବଂ ମୋଶାଙ୍କୁ ଏହି ଶୈଳଟିକୁ ପ୍ରହାର କରିବାର ଅନୁମାନ କରାଯାଇଥିଲା, ଏବଂ ସେଠାରେ ତଳେ ଇସ୍ରାଏଲ୍ ଏକ ଚାହା କପ୍ ନେଇ ରହିଥିଲା, ଏବଂ ଏହି ଶୈଳରୁ ଝରି ପଡୁଥିବା ଟିକିଏ ଛିଞ୍ଚଣ ଜଳରୁ ସେମାନଙ୍କ ପାଇଁ ପାନୀୟ ଗ୍ରହଣ କରୁଥିଲା । ତେବେ ତାହା କେବଳ କାହାରି ଜଣକାର ଧାରଣା ଅଟେ ।

94 କିନ୍ତୁ ଯେତେବେଳେ ଏହି ଶୈଳ ତାହାର ଜଳ ବାହାର କଲା, ସେଠାରେ ବଳଦ, ଓଟ, ଏବଂ ଅନ୍ୟ ସମସ୍ତ କିଛି ବ୍ୟତୀତ, କୋଡ଼ିଏ ଲକ୍ଷରୁ ଅଧିକ ଲୋକମାନେ ରହିଥିଲେ ଯେଉଁମାନେକି ଏଥିରୁ ଜଳକୁଣ୍ଡ ଲେଖାଏଁ ପାଣି ପିଇଥିଲେ । ଏହା ତ ଏକ ବହୁଳ ମାତ୍ରାରେ ପ୍ରବାହିତ ନିର୍ଝର ଥିଲା ଯାହାକି ସେଠାରୁ ନିର୍ଗତ ହୋଇଥିଲା!

95 ତାହା ସେହି ପ୍ରକାରେ ହିଁ ଅଟେ ଯେ ସେମାନେ ଆଜି ଖ୍ରୀଷ୍ଟଙ୍କୁ, ପବିତ୍ରଆତ୍ମାଙ୍କୁ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଥାନ୍ତି । "ଏହା ତ କେବଳ ଅଳ୍ପ ଟିକିଏ ଛିଞ୍ଚଣ ଅଟେ ।" ଦେଖନ୍ତୁ, କେବଳ ଆପଣଙ୍କୁ ଏତିକି ବିଶ୍ୱାସ କରାଇବା ହେତୁ ଯଥେଷ୍ଟ ଯେ ଜଣେ ପରମେଶ୍ୱର ଅଛନ୍ତି । ନା ।

96 ଏହା ତ ଜଳର ଏକ ପ୍ରାଚୁର୍ଯ୍ୟତା ଅଟେ! ଦାଉଦ କହିଲେ, "ମୋର ପାନପାତ୍ର ଉଚ୍ଛୁଳି ଉଠୁଅଛି!" ଏହା ତ ପବିତ୍ରଆତ୍ମାଙ୍କର କେବଳ ଏକ ବହୁଳତା ଅଟେ ।

97 ଲୋକମାନେ ଏହାକୁ ଭୟ କରନ୍ତି । କେତେକ ଲୋକେ କୁହନ୍ତି, "ତେବେ, ମୁଁ ଟିକିଏ ଭୟଭୀତ ଅଟେ ଯେ ମୁଁ *ଏହା* କରିବି କିମ୍ବା *ତାହା* କରିବି, କିମ୍ବା ଯଦି ମୁଁ ଅଳ୍ପ ଟିକିଏ ଗଭୀରକୁ ଚାଲିଯାଏ । ମୁଁ ଆପଣମାନଙ୍କୁ ଦେଖାଇପାରେ ଯେ କେହି ଜଣେ ଟିକିଏ ଅଧିକ ଦୂରକୁ ଚାଲି ଯାଇଥିଲେ ।" ମାତ୍ର ଆପଣ କଦାପି ସେହି ଜଣକାକୁ ଇଙ୍ଗିତ କରନ୍ତି ନାହିଁ ଯିଏକି ଯଥେଷ୍ଟ ଦୂରକୁ ଗଲା ନାହିଁ । ବୁଝିଲେ? ହଁ, ସେମାନଙ୍କ ବିଷୟରେ କଅଣ ଯେଉଁମାନେକି ଯଥେଷ୍ଟ ଦୂରକୁ ଗଲେ ନାହିଁ?

98 ତେବେ, ଆମ ପାଖରେ କିଛି ଲୋକ ରହିଛନ୍ତି ଯେଉଁମାନେକି ଶାରୀରିକ ମନୋବୃତ୍ତିର ହୋଇଗଲେ, ଏବଂ ଭୁଲ୍ ମାର୍ଗକୁ ଚାଲିଗଲେ । ଏବଂ—ଏବଂ ପରମେଶ୍ୱର ନୁହଁନ୍ତି, ମାତ୍ର ଲୋକମାନେ ଚାଲି ଗଲେ...ଉତ୍ତମ ନେତୃତ୍ୱ ନ ଥିବାରୁ, କିଅବା ପ୍ରଭୃତି ବିଷୟ ଯୋଗୁଁ, ସେମାନେ ଭୁଲ୍ ମାର୍ଗକୁ ଚାଲିଗଲେ, ଏବଂ ସେମାନେ ଧର୍ମୋନ୍ମତ୍ତତାକୁ ଚାଲିଗଲେ । ଏବଂ ତାହାପରେ ସମଗ୍ର ଜଗତ, ଶୟତାନ ସେମାନଙ୍କ ଆଡକୁ ଇଙ୍ଗିତ କରେ, "ତାହା ଦେଖ! ତାହା ଦେଖ!"

99 ତେବେ, ମୋତେ ଆଜି ସକାଳେ ଛିଡା ହୋଇ ଏହି ଦଶ ଲକ୍ଷ ଗୁଣନରୁ ଅଧିକ ସେହି ଲୋକମାନଙ୍କ ଆଡକୁ ଇଙ୍ଗିତ କରିବାକୁ ଦିଅନ୍ତୁ ଯେଉଁମାନେକି ଏପରିକି କେବେ ଆରମ୍ଭ ବି କଲେ ନାହିଁ । ସେମାନଙ୍କ ବିଷୟରେ କଅଣ? ଦେଖନ୍ତୁ, ସେମାନଙ୍କର ଅବସ୍ଥାକୁ ଦେଖନ୍ତୁ । ଆଜି ଆଇକମ୍ୟାନ୍ ଭଳିଆ ଜଣେ ବ୍ୟକ୍ତିଙ୍କୁ ଦେଖନ୍ତୁ, ଯାହାରକି ସର୍ବାଧିକ...ସେମାନେ କୁହନ୍ତି, "ପେଣ୍ଟିକଷ୍ଟାଲମାନେ ଅନୈତିକ ଏବଂ ଅବାଧ୍ୟ ଅଟନ୍ତି, ଏବଂ ସେମାନେ ଶିକ୍ଷିତ ନୁହଁନ୍ତି," ଏବଂ ସେହିପରି ପ୍ରଭୃତି । ଆଇକମ୍ୟାନ୍‌ଙ୍କୁ ଦେଖନ୍ତୁ, ଯିଏକି ଜଗତର ଜଣେ ସର୍ବୋଚ୍ଚ ଶିକ୍ଷିତ ପୁରୁଷମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଏବଂ ସେ ଷାଠିଏ ଲକ୍ଷ ଶିଶୁ ଓ ମହିଳା ଏବଂ ପୁରୁଷମାନଙ୍କୁ, ଷାଠିଏ ଲକ୍ଷ ପ୍ରାଣଗୁଡିକୁ, ହତ୍ୟା କରିଥିଲେ । ଆପଣ ସେହିପରି କାହାରି ଜଣକା ଆଡେ ଇଙ୍ଗିତ କରିବାକୁ ଚାହାଁନ୍ତି ନାହିଁ ।

100 ମାତ୍ର କୌଣସି ଜଣେ ସାନ ବ୍ୟକ୍ତି ଯିଏକି କ୍ୱଚିତ୍ ହଁ, ବଡ କଷ୍ଟରେ ପଢିପାରେ, ହୋଇପାରେ ଯେ ବାଇବଲର କିଛି ନାମ ଭୁଲ କହିପାରେ, ଏବଂ, କିମ୍ବା ହୋଇପାରେ ଯେ କିଛି ଭୁଲ୍ କହିଥଲେ କିମ୍ବା କିଛି ଗୋଟାଏ ଭୁଲ କରିଥିଲେ, କିଅବା କୌଣସି ଭୁଲ ହୋଇଯାଇଥିଲା, ଖବରକାଗଜ ଏହାକୁ ସବୁ ସ୍ଥାନରେ ଲେଖିବାକୁ ଚାହିଁବ, ଏବଂ କହିବାକୁ ଚାହିଁବ, "ସେମାନଙ୍କୁ ଭରସା କରାଯିବା ଉଚିତ୍ ନୁହେଁ ।"

101 ତାହାହେଲେ ଯଦି ତାହା ଭରସା କରାଯାଇ ନ ପାରେ, ତେବେ ଶିକ୍ଷା, ସେହି ଜିନିଷଗୁଡିକ ଏବଂ ବୁଦ୍ଧିଜୀବୀମାନେ ଯାହା ଆଜି ଆମ ପାଖରେ ରହିଛନ୍ତି ସେମାନେ କାହିଁକି ଭରସା କରାଯାଇ ନ ପାରନ୍ତି? ଆଡଲଫ୍ ହିଟଲରଙ୍କୁ ଦେଖନ୍ତୁ । ଆଜି ଜଗତର ମସ୍ତିଷ୍କଗୁଡିକୁ ଦେଖନ୍ତୁ । ସେମାନଙ୍କୁ ଦେଖନ୍ତୁ । ସେହି ପୁରାତନ ପ୍ରବାଦଟି ଅଛି, "ବତକ ନିମନ୍ତେ ଥିବା ଚଟଣୀଟି ହଂସ ପାଇଁ ଅଟେ ।"

102 ଆପଣଙ୍କୁ ଯାହା କରିବାକୁ ଅଛି ତାହା ହେଉଛି, ପବିତ୍ରଆତ୍ମାଙ୍କ ଦ୍ୱାରା ଯୋଗ୍ୟ ହେବା, ଯେ ଯାହା ଠିକ୍ ଏବଂ ଭୁଲ୍ ଅଟେ ଆପଣ ତାହାକୁ ବିଭକ୍ତ କରିପାରନ୍ତି, ଏବଂ ଯାହା ଠିକ୍ ଏବଂ ଭୁଲ ତାହା ଗ୍ରହଣ କରିପାରନ୍ତି ।

103 ବର୍ତ୍ତମାନ, ଆମେମାନେ ପାଉ ଯେ ଏହି କାଲଭରୀ ଯାହା ସେମାନଙ୍କ ପାଖରେ ରହିଥିଲା, ଏବଂ ଜୀବନର ଏହି ଜଳ ଯାହା ଲୋକମାନଙ୍କ ପାଇଁ ପ୍ରବାହିତ ହୋଇଥିଲା ।

104 ତେବେ, କେତେକ ଲୋକମାନଙ୍କର ହୃଦୟ ଏବଂ ମନରେ ଏହା ରହିଛି, ଯେ ସମସ୍ତ ଇସ୍ରାଏଲ ପାନ କଲେ, ଆଉ ତାହାପରେ ସେମାନେ ଓଟଗୁଡ଼ିକୁ ସଜାଡିଲେ ଓ ବଗୀଗୁଡିକୁ ସେମାନଙ୍କର ଘୋଡା ପଛରେ ବାନ୍ଧିଲେ, ଏବଂ ପ୍ରଭୃତିସବୁ କଲେ, ଆଉ ସେମାନଙ୍କର ପିଲା ଛୁଆମାନଙ୍କୁ ନେଇ ଅନ୍ୟ କୌଣସି ସ୍ଥାନକୁ ଯାତ୍ରା କଲେ, ଏବଂ ସେହି ଶୈଳକୁ ସେଠାରେ ଛାଡିଦେଲେ, ଯେଉଁଥିରୁ ଜଳ ଝରୁଥିଲା । ତାହା ଭୁଲ ଅଟେ ।

105 ସେହି ଶୈଳ ସେମାନଙ୍କୁ ଅନୁସରଣ କରିଥିଲା, ଏବଂ ସେହି ଜଳ ସେମାନଙ୍କୁ ଅନୁସରଣ କରିଥିଲା । ତେବେ ପ୍ରଥମ କରିନ୍ଥୀୟ, ତାର 10ମ ପର୍ବରେ, ମୁଁ ବିଶ୍ୱାସ କରେ, ଏବଂ ତାର 11ଶ ପଦ, ଆପଣ ଏହାକୁ ପାଇପାରିବେ, ଯେ "ସେହି ଶୈଳ ଇସ୍ରାଏଲକୁ ଅନୁସରଣ କରିଥିଲା ।" ସେମାନେ ସେହି ଦିନଠାରୁ ଯେଉଁଆଡେ ବି ଗଲେ, ସେହି ଶୈଳ ସେମାନଙ୍କ ସହିତରେ ଗଲା, ଏବଂ ସେହି ଜଳ ସେମାନଙ୍କୁ ଅନୁସରଣ କରିଥିଲା ।

106 କି ସୁନ୍ଦର ଏକ ପ୍ରତିଚିତ୍ରଣ ଅଟେ, ଏବଂ ଆଜି ବିଶ୍ୱାସୀଙ୍କ ପାଇଁ ଏକ—ଏକ ସୁନ୍ଦର ଧରିବାର ସାହାରା ଅଟେ ଏବଂ ଏକ ଲଙ୍ଗର ଅଟେ, ଯିଏକି ଏହା ଜାଣେ ଯେ ସେହି ଶୈଳ ଯାହାକି ଏକଦା ପ୍ରହାରିତ କରାଯାଇଥିଲା, ସେହି ଜଳ ଯାହା ଥରେ କାଲଭରୀରୁ ଝରିଥିଲା, ଆମେ ଯେଉଁଠିକୁ ଯାଉ ତାହା ଆମ ସହିତରେ ଯାଇଥାଏ! ଓଃ, ମୋର ପ୍ରଭୁ! ଏହା ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଫେରିଯାଇ, ଏହା କହିବାକୁ ଯାଉନାହିଁ, "ତେବେ, ଗତକାଲିର ଗୋଟିଏ ଦିନ ପୂର୍ବରୁ, ଆମର ସେଠାରେ ପାଣି ରହିଥିଲା ।" ଆମର ତ ଆଜି, ଠିକ ଏଠାରେ ଜଳ ରହିଅଛି, କାରଣ ସେହି ଶୈଳ ଖ୍ରୀଷ୍ଟ ଥିଲେ! ଏବଂ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।

107 ଦେଖନ୍ତୁ, ସେହି ଶୈଳ ଇସ୍ରାଏଲକୁ ଅନୁସରଣ କରିଥିଲା । ସେମାନେ କଦାପି ସେହି ଶୈଳକୁ ଅନୁସରଣ କରି ନ ଥିଲେ, ମାତ୍ର ସେହି ଶୈଳ ସେମାନଙ୍କୁ ଅନୁସରଣ କରିଥିଲା । ଆମେନ୍ । ଇସ୍ରାଏଲ ନିଜର ଯାତ୍ରାପଥରେ ଚାଲିଗଲା । ସେମାନଙ୍କ ପାଇଁ କେବଳ ଗୋଟିଏ ଜିନିଷ କରିବାର ଥିଲା, ତାହା ହେଉଛି, ମାର୍ଗକୁ ସୀଧାସଳଖ ଗ୍ରହଣ କରିବା, ସୀଧା ସଳଖ ଠିକ ପ୍ରତିଜ୍ଞାତ ଦେଶକୁ ଯିବାର ମାର୍ଗକୁ ନେବା । ଏବଂ ସେହି ଶୈଳ ଓ ସେହି ଜଳ ସେମାନଙ୍କୁ ଅନୁସରଣ କରିଥିଲା ।

> ...ସେହି *ଶୈଳ* ସେମାନଙ୍କୁ *ଅନୁସରଣ କରିଥିଲା:...*

ପ୍ରଥମ କରିନ୍ଥୀୟ ଆପଣଙ୍କୁ ତାହା କୁହେ, ତାର 10ମ ପର୍ବ । ଠିକ୍ ଅଛି ।

> *...ସେହି ଶୈଳ ଖ୍ରୀଷ୍ଟ ଥିଲେ ।*

108 ପରମେଶ୍ୱର ଲୋକମାନଙ୍କର ବିଚାରକୁ ନେଇ ସେଗୁଡ଼ିକୁ ଖ୍ରୀଷ୍ଟଙ୍କ ଉପରେ ଥୋଇଦେଲେ, ଏବଂ ତାହାଙ୍କୁ ପ୍ରହାର କଲେ। କଅଣ ଆପଣ ଲକ୍ଷ୍ୟ କଲେ କି, ସେହି ଦିନଠାରୁ, ସେହି ଶୈଳରେ ଏକ ଖାଲ ହୋଇ ଯାଇଥିଲା? ସେହି ଶୈଳରେ ଏକ ଖାଲ ଥିଲା, ଯେଉଁଠାରେ ମୋଶା ପ୍ରହାର କରିଥିଲେ। ଏବଂ ଖ୍ରୀଷ୍ଟଙ୍କୁ ଯେତେବେଳେ ଘାତ କରାଗଲା, ସେତେବେଳେ ତାହାଙ୍କର ଏକ ଖାଲ ହୋଇ ଯାଇଥିଲା, "ସେ ଆମମାନଙ୍କର ଅପରାଧ ସକାଶୁ ଘାତ ହୋଇଥିଲେ, ଏବଂ ତାଙ୍କର କୋରଡା ପ୍ରହାର ଦ୍ୱାରା ଆମେ ସୁସ୍ଥ ହେଲୁ।" ପୁଣି ସେହି ଜୀବନରୁ ଜୀବନର ଜଳ ନିର୍ଗତ ହୋଇଥିଲା ଯାହାକୁ ଆମେ ଆଜି ଏତେ ଅଧିକ ଉପଭୋଗ କରୁଅଛୁ!

109 ବର୍ତ୍ତମାନ, ଏହି ଜୀବନକୁ ପାଇବାକୁ ହେଲେ, ମନେରଖନ୍ତୁ, ଖ୍ରୀଷ୍ଟଙ୍କର ଜୀବନ ମଣ୍ଡଳୀ ସହିତରେ ରହିଥାଏ। ହାଲ୍ଲେଲୁୟା! ଓଃ, ପରବର୍ତ୍ତୀ ଦଶ ମିନିଟ୍ ପାଇଁ ଯଦି ଆମେମାନେ ନିଜର ଚିନ୍ତାଧାରାକୁ ସେଠାରେ ଲଙ୍ଗର କରିପାରିବା! ଖ୍ରୀଷ୍ଟ ମଣ୍ଡଳୀକୁ ଛାଡନ୍ତି ନାହିଁ। "ମୁଁ ସର୍ବଦା ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ଯାଏଁ ରହିବି।" ଏହା ତ ସେହି ଲୋକମାନେ ଅଟନ୍ତି ଯେଉଁମାନେକି ଖ୍ରୀଷ୍ଟଙ୍କୁ ଛାଡ଼ି ଦିଅନ୍ତି, ଖ୍ରୀଷ୍ଟ ଲୋକମାନଙ୍କୁ ଛାଡ଼ନ୍ତି ନାହିଁ। ଲୋକମାନେ ସେମାନଙ୍କର ଅବିଶ୍ୱାସ ଦ୍ୱାରା, ଏହାକୁ ଛାଡି ଦେଇଥାନ୍ତି। ସେମାନେ ଖ୍ରୀଷ୍ଟଙ୍କୁ ଛାଡି ଦିଅନ୍ତି, ଖ୍ରୀଷ୍ଟ ଲୋକମାନଙ୍କୁ ଛାଡନ୍ତି ନାହିଁ।

110 ଇସ୍ରାଏଲ୍ ସେହି ନିର୍ଝରକୁ ଛାଡି ଦେଲା, ନିର୍ଝର ଇସ୍ରାଏଲକୁ ଛାଡି ନ ଥିଲା। ବୁଝିଲେ? କାରଣ, ବାଇବଲ ସ୍ପଷ୍ଟ ଭାବରେ କୁହେ ଯେ, "ସେହି ଶୈଳ ଓ ସେହି ଜଳ ଇସ୍ରାଏଲକୁ ଅନୁସରଣ କରିଥିଲା।" ସେମାନଙ୍କୁ ଅନୁସରଣ କରିଥିଲା! ସେମାନେ ଯେଉଁଆଡ଼େ ବି ଗଲେ, ଏହା ମଧ୍ୟ, ଯାଇଥିଲା।

111 ଓଃ, ମୁଁ ଚାହିଁବି, ଆଜି ସକାଳେ, ଯଦି ଆମ ପାଖରେ ସମୟ ଥାଏ, ଆମେ ଯିହୋଶୂୟଙ୍କ ପ୍ରଥମ ପର୍ବକୁ ଯିବା, ଯେଉଁଠାରେ ସେ କହିଥିଲେ, "ପ୍ରତ୍ୟେକ ସ୍ଥାନ ଯେଉଁଠାରେ ବି ତୁମେ ତୁମର ପାଦର ପକାଇବ, ତାହା ମୁଁ ତୁମକୁ ଦେଇଅଛି। ତୁମେ ଯେଉଁଠାକୁ ବି ଯାଅ, ସଦାପ୍ରଭୁ ତୁମମାନଙ୍କର ପରମେଶ୍ୱର ତୁମ ସହିତରେ ଅଛନ୍ତି। ତୁମେ କୌଣସି ମନୁଷ୍ୟକୁ ଭୟ କରିବ ନାହିଁ। ସାହସିକ ହୁଅ! ତୁମେ ଯେଉଁଠାରେ ବି ପାଦ ପକାଅ, ମୁଁ ତୁମ ସହିତରେ ଠିକ ସେଠାରେ ଅଛି, ଯାଏ ଅସେ ନାହିଁ ଯେ ତାହା କେଉଁଠାରେ ଅଟେ।" ପରମେଶ୍ୱର ଯିହୋଶୂୟଙ୍କ ସହିତ ଯାଉଅଛନ୍ତି!

112 ସେହି ସମାନ ପରମେଶ୍ୱର ଆଜି ସକାଳେ ତାହାଙ୍କ ମଣ୍ଡଳୀ ସହିତରେ ଯାଆନ୍ତି। ଆସନ୍ତୁ ଏହି ନିର୍ଝରରୁ ପାନ କରିବା। ଯେଉଁଠାରେ ବି ଆପଣ ଏକ ପାଦ ପକାଇବେ, ଠିକ ସେହିଠାରେ ହିଁ ପରମେଶ୍ୱର ଆପଣଙ୍କୁ ଜଳ ଦେବା ପାଇଁ ଓ ଜୀବନ ଦେବା ପାଇଁ, ଆପଣଙ୍କ ସହିତରେ ରହିବେ। "ମୁଁ ସର୍ବଦା ତୁମ ସହିତରେ, ଏପରିକି ଯୁଗାନ୍ତ ପର୍ଯ୍ୟନ୍ତ ରହିବି।" ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ପରମେଶ୍ୱରଙ୍କ ନିୟମାବଳୀ।

113 ବର୍ତ୍ତମାନ ଆପଣ କୁହନ୍ତି, "ତାହାହେଲେ, ଭାଇ ବ୍ରାନହାମ୍, ଏହା କାହିଁକି ଅଟେ ଯେ ଆମେମାନେ ସେତେବେଳେ ସେହି କାର୍ଯ୍ୟଗୁଡିକୁ କଲୁ ନାହିଁ ଯାହା ଆମେମାନେ କରିବାର ଉଚିତ୍ ଥିଲା? ଏହା କିପରି ଯେ ଆମ ମଣ୍ଡଳୀରେ ଥିବା ଉପହାର ଏବଂ ଜିନିଷଗୁଡ଼ିକ ତାର ପ୍ରକୃତ ରୂପକୁ ଆସେ ନାହିଁ, ଯେଉଁଠାକୁକି ତାହା ଆସିବା ଉଚିତ୍? ଏହା କିପରି ଯେ ଆମ ମଣ୍ଡଳୀ ସେହି ସ୍ଥାନକୁ ଉଚ୍ଚୀକୃତ ହୋଇ ନାହିଁ ଯେଉଁଠାକୁକି ତାହା ହେବା ଉଚିତ୍?" ଲୋକମାନେ, ପରୀକ୍ଷା ସମୟରେ, ପଶ୍ଚାତ୍‌ଗମନ କରନ୍ତି ଯେପରିକି ଇସ୍ରାଏଲ୍ କରିଥିଲା। ସେମାନେ ଭାବନ୍ତି ଯେ ପରମେଶ୍ୱର ସେମାନଙ୍କୁ ଛାଡି ଦେଇଛନ୍ତି।

114 କିନ୍ତୁ, ମନେରଖନ୍ତୁ, ସେହି ଶୈଳ କେବେ ବି ଇସ୍ରାଏଲ୍‌କୁ ଛାଡି ନ ଥିଲା। ଇସ୍ରାଏଲ୍ ସେହି ଶୈଳକୁ ଛାଡି ଦେଇଥିଲା, ଏହା ସେହି ଶୈଳ ବିଷୟରେ ଭୁଲିଗଲା ଯାହାକି ସେମାନଙ୍କ ସହିତରେ ସବୁବେଳେ ରହି ଆସିଥିଲା। ଏହା ଠିକ୍ ସେଠାରେ ଥିଲା, ସେମାନଙ୍କ ସହିତରେ ଠିକ ମାର୍ଗର ଶେଷ ପର୍ଯ୍ୟନ୍ତ ଯାଇଥିଲା। "ଏହା ସେମାନଙ୍କୁ ଅନୁସରଣ କରିଥିଲା।" ଏହା କଥା କହିବାର ଅତ୍ୟଧିକ ଦୂରତାରେ ନ ଥିଲା। ଏହା ଶ୍ରବଣ କରିବାର ଅତ୍ୟଧିକ ଦୂରତାରେ ନ ଥିଲା। କିମ୍ବା, ଏହା ଦେଖାଯିବାର ଅତ୍ୟଧିକ ଦୂରତାରେ ନ ଥିଲା।

115 ଏବଂ ଖ୍ରୀଷ୍ଟ ମଧ୍ୟ ନୁହଁନ୍ତି! ଆଜି ମଣ୍ଡଳୀ ସହିତରେ, ସେ କଥା କହିବାର ଅତ୍ୟଧିକ ଦୂରତାରେ ନାହାଁନ୍ତି। ଆପଣଙ୍କ ମଧ୍ୟରୁ କେତେଜଣ ପଶ୍ଚାତ୍‌ଗମନ କରିଛନ୍ତି, ଏବଂ ଯାହା ଭୁଲ୍ ତାହା କରିଛନ୍ତି, ଏବଂ ଆପଣ ସେହି ଆନନ୍ଦ ହରାଇଛନ୍ତି, ଏବଂ ଆପଣଙ୍କର ଜଳ ଶୁଖି ଯାଇଅଛି। ସେ ତ ଏବେ ମଧ୍ୟ ଆପଣଙ୍କ ସହିତ କଥା କହିବାର ଦୂରତା ଭିତରେ ଅଛନ୍ତି। ସେ ଆପଣଙ୍କୁ ଅନୁସରଣ କରନ୍ତି। ସେ ଆପଣ କରୁଥିବା ପ୍ରତ୍ୟେକ ପଦକ୍ଷେପକୁ ଏବଂ ଆପଣ କରୁଥିବା ସମସ୍ତ କାର୍ଯ୍ୟକୁ ଜାଣନ୍ତି। ଆପଣ ଯେ ତାହାଙ୍କୁ ଦୃଶ୍ୟପଟ୍ଟକୁ ଡାକରା ଦେବେ ତାହା ଶୁଣିବା ପାଇଁ ସେ ଅପେକ୍ଷା କରି ରହିଛନ୍ତି।

116 ଏବଂ ଆଜି ଏହି ମହାନ ପେଣ୍ଟିକଷ୍ଟାଲ୍ ଆନ୍ଦୋଳନ, ପରମେଶ୍ୱର ଆପଣଙ୍କୁ ଅପେକ୍ଷା କରି ରହିଛନ୍ତି ଯେ ଆପଣ ତାହାଙ୍କୁ ଦୃଶ୍ୟପଟ୍ଟକୁ ଡାକରା ଦେବେ। ଆପଣ ତାହାଙ୍କ ସହିତ କଥା କହିବାର ଅତ୍ୟଧିକ ଦୂରତାରେ ନାହାଁନ୍ତି। ଯଦିଓ ଆମେ ଭୁଲ୍ କରିଛୁ, ଏବଂ ପାପ କରିଛୁ, ଏବଂ ତାଙ୍କ ଆଡକୁ ନିଜର ପିଠି କରି ଦେଇଛୁ, ଏବଂ—ଏବଂ ଏପରି କାର୍ଯ୍ୟ କରିଛୁ ଯାହା ଆମକୁ କରିବା ଉଚିତ୍ ନୁହେଁ, ମାତ୍ର ତଥାପି ସେ ଆମ ସହିତରେ ଅଛନ୍ତି। ଖ୍ରୀଷ୍ଟ କହିଥିଲେ ଯେ ସେ ଆମ ସହିତରେ ରହିବେ।

117 ବାଇବଲ କୁହେ, "ସେହି ଜଳ ଇସ୍ରାଏଲ ସନ୍ତାନଗଣଙ୍କୁ ଅନୁସରଣ କରିଥିଲା।" ଯେତେବେଳେ ସେମାନେ ତୃଷାର୍ତ୍ତ ହେଲେ, ସେମାନେ ଜାଣିଥିଲେ ଯେ ଜଳ ନିକଟବର୍ତ୍ତୀ ଅଛି।

118 ତେବେ, ଏହି ବିଷୟଗୁଡିକ ନିୟମ ଦ୍ୱାରା ନିୟନ୍ତ୍ରିତ ଅଟେ। ପରମେଶ୍ୱରଙ୍କ ସମସ୍ତ ବ୍ୟବସ୍ଥା ନିୟମ ଦ୍ୱାରା ସ୍ଥାପିତ ଅଟେ। ବର୍ତ୍ତମାନ ଆମେମାନେ ନେବା...ଆସନ୍ତୁ ଗୋଟିଏ

ମିନିଟ୍ ପାଇଁ ଅଟକି ଯିବା ।

119 ଆସନ୍ତୁ ପୃଥିବୀକୁ ନେବା । ଏହା ଘୁରିଥାଏ, ପ୍ରତି ଚ-ବିଶ ଘଣ୍ଟାରେ ଏହା ଏକ ସଂପୂର୍ଣ୍ଣ ପରିକ୍ରମା କରେ, ଏତେ ସିଦ୍ଧ ଅଟେ, ଯେ...ଆମର ସମସ୍ତ ବିଜ୍ଞାନ ସହିତ, ଆମେ ସଠିକ ସମୟ ରକ୍ଷା କରିବା ପାଇଁ ଏକ ସମୟସୂଚକ ଘଣ୍ଟା ନିର୍ମାଣ କରିବାରେ, ସକ୍ଷମ ହୋଇ ନାହୁଁ । ପ୍ରତ୍ୟେକ ଥର ଯଦା କଦା, ସେମାନେ ନିର୍ମାଣ କରିଥିବା ସେହି ସର୍ବୋତ୍ତମ ଘଣ୍ଟାଟି, ଗୋଟିଏ ବର୍ଷ ମଧ୍ୟରେ, କିଛି ମିନିଟ୍ ସମୟ ବଢି ଯିବ କିମ୍ବା ହ୍ରାସ ପାଇଯିବ । ମାତ୍ର ସେହି ଜଗତ ସେହି ସ୍ଥିତିରୁ କଦାପି ବିଫଳ ହୁଏ ନାହିଁ ଯାହା ସେ ଠିକ ସେହି ମୁହୂର୍ତ୍ତରେ ରହିଥାଏ । ଏହା ଏତେ ସିଦ୍ଧ ଅଟେ ଯେ ଏପରିକି ଆଜି ବୈଜ୍ଞାନିକମାନେ, ଜ୍ୟୋତିର୍ବିଜ୍ଞାନୀମାନେ ଆପଣଙ୍କୁ କହିପାରନ୍ତି, ଯେ ବର୍ତ୍ତମାନଠାରୁ ନେଇ କୋଡ଼ିଏ ବର୍ଷ କିମ୍ବା ବର୍ତ୍ତମାନଠାରୁ ନେଇ ପଚାଶ ବର୍ଷ ଉତ୍ତାରେ, ସୂର୍ଯ୍ୟ ଏବଂ ଚନ୍ଦ୍ର ଅବିକଳ ଭାବେ ପରସ୍ପରକୁ ସେହି ସମୟରେ ଠିକ ଅତିକ୍ରମ କରିବେ । ଯେତେବେଳେ ଏହା ତାହାର ଚ-ବିଶ ଘଣ୍ଟାର ଚକ୍ରକୁ ପୂର୍ଣ୍ଣ କରେ, ଏବଂ ଏହା ଏକ ଋତୁ ପାଇଁ ସେହି କକ୍ଷ ପଥରେ ନିଜର ସମୟକୁ ଘୂରାଇଥାଏ, ଏହା ଗୋଟିଏ ମୁହୂର୍ତ୍ତକୁ ମଧ୍ୟ ହାତଛଡ଼ା କରେ ନାହିଁ । ହାଲ୍ଲେଲୁୟା! ଏହା ସିଦ୍ଧ ଅଟେ, କାରଣ ଏହା ପରମେଶ୍ୱରଙ୍କ ନିୟମ ଅନୁଯାୟୀ ଚାଲୁଅଛି ।

120 ସେମାନେ ଅବିକଳ ଭାବେ ଠିକ ତାର ମିନିଟ୍ ପର୍ଯ୍ୟନ୍ତ, ଏହା ଜାଣନ୍ତି ଯେ ସେହି ଜୁଆରଟି କେବେ ଲହଡି ମାରିବ, କାରଣ ସେମାନେ ଜାଣନ୍ତି ଯେ ଚନ୍ଦ୍ର କେଉଁ ସମୟରେ ତଳକୁ ପାଖେଇ ଆସିବ । ଏବଂ ପରମେଶ୍ୱର ସବୁକିଛି ବିଷୟକୁ ଏକ ନିୟମ ଦ୍ୱାରା ସ୍ଥିର କରିଛନ୍ତି । ଏବଂ ଯେତେବେଳେ ସେହି ଚନ୍ଦ୍ର ତଳକୁ ଯାଏ, ତାହା ସହିତ ଜୁଆର ଉପରକୁ ଲହଡି ମାରିଥାଏ । ଯେତେବେଳେ ସେହି ଚନ୍ଦ୍ର ଉପରକୁ ଆସେ, ତାହା ସହିତ ଏଠାରେ ଜୁଆର ଆସିଥାଏ । ଏବଂ ସେମାନେ ସମୟ ଅନୁସାରେ, ଠିକ୍ ଭାବରେ ଜାଣନ୍ତି, ଯେ ସେହି ଚନ୍ଦ୍ର କେତେବେଳେ ତଳକୁ ଯିବ । ସେମାନେ ଏହାକୁ ଆଗାମୀ ଅନେକ ବର୍ଷଗୁଡିକ ନିମନ୍ତେ ଏକ ସମୟସୁଚିକା କ୍ୟାଲେଣ୍ଡରରେ ରଖିପାରନ୍ତି, ଏବଂ ଆପଣଙ୍କୁ, ଠିକ ତାର ମିନିଟ୍ ପର୍ଯ୍ୟନ୍ତ କହିପାରନ୍ତି, ଯେ ସେହି ଜୁଆର କେତେବେଳେ ହ୍ରାସ ପାଇବାକୁ ଆରମ୍ଭ କରିବ । ନିଶ୍ଚିତରେ, କାରଣ ସେହି ଉପାୟରେ ହିଁ ଚନ୍ଦ୍ର ଗତି କରୁଅଛି, କାରଣ ଏହା ପରମେଶ୍ୱରଙ୍କ ନିୟମ ଅନୁଯାୟୀ ସ୍ଥିର କରାଯାଇଅଛି ।

121 ଅନ୍ୟ ଏକ ଦିନ, ମୁଁ ମିଚିଗାନ୍ ହ୍ରଦ ପାଖରେ ଛିଡା ହୋଇଥିଲି । ଏବଂ ମୁଁ କାନାଡାକୁ ଯାଉଥିବାର ମୋର ମାର୍ଗରେ, ସେହି ବୃହତ ଜଳରାଶି, ସୁପିରିଅର୍ ହ୍ରଦକୁ ଯାଇଥିଲି । ଏବଂ ମୁଁ ସେଠାରେ ଛିଡା ହୋଇଥିଲି, ଏବଂ ମୁଁ ଭାବିଲି, "ଏଠାରେ ଥିବା ଏହି ମହାନ ଜଳରାଶିର ଗୋଟିଏ ପାର୍ଶ୍ୱଠାରୁ ଅନ୍ୟ ପାର୍ଶ୍ୱ ଏହା କେତେ ମାଇଲ୍ ଅଟେ?" ଏବଂ ତାହାପରେ ମୁଁ ମିଚ୍-...କୁ ଅତିକ୍ରମ, କିମ୍ବା, ସୁପିରିଅର୍ ହ୍ରଦକୁ ଅତିକ୍ରମ କରିଗଲା ପରେ, ମୁଁ ମିଚିଗାନ୍‌କୁ ଆସେ, ଯାହାକି ପ୍ରାୟଃ ସେତିକି ସମାନ ଜଳରାଶି ଅଟେ । ଏବଂ ସେଠାକୁ, ସୁପିରିଅର୍ ହ୍ରଦରୁ ନେଇ

ମିଚିଗାନ୍ ହ୍ରଦ ପର୍ଯ୍ୟନ୍ତ, ମିଚିଗାନ୍ ହ୍ରଦରୁ ନେଇ ଅଣ୍ଟାରିଓ ହ୍ରଦ ପର୍ଯ୍ୟନ୍ତ, ଏବଂ ଠିକ୍…ଏବଂ ହୁରନ୍, ଏବଂ ସମସ୍ତ ହ୍ରଦ ଏକତ୍ର ମିଶି। ସେହି ହ୍ରଦ ଭିତରେ କେତେ କୋଟି ଗୁଣନ କୋଟି ଗୁଣନ କୋଟି, ଏବଂ ଅସଂଖ୍ୟ ବ୍ୟାରେଲ ମଧୁର ଜଳ ରହିଅଛି!

122 ଏବଂ ସେଠାରେ ନେଭାଡାରେ, ଓ ଆରିଜୋନାରେ, ନ୍ୟୁ ମେକ୍ସିକୋ, ପୂର୍ବ କାଲିଫର୍ଣ୍ଣିଆରେ, ଲକ୍ଷ ଲକ୍ଷ ଏକର ଶୁଖିଲା, ଦଗ୍ଧ ହେଉଥିବା ଭୂମି ପଡ଼ି ରହିଛି। ତାହା ଏତେ ଉର୍ବର ଅଟେ ଯେ, ଯଦି ସେହି ଜଳକୁ କେବେ ସେହି ଭୂମି ନିକଟକୁ ଅଣା ଯାଇପାରିବ, ତାହହେଲେ ଏହି ରାଷ୍ଟ୍ର ସମଗ୍ର ଜଗତକୁ ଭୋଜନ ଯୋଗାଇ ଦେଇପାରିବ, ଏବଂ କୌଣସି ଲୋକ ଭୋକିଲା ରହିବେ ନାହିଁ, ଏବଂ ସମୁଦ୍ରରେ ଫିଙ୍ଗିଦେବା ଭଳି ବଳକା ହୋଇଯିବ। ତାହା ଠିକ୍ ଅଟେ! ସେହି ଲକ୍ଷ ଲକ୍ଷ ଏକର ଜମି ଯାହାକି ଟନ୍ ଗୁଣନ ଲକ୍ଷ ଲକ୍ଷ ଟନ୍ ଆଳୁ ଏବଂ କୋବି, ଏବଂ ବିନ ସେମି ଓ—ଓ ପତ୍ର ଜାତୀୟ ଲେଟୁସ୍, ଏବଂ ମୂଳା ଓ ସେଲରି, ଏବଂ କାକୁଡି, ଓ ପ୍ରଭୃତି ସବୁ ଉତ୍ପାଦନ କରିବ। ସେହି ଭୂମି ଏହାକୁ ଉତ୍ପାଦନ କରିବ, ଏହା—ଏହା ତ କେବଳ ଜଳକୁ ଆବଶ୍ୟକ କରୁଅଛି।

123 ଏବଂ *ଏଠାରେ* ଉପରେ ଏଠାରେ ସେହି ଜଳ ଅଛି, ଏବଂ *ଏଠାରେ* ତଳେ ଏଠାରେ ସେହି ଭୂମି ଅଛି। ବର୍ତ୍ତମାନ ଆମେ ଏହାକୁ ଦେଖିପାରୁ, ଏବଂ ଆମେ ଜାଣୁ ଯେ ଏହା ତାହା କରିବ, କାରଣ ଆମେ ଜଳକୁ ପରୀକ୍ଷା କରି ଏହା ସତେଜ ଅଛି ବୋଲି ଦେଖିପାରୁ, ଏବଂ ମାଟି ପରୀକ୍ଷା କରି ଏହା ଉର୍ବର ଅଛି ବୋଲି ଦେଖିପାରୁ। ବର୍ତ୍ତମାନ, ସମସ୍ତ ଇଚ୍ଛା ଯାହା ଆମେ କରିପାରୁ, ତାହା ସେମାନଙ୍କୁ କେବେବି ଏକାଠି କରି ରଖିବ ନାହିଁ। ମାତ୍ର, ସେଠାରେ ଏକ ନିୟମ ଅଛି, ଏବଂ ସେହି ନିୟମ ହେଉଛି ମାଧ୍ୟାକର୍ଷଣର ନିୟମ। ତେବେ, ଯଦି ଆମେ ମାଧ୍ୟାକର୍ଷଣ ଅନୁଯାୟୀ କାର୍ଯ୍ୟ କରିବା, ହ୍ରଦରୁ ଜଳ ନେଇ ଏହାକୁ ଜଳସେଚନ କରିବା, ତେବେ ଆମେ ସେହି ଜମିର ପ୍ରତ୍ୟେକ ଅଂଶକୁ ଜଳ ଯୋଗାଇ ଦେଇପାରିବା। ମାତ୍ର ଆମକୁ ମାଧ୍ୟାକର୍ଷଣର ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ। ଆମେ ଏହାକୁ ସେଠାରେ ଇଚ୍ଛା କରି ରଖିପାରିବା ନାହିଁ। ଆମେ ଏହାକୁ ସେଠାରେ ଚିତ୍କାର କରି ରଖିପାରିବା ନାହିଁ। ଆମେ ଏହାକୁ ସେଠାରେ ଉଚ୍ଚ ପାଟି କରି ରଖିପାରିବା ନାହିଁ। ଆମକୁ ତାହା ସେଠାରେ ପହଞ୍ଚାଇବା ପାଇଁ, ମାଧ୍ୟାକର୍ଷଣ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ। ପରମେଶ୍ୱର ସବୁକିଛିକୁ ଏକ ନିୟମରେ ରଖନ୍ତି।

124 ଏଠାରେ, ମୁଁ ଭାବୁଥିଲି, ମୁଁ ଜାଣେ ନାହିଁ ଯେ ମୁଁ ଆପଣଙ୍କୁ ଏହା କେବେ କହିଅଛି କି ନାହିଁ। ପ୍ରାୟଃ ଗୋଟିଏ ବର୍ଷ ପୂର୍ବେ, ମୁଁ ଭାଇ ଉଡ୍ ସହିତ, କେଣ୍ଟକିରେ, ଗୁଣ୍ଡୁଚି ମୂଷା ଶିକାର କରୁଥିଲି। ଏବଂ ଆମେ…ଗୁଣ୍ଡୁଚି ମୂଷାଗୁଡିକ ଏକ ପ୍ରକାର ବହୁତ ଅଳ୍ପ ସଂଖ୍ୟାରେ ଥିଲେ, ଏବଂ ତେଣୁକରି ଆମେ ଶିକାର ବିଷୟରେ ଜାଣିବା ପାଇଁ, ଜଣେ ବ୍ୟକ୍ତିଙ୍କ ଘରକୁ ଗଲୁ। ଜଣେ ବ୍ୟକ୍ତିଙ୍କର ଅନେକ ଏକର ଜମି ଥିଲା, ଏବଂ ଏହି ଭୂମିରେ ବହୁତ ଗଛପତ୍ର ଥିଲା। ମାତ୍ର ଭାଇ ଉଡ ମୋତେ କହିଥିଲେ, ଯେ, "ସେହି ବ୍ୟକ୍ତି ଜଣେ ଅବିଶ୍ୱାସୀ ଅଟେ। ସେ—ସେ ଜଣେ

ଅବିଶ୍ୱାସୀ।" ତେଣୁ ସେ କହିଲେ ଯେ ସେ ତାଙ୍କୁ ଜାଣିଛନ୍ତି, ତେଣୁକରି ସେ...କିମ୍ବା ତାଙ୍କ ପିତା ତାଙ୍କୁ ଜାଣିଥିଲେ, ଅତଏବ ସେ ଯାଇ ପଚାରିବେ ଯେ ଆମେ ଶିକାର କରିବାକୁ ଯିବା ନିମନ୍ତେ ଅନୁମତି ପାଇପାରିବା କି।

125 ଆମେ ଗାଡି ଚଲାଇ ଭଦ୍ରଲୋକଙ୍କ ସ୍ଥାନରେ ପହଞ୍ଚିଲୁ। ଏବଂ ସେ ଓ ଅନ୍ୟ ଜଣେ ବ୍ୟକ୍ତି, ଦୁହେଁ ସେମାନଙ୍କର ସତୁରି ବୟସ ପାଖାପାଖୀ ହେବେ, ସେମାନେ ଏକ ସେଉ ଗଛ ତଳେ ବସିଥିଲେ। ଏବଂ ଶ୍ରୀମାନ ଉଡ଼ ଏହି ବ୍ୟକ୍ତିଙ୍କ ନିକଟକୁ ଗଲେ, ଏବଂ ସେ ତାଙ୍କୁ କହିଲେ, "କଅଣ ମୁଁ ଆପଣଙ୍କ ସ୍ଥାନରେ ଟିକିଏ ଶିକାର କରିପାରିବି କି?" ଆଉ ସେ ଉତ୍ତର ଦେଲେ, "ତେବେ," ସେ କହିଲେ, "ଠିକ୍ ଅଛି।" ସେ କହିଲେ, "ତୁମେ କେଉଁ ଉଡ଼ ଅଟ? କଅଣ ତୁମେ ଜିମ୍ ଉଡ଼ର ପୁଅ କି?"

ସେ ଉତ୍ତର ଦେଲେ, "ହଁ, ମୁଁ ଅଟେ।"

126 ସେ କହିଲେ, "ତେବେ, ବୃଦ୍ଧ ଜିମ୍ ସଚ୍ଚୋଟ, ଏବଂ ପ୍ରଭୃତି ଥିଲେ।" ସେ କହିଲେ, "ତୁମର ମୋ ଜାଗାରେ ଯେଉଁଠାରେ ଇଚ୍ଛା ତୁମେ ଶିକାର କରିପାର। ମୋର ଏଠାରେ ଏତେ-*ଅଧିକ* ଶହ ଶହ ଏକର ଅଛି, ତୁମେ ଶିକାର କରିପାର। ସେଠାରେ ତଳେ ସେହି ସ୍ଥାନମାନଙ୍କୁ ଯାଅ, ଯେଉଁଠାରେ ତୁମର ଇଚ୍ଛା। ନିଜ ଘର ଭାବି କାମ କର।"

127 ମୁଁ କାରରେ ବସି ରହିଲି, ଯେହେତୁ ମୁଁ ଭାବିଲି ଯେ ଜଣେ ପ୍ରଚାରକ ଏବଂ ଅବିଶ୍ୱାସୀ ଏକାଠି ଉତ୍ତମ ଭାବେ ମେଳ ଖାଇବେ ନାହିଁ, ଯଦି ଆମେ ଅବିଶ୍ୱାସୀଙ୍କଠାରୁ ଏକ ଅନୁଗ୍ରହ ପାଇବାର ଆଶା କରିବାକୁ ଯାଉଅଛୁ।

128 ତେଣୁକରି ତେବେ କିଛି ସମୟ ପରେ, ଭାଇ ଉଡ଼ କହିଲେ, "ତେବେ, ବର୍ତ୍ତମାନ, କଅଣ ମୁଁ ମୋର ପାଳକଙ୍କୁ ସଙ୍ଗରେ ନେଇ ଆସିପାରିବି କି? ମୁଁ ଅନୁମାନ କରୁଛି ଯେ ତାଙ୍କର ସଙ୍ଗରେ ଆସିବା କିଛି ଅସୁବିଧା ହେବ ନାହିଁ।"

129 ଏବଂ ଏହି ବୃଦ୍ଧ ଜଣକ ତାଙ୍କ ବାଡ଼ି ଆଡେ ବୁଲି ପଡି, କହିଲେ, "ଉଡ଼, କଅଣ ତୁମେ ମୋତେ ଏହା କହିବାକୁ ଚାହୁଁଛ ଯେ ତୁମେ ଏତେ ତଳକୁ ପତିତ ହୋଇ ଯାଇଛ, ଯେ ଏପରିକି ତୁମେ ଯେଉଁଆଡେ ବି ଯାଅ ତୁମକୁ ନିଜ ସହିତ ଜଣେ ପ୍ରଚାରକ ନେଇଯିବାକୁ ପଡିଥାଏ?"

130 ଆଉ ତେବେ, ତାହା ପରେ, ମୁଁ ଭାବିଲି, ଯେ ମୋର କାରରୁ ଓହ୍ଲାଇବାଟା ଉତ୍ତମ ହେବ। ତେଣୁ ମୁଁ କାରରୁ ଓହ୍ଲାଇ ଗଲି, ଏବଂ ସେହି ପୁରୁଣା ଭଦ୍ରଲୋକଙ୍କ ସହିତ କିଛି ମିନିଟ୍ କଥା ହେଲି। ଏବଂ ସେ ମୋତେ ଖୁବ୍ ଶୀଘ୍ର ଜଣାଇ ଦେଲେ ଯେ ତାଙ୍କ ପାଖରେ ପ୍ରଚାରକମାନଙ୍କ ପାଇଁ ଅଧିକ ପ୍ରୟୋଜନ ନାହିଁ, କାରଣ ସେ ଭାବୁଥିଲେ ଯେ ସେମାନେ ଏପରି କିଛି ବିଷୟରେ କଥା କହୁଛନ୍ତି ଯାହା ବିଷୟରେ ସେମାନେ କିଛି ଜାଣନ୍ତି ନାହିଁ।

131 ସେ କହିଲେ, "ସେମାନେ କେବଳ ଏପରି କିଛି ବିଷୟରେ ରଡି ଛାଡନ୍ତି ଯାହା ବିଷୟରେ ସେମାନେ କିଛି ଜାଣନ୍ତି ନାହିଁ। ତେବେ," ସେ କହିଲେ, "ଯେତେବେଳେ ଜଣେ ବ୍ୟକ୍ତି ମୋ ସହିତ କଥାବାର୍ତ୍ତା ହୁଏ, ମୁଁ ଚାହେଁ ଯେ ସେ ତାହା ଜାଣନ୍ତୁ ଯେ ସେ କେଉଁ ବିଷୟରେ କଥା

କହୁଛନ୍ତି।” ତେବେ, ତାହା ଭଲ ଅଭିପ୍ରାୟରେ ଥିଲା। ତାହା ଭଲ ଅର୍ଥରେ ଥିଲା। ସେ କହିଲେ, “ତେବେ, ଯଦି ଜଣେ ବ୍ୟକ୍ତି ମୋ ସହିତ କଥା ହୁଏ, ମୁଁ ଚାହେଁ ନାହିଁ ଯେ ସେ ଏପରି କିଛି *ଅନ୍ୟାନ୍ୟ-କୌଣସି* ବିଷୟରେ କଥାବାର୍ତ୍ତା କରନ୍ତୁ, ଏପରି ଅନୁମାନିକ ବିଷୟ ଯାହା ସମ୍ବନ୍ଧରେ ସେ କିଛି ହେଲେ ଜାଣନ୍ତି ନାହିଁ। ମୁଁ ଚାହେଁ ଯେ ସେ ଏପରି କିଛି ବିଷୟରେ କଥା କୁହନ୍ତୁ ଯାହା ବିଷୟରେ ସେ ଜାଣିଥାଆନ୍ତି ଯେ ସେ କଅଣ କହୁଛନ୍ତି।” ତେବେ, ମୁଁ ତାହା ସମ୍ମାନିତ କଲି। ମୁଁ ସେହି ବୃଦ୍ଧ ଭଦ୍ରଲୋକ ଭିତରେ ସେଝି ବିଷୟକୁ ସମ୍ମାନ କଲି।

132 ଆଉ ତେଣୁକରି ମୁଁ କହିଲି, “ତେବେ, ଅବଶ୍ୟ ହିଁ, ପ୍ରତ୍ୟେକ ବ୍ୟକ୍ତିର ତାହାଙ୍କ ନିଜର ମତ ଧାରଣା ଥାଏ।”

133 ଆହୁରି ସେ କହିଲେ, “ଏଠାରେ ଜଣେ ପ୍ରଚାରକ ଥିଲେ, ଯିଏକି କିଛି ବର୍ଷ ପୂର୍ବେ ଏହି ଅଞ୍ଚଳକୁ ଆସିଥିଲେ, ଯାହାଙ୍କର ଆକ୍ଟନ୍‌ଠାରେ ଏକ ସଭା ହୋଇଥିଲା।” ଏବଂ ସେ କହିଲେ, “ଏହି ପ୍ରଚାରକ ଜଣକ, ଗୋଟିଏ ରାତିରେ, ସେହି ଦେଶରେ ଜଣେ ଅପରିଚିତ ବ୍ୟକ୍ତି ହୋଇଥିବାରୁ, ଦର୍ଶକବୃନ୍ଦଙ୍କ ମଧ୍ୟରେ ବସିଥିବା ଜଣେ—ଜଣେ ମହିଳାଙ୍କୁ କହିଲେ, ‘ଆପଣଙ୍କ ପକେଟରେ ଆପଣ ଗୋଟିଏ ରୁମାଲ ରଖିଛନ୍ତି। ଏବଂ ଆପଣ ଶ୍ରୀମତୀ *ଅମୁକ-ଓ-ଅମୁକ* ଅଟନ୍ତି। ଏବଂ ଏଠାରେ ପାହାଡ ଉପରେ ଆପଣଙ୍କର ଜଣେ ଅସୁସ୍ଥ ଭଉଣୀ ଅଛନ୍ତି। ତାଙ୍କ ନାମ *ଅମୁକ-ଓ-ଅମୁକ* ଅଟେ। ସେ ପେଟରେ କର୍କଟ ରୋଗର ପୀଡା ଯୋଗୁଁ, ମୃତ୍ୟୁ ଶଯ୍ୟାରେ ଅଛନ୍ତି।’ ଏବଂ କହିଲେ, ‘ଏହି ରୁମାଲକୁ ନେଇ ଆପଣଙ୍କ ଭଉଣୀ ଉପରେ ରଖିଦିଅନ୍ତୁ, ଏବଂ ତାଙ୍କୁ କୁହନ୍ତୁ, “**ସଦାପ୍ରଭୁ ଏହି କଥା କୁହନ୍ତି**, ସେ ମରିବାକୁ ଯାଉ ନାହାଁନ୍ତି, ବରଂ ବଞ୍ଚିବାକୁ ଯାଉଛନ୍ତି।”’”

134 ସେ କହିଲେ, “ଏହି ସମାନ ମହିଳା ଜଣକ ଆମର ଜଣେ ବନ୍ଧୁ ଥିଲେ।” ଏବଂ କହିଲେ, “ଆମେ ଏହି ମହିଳାଙ୍କ ନିକଟକୁ ଏହି ରୁମାଲକୁ ସେଠାରେ ଉପରକୁ ନେଇକରି ଗଲୁ, କିମ୍ବା, ଏହି ପୁରୁଷ, ଉଃ, ସେହି ବ୍ୟକ୍ତି...” ପ୍ରଥମେ ସେ କହିଲେ, “ଏହି ମହିଳା, ମୋର ପତ୍ନୀ ଏବଂ ମୁଁ ସେଦିନ ସକାଳେ ସେଠାରେ ରହିଥିଲୁ ଏବଂ ନେଇଥିଲୁ, ଏହି ମହିଳାଙ୍କ ନିମନ୍ତେ ଅପେକ୍ଷା କରିଥିଲୁ। ଏବଂ ସେ ବହୁତ ଖରାପ ଅବସ୍ଥାରେ ଥିଲା! ଚିକିତ୍ସକମାନେ ତାଙ୍କ ବିଷୟରେ ବହୁ ପୂର୍ବରୁ, ଆଶା ଛାଡି ଦେଇଥିଲେ। ସେ ଏତେ ଖରାପ ଅବସ୍ଥାରେ ଥିଲେ ଯେ ଏପରିକି ଆମକୁ ତାଙ୍କୁ ଏକ ଚାଦରରେ ଘୁରାଇବାକୁ ପଡୁଥିଲା, ତାଙ୍କୁ ବେଡ୍ ପ୍ୟାନରେ ରଖିବା ପାଇଁ, ପଛକୁ ବୁଲାଇବା ପାଇଁ ଉଠାଇବାକୁ ପଡୁଥିଲା। ତାଙ୍କୁ ଚାଦରରେ ଘୁରାଇବାକୁ ପଡୁଥିଲା, ତାଙ୍କ ଅବସ୍ଥା ଏତେ ଖରାପ ଥିଲା।” ସେ କହିଲେ, “ଦିନେ ରାତିରେ, ସେଠାରେ ଉପରେ, ସେଠାରେ ଏକ କୋଳାହଳ ଶବ୍ଦ ଶୁଣାଗଲା ଯେପରିକି ସେମାନଙ୍କର କାହାରି ମୃତ୍ୟୁ ଘଟିଅଛି।”

135 ତାହା ସେଠାରେ ଉପରେ, ବେନ୍ ସେହି ରୁମାଲ ସହିତ ଥିଲେ, ଏହାକୁ ସେଠାରେ ନେଇକରି ଯାଇଥିଲେ। ମୁଁ ବିଶ୍ୱାସ କରେ ଯେ ଏହା ଆପଣ ଥିଲେ, ବେନ୍, କଅଣ ନୁହେଁ କି?

[ଭାଇ ବେନ ବ୍ରାଏଣ୍ଟ କୁହନ୍ତି, "ଆମେନ୍ । ଆମେନ୍ ।"—ସମ୍ପା ।] ଏହା ସେଠାରେ ଉପରେ ଭାଇ ବେନ୍ ଥିଲେ, ସେହି ରୁମାଲକୁ ନେଇକରି ଯାଇଥିଲେ, 'କାରଣ ସେ ଏହାକୁ ସେହି ମହିଳାଙ୍କ ପାଖକୁ ନେଇକରି ଯାଇଥିଲେ ।

136 ଆଉ କହିଲେ, "ପରଦିନ ସକାଳେ, ସେ ଭଜା ସେଉ ପିଠା ଖାଉଥିଲେ ।" ଏବଂ କହିଲେ, "ସେ କେବଳ ନିଜର କାମ କରନ୍ତି ନାହିଁ, ମାତ୍ର ସେ ପଡ଼ୋଶୀଙ୍କର କାମ ମଧ୍ୟ କରନ୍ତି । ସେ ଏତେ ଅଧିକ ସୁସ୍ଥ ଥିଲେ!" ସେ କହିଲେ, "ବର୍ତ୍ତମାନ ମୁଁ ପ୍ରାୟତଃ ଆଶ୍ଚର୍ଯ୍ୟ କରିଛି । ଯଦି ମୁଁ କେବେ ସେହି ପ୍ରଚାରକଙ୍କୁ ଦେଖେ, ସେ ଜାଣିଥିଲେ ସେ କଅଣ ବିଷୟରେ କହୁଥିଲେ," କହିଲେ, "ମୁଁ—ମୁଁ ତାଙ୍କ ସହିତ କଥାବାର୍ତ୍ତା କରିବାକୁ ପସନ୍ଦ କରିବି ।"

137 ଭାଇ ଉଡ଼ ମୋ ଆଡକୁ ଚାହିଁଲେ, ଏବଂ ମୁଁ ତାଙ୍କ ଆଡକୁ ଚାହିଁଲି । ସେଠାରେ ଛିଡା ହୋଇଥିଲୁ, ମଇଳା, ଏବଂ ଝାଳ ନାଳ ହୋଇ ଏବଂ ଅପରିଷ୍କାର ଭାବରେ, ଜଙ୍ଗଲରେ ଛାଉଣି କରି ରହି ଆସିଥିଲୁ, ଏବଂ—ଏବଂ ଆମର ସବୁଆଡେ ଗୁଣ୍ଡୁଚି ମୂଷା ରକ୍ତ ଲାଗି ରହିଥିଲା । ତେଣୁ ମୁଁ କହିଲି, "ତେବେ," ମୁଁ କହିଲି, "ତାହାହେଲେ...ଆପଣଙ୍କର ଅଭିପ୍ରାୟ ଯେ ଆପଣ ଏହି ବ୍ୟକ୍ତି ସହିତ କଥାବାର୍ତ୍ତା ହୋଇପାରିବେ ଏବଂ ସେ ଆପଣଙ୍କୁ ଜଣାଇବେ ଯେ ସେ ତାହା କିପରି ସାଧନ କରିଥିଲେ?"

ସେ କହିଲେ, "ହଁ, ମହାଶୟ, ମୋର କହିବାର ତାହା ହିଁ ତାତ୍ପର୍ଯ୍ୟ ଅଟେ ।"

ମୁଁ କହିଲି, "ତେବେ, ତାହା—ତାହା ଏକ ଉତ୍ତମ କଥା ଅଟେ ।"

138 ମୁଁ ତାଙ୍କରି ଗୋଟିଏ ସେଉ ଖାଉଥିଲି । ସେଠାରେ ଛୋଟ ପୁରୁଣା ହଳଦିଆ ଦାଗଗୁଡ଼ିକ ସେହି ସେଉମାନଙ୍କରେ ଲାଗୁଥିଲା, ଆପଣ ଜାଣନ୍ତି, ବର୍ଷର ପତ୍ର ଝଡା ସମୟରେ, ଅଗଷ୍ଟ ମାସରେ । ତେଣୁ ମୁଁ ଏହି ଛୋଟ ସେଉଟି ନେଇଥିଲି, ଏବଂ ମୁଁ ଏହା ଚୋବାଇ ସାରିଥିଲି । ଏବଂ ମୁଁ କହିଲି, "ତାହା ତ ଏକ ବହୁତ ଭଲ ସେଉ ଅଟେ ।" ମୁଁ କହିଲି, "ସେହି ଗଛ ସେଠାରେ କେତେ ଦିନ ହେଲା ରହିଛି?"

139 "ଓଃ," ସେ କହିଲେ, "ତିରିଶ କିମ୍ବା ଚାଳିଶ ବର୍ଷ ପୂର୍ବେ, କିମ୍ବା ସେପରି କିଛି ହେବ, ମୁଁ ସେହି ବୃକ୍ଷକୁ ସେଠାରେ ରୋପଣ କରିଥିଲି ।"

140 "ହଁ, ମହାଶୟ ।" ମୁଁ କହିଲି, "ମୁଁ ଆପଣଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଚାହେଁ ।" ମୁଁ କହିଲି, "ଜଗତରେ କିପରି...ମୁଁ ଦେଖେ ଯେ ସେହି ସେଉଗୁଡ଼ିକ ସେହି ଗଛରୁ ପଡ଼ି ଯାଉଅଛି, ଏବଂ ଏହାର ପତ୍ରଗୁଡିକ ଝଡି ଯାଉଅଛି, ଏବଂ ଏଠାରେ ଏହା କେବଳ ଅଗଷ୍ଟର ମଧ୍ୟଭାଗରେ ଅଟେ ।" ଏବଂ ମୁଁ କହିଲି, "ଆମର ତ ଏପରିକି ଶୀତ ପ୍ରକୋପ ମଧ୍ୟ ଆସି ନାହିଁ, ଆମର ତ ଏପରିକି ବରଫ କିମ୍ବା ସେପରି କିଛି ହୋଇନାହିଁ, ଏବଂ ତଥାପି ସେହି ପତ୍ରଗୁଡ଼ିକ ସେହି ଗଛରୁ ଝଡି ଯାଉଅଛି । ତାହା କାହିଁକି ଅଟେ?"

ସେ କହିଲେ, "ସେହି ରସ ଗଛକୁ ଛାଡି ଦେଇଅଛି ।"

"ଓଃ," ମୁଁ କହିଲି, "ଏହା କେଉଁ ଆଡକୁ ଚାଲିଯାଏ?"

ସେ କହିଲେ, "ତଳେ ମୂଳ ମଧ୍ୟକୁ ।"

ଏବଂ ମୁଁ କହିଲି, "ତାହାହେଲେ ଏହା କେତେ ଦିନ ସେଠାରେ ତଳେ ରହିବ?"

ସେ କହିଲେ, "ବସନ୍ତ ପର୍ଯ୍ୟନ୍ତ ।"

141 ଏବଂ ମୁଁ କହିଲି, "ତାହାପରେ ଏହା ପୁନର୍ବାର ଉପରକୁ ଫେରି ଆସିବ, ଏବଂ ନୂଆ ପତ୍ରଗୁଡିକୁ ଏକ ଛାଇ ନିମନ୍ତେ, ନୂଆ ସେଉଗୁଡିକୁ ଖାଇବା ନିମନ୍ତେ ନେଇକରି ଆସିବ ।"

ସେ କହିଲେ, "ତାହା ଠିକ୍ ଅଟେ । ଅବିକଳ ଠିକ୍ ।"

142 ମୁଁ କହିଲି, "ତେବେ, ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ, ମହାଶୟ । ଆପଣ ଏହି ବ୍ୟକ୍ତିମାନଙ୍କ ବିଷୟରେ କହିଲେ ଯେଉଁମାନେକି ଜାଣନ୍ତି ନାହିଁ ଯେ ସେମାନେ କାହା ବିଷୟରେ କହୁଛନ୍ତି ।" ମୁଁ କହିଲି, "କଅଣ ଆପଣ ମୋତେ ବୁଝାଇ ଦେଇପାରିବେ କି ଯେ କେଉଁ ବୁଦ୍ଧିମତ୍ତା ସେହି ରସକୁ ସେହି ଗଛକୁ ଛାଡି ଚାଲିଯିବାକୁ ବାଧ୍ୟ କରେ? ଯଦି ଏହା ସେହି ଶୀତ ସମୟରେ ସେଠାରେ ରହିବ, ତେବେ ସେହି ଗଛଟି ମରିଯିବ । ଆପଣ ସେହି ଗଛକୁ ମାରି ଦେବେ । ଜୀବନର ଜୀବାଣୁ ତ ସେହି ରସରେ ଅଛି ।" ତେଣୁ ମୁଁ କହିଲି, "ଏହା ସେହି ଗଛକୁ ମାରିଦେବ । କେଉଁ ବୁଦ୍ଧିମତ୍ତା ସେହି ରସକୁ ସେହି ଗଛରୁ ବାହାରି, ସେହି ମୂଳକୁ ଚାଲିଯିବା ପାଇଁ, ଏବଂ ବସନ୍ତ ସମୟ ପର୍ଯ୍ୟନ୍ତ ରହିବା ପାଇଁ ବାଧ୍ୟ କରେ, ଏବଂ ତାହାପରେ ପୁନର୍ବାର ଉପରକୁ ଫେରି ଆସି ଆଉ କିଛି ସେଉ ଆଣିବାକୁ ନିର୍ଦ୍ଦେଶ ଦେଇଥାଏ?" ମୁଁ କହିଲି, "ଗୋଟିଏ ବାଲ୍ଟିରେ ପାଣି ରଖନ୍ତୁ ଏବଂ ଏହାକୁ ଏକ ଖୁଣ୍ଟ ଉପରେ ରଖି ଦିଅନ୍ତୁ, ଏବଂ ଦେଖନ୍ତୁ ଯଦି, ଅଗଷ୍ଟରେ, ଏହା ସେହି ଖୁଣ୍ଟର ତଳ ଭାଗକୁ ଯିବ କି ଏବଂ ବସନ୍ତ ସମୟରେ ଫେରି ଆସିବ କି । ବୁଝିଲେ?" ମୁଁ କହିଲି, "ସେଠାରେ କିଛି ନିୟମ ଅଛି, ପ୍ରକୃତିର ଏକ ନିୟମ ଅଛି । କୌଣସି ବୁଦ୍ଧିମତ୍ତା ଏହି ନିୟମକୁ କ୍ରମରେ ସ୍ଥିର ରଖିଅଛି । କେବଳ ସେତିକି ନୁହେଁ, ସେହି ସମାନ ବୁଦ୍ଧିମତ୍ତାକୁ ସେହି ନିୟମକୁ କାର୍ଯ୍ୟକାରୀ କରିବାକୁ ଥାଏ, ଯାହାକି ଏହାକୁ ସେହି ଗଛର ମୂଳକୁ ପ୍ରେରଣ କରିଥାଏ ଏବଂ ଫେରାଇ ଆଣିଥାଏ ।"

ସେ କହିଲେ, "ମୁଁ ତ ସେହି ବିଷୟରେ କେବେ ହେଲେ ଚିନ୍ତା କରି ନ ଥିଲି ।"

143 ମୁଁ କହିଲି, "କଅଣ ଆପଣ ପାରିବେ…ଯଦି ଆପଣ କେବେ ସେହି ବୁଦ୍ଧିମତ୍ତାକୁ ଖୋଜି ପାଇପାରିବେ ଯାହାକି ସେହି ରସକୁ ସେହି ଗଛର ଡାଳରୁ ବାହାର କରି, ତଳେ ମୂଳକୁ ନେଇ ଯାଇଥାଏ ଓ ଫେରାଇ ଆଣେ, ତାହା ସେହି ସମାନ ବୁଦ୍ଧିମତ୍ତା ଅଟେ ଯାହାକି ମୋତେ ସେଠାରେ ସେହି ରାତିରେ କହିଥିଲା, 'ଯାଅ, ସେହି ରୁମାଲକୁ ସେହି ମହିଳାଙ୍କ ଉପରେ ରଖିଦିଅ ।'"

ସେ କହିଲେ, "ଏବଂ ତୁମେ ସେହି ପ୍ରଚାରକ କି?"

ମୁଁ କହିଲି, "ହଁ, ମହାଶୟ, ତାହା ଠିକ୍ ।"

144 ଗତ ବର୍ଷ ମୁଁ ସେଠାରେ ଥିଲି (ତାଙ୍କର ମୃତ୍ୟୁ ହୋଇ ଯାଇଥିଲା), ଏବଂ ଯେତେବେଳେ ତାଙ୍କର ବିଧବା ବାରଣ୍ଡାରେ ବସିଥିଲେ, ସେହି ସମାନ ଗଛର, ସେଉଗୁଡିକର ଚୋପା ଛଡାଉଥିଲେ। ଭାଇ...ପ୍ରଥମେ ତ ସେମାନେ ଆମକୁ ଘଉଡାଇ ବାହାର କରିବାକୁ ଯାଉଥିଲେ, ସେମାନେ ଜାଣି ନ ଥିଲେ ଆମେମାନେ କିଏ ଅଟୁ। ଏବଂ ମୁଁ ଯାଇ ତାଙ୍କୁ ଏହା ବିଷୟରେ କହିଲି, ଯେ ଆମ ପାଖରେ ତାଙ୍କଠାରୁ ଅନୁମତି ଥିଲା। ଏବଂ ଏହା ବିଷୟରେ କହିଲେ, କହିଥିଲେ, "ସେ ମୃତ୍ୟୁ ପୂର୍ବରୁ ଖ୍ରୀଷ୍ଟଙ୍କ ବିଷୟରେ ସମ୍ପୂର୍ଣ୍ଣ ସ୍ୱୀକାରୋକ୍ତି କରିଥିଲେ।"

145 ଆପଣ ଦେଖନ୍ତୁ, ସେହି ଗଛକୁ କଅଣ, କେଉଁ ବୁଦ୍ଧିମତ୍ତା ତାହାକୁ ତଳକୁ ପଠାଇଥାଏ? ଏହା ଏକ ନିୟମ ଅଟେ। ଏହା ଏପରି ଏକ ନିୟମ ଅଟେ ଯାହାକୁ ପରମେଶ୍ୱର କ୍ରମରେ ସ୍ଥିର କରିଛନ୍ତି। ଏବଂ ସେହି ନିୟମ ହେଉଛି ପରମେଶ୍ୱରଙ୍କ ନିୟମ ଯାହାକି ସେହି ବିଷୟବସ୍ତୁର ଯତ୍ନ ନେବ। ଆମେନ୍।

146 ଆପଣ ଜାଣନ୍ତି, ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ କାନ୍ଦନ୍ତି, ଏବଂ ବର୍ତ୍ତମାନ କୁହନ୍ତି—କୁହନ୍ତି, "ଏହା ହେବାକୁ ଯାଉ ନାହିଁ, ସୂର୍ଯ୍ୟ ଆଉ ଅଧିକ ଏହି ଗ୍ରୀଷ୍ମ ଦିନରେ ଉଜ୍ଜ୍ୱଳ ହେବାକୁ ଯାଉ ନାହିଁ।" ଏହା ତ ଯେକୌଣସି ପ୍ରକାରେ ହେଲେ, ଉଜ୍ଜ୍ୱଳ ହେବ। ଆପଣ କେତେ ଅଧିକ ଏହା କହିବାକୁ ଯାଉଛନ୍ତି, "ମୁଁ—ମୁଁ—ମୁଁ ରାତି ସମୟ ଆସିବାକୁ ଦେବି ନାହିଁ।" ଏହା ତ ଯେକୌଣସି, ପ୍ରକାରେ ହେଲେ ଆସିବ। କାରଣ ଏହି ଜିନିଷ ଯାହା ଉପରେ ଆମେମାନେ ବାସ କରୁଅଛୁ, ଯାହାକୁ ଜଗତ କୁହାଯାଏ, ପରମେଶ୍ୱରଙ୍କ ଏକ ନିୟମ ଦ୍ୱାରା ନିୟନ୍ତ୍ରିତ ଅଟେ।

147 ତେବେ, ଭାଇ ଓ ଭଉଣୀମାନେ, ମୁଁ ଆପଣମାନଙ୍କୁ କିଛି ପଚାରିବାକୁ ଚାହେଁ। ତେବେ, ଯଦି ଆମେମାନେ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଜନ୍ମ ପାଇଅଛୁ...ପରମେଶ୍ୱରଙ୍କର ଏପରି କିଛି ଅଳ୍ପ କେତେକ ଦୁର୍ବଳ ଅଂଶ ଏବଂ ବଡ଼ ଶକ୍ତିଶାଳୀ ଅଂଶ ସେହିପରି କିଛି ନାହିଁ, ସେ ତ ସଂପୂର୍ଣ୍ଣ ପରମେଶ୍ୱର ଅଟନ୍ତି! ଆଉ ଯଦି ଆପଣଙ୍କ ନିଜଠାରେ ପରମେଶ୍ୱରଙ୍କ ଯଥେଷ୍ଟ କିଛି ଅଛି, ଏପରିକି ତାହା କେବଳ ଛାଇ ମାତ୍ର ହିଁ ଥିଲା, ତାହାହେଲେ ଏହା ଏକ ନୂତନ ପୃଥିବୀକୁ ସୃଷ୍ଟି କରିବା ପାଇଁ ଯଥେଷ୍ଟ ଶକ୍ତି ଅଟେ। ଏକ ନୂତନ ଚନ୍ଦ୍ର ଏବଂ ଏକ ନୂତନ ବ୍ୟବସ୍ଥାକୁ ନିର୍ମାଣ କରିବା ପାଇଁ ତାହା ଯଥେଷ୍ଟ ଶକ୍ତି ଅଟେ। ଏହା ପରମେଶ୍ୱର ଅଟନ୍ତି, ଏବଂ ଏହା ଶକ୍ତିଶାଳୀ ଅଟେ! ଏବଂ ଠିକ ବର୍ତ୍ତମାନ ଏଠାରେ ଥିବା ପ୍ରତ୍ୟେକ ବିଶ୍ୱାସୀଙ୍କର ଅନନ୍ତ ଜୀବନ ଅଛି, ଯାହାକି, ଆପଣଙ୍କ ଭିତରେ ପରମେଶ୍ୱରଙ୍କ ଆତ୍ମା ଅଟେ; ତାହା ଯଥେଷ୍ଟ ଶକ୍ତି ଅଟେ ଯାହାକି ମୃତମାନଙ୍କୁ ପୁନରୁତ୍ଥାନ କରି ପକାଇବ, ଯାହାକି ରୋଗୀମାନଙ୍କୁ ସୁସ୍ଥ କରିବ, ଯାହାକି କକ୍ଷପଥଗୁଡିକୁ ତାର ସ୍ଥିତିରେ ସ୍ଥାପନ କରିବ। ମାତ୍ର ଆପଣ, ଏହା ଏକ ନିୟମ ଦ୍ୱାରା ନିୟନ୍ତ୍ରିତ ଅଟେ, ସେହି ଆତ୍ମା ଯାହାକି ଆପଣଙ୍କ ଭିତରେ ଅଛି। ଆପଣମାନେ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ଅଟନ୍ତି। ସେହି ସମାନ ଆତ୍ମା ଯାହାକି ଆପଣ ନିଜ ଭିତରେ ପାଇଅଛନ୍ତି, ତାହା

ପୁନରୁତ୍ଥାନର ଦିନରେ ଆପଣାକୁ ନିଜେ ଉତ୍ଥିତ କରିପକାଇବ ।

148 ଯୀଶୁ, ଯେତେବେଳେ ସେ ଏଠାରେ ପୃଥିବୀରେ ଥିଲେ, ଯେତେବେଳେ ସେ ମୃତ୍ୟୁବରଣ କଲେ, ସେତେବେଳେ ତାହାଙ୍କର ପ୍ରାଣ ନରକକୁ ଗଲା, "ଏବଂ କାରାଗାରରେ ବନ୍ଦୀ ଥିବା ଆତ୍ମାମାନଙ୍କୁ ପ୍ରଚାର କଲା, କାରାଗାରରେ ଥିବା ପ୍ରାଣଗୁଡିକୁ, ଯେଉଁମାନେକି ନୋହଙ୍କ ଦୀର୍ଘସହିଷ୍ଣୁତାର ଦିନମାନଙ୍କରେ ଅନୁତାପ କରି ନ ଥିଲେ ।" ତାହାଙ୍କ ଶରୀର କବର ଭିତରକୁ ଗଲା । ମାତ୍ର ସେ ମରିବା ପୂର୍ବରୁ, ନିଜର ଆତ୍ମାକୁ ପରମେଶ୍ୱରଙ୍କ ହସ୍ତରେ ସମର୍ପି ଦେଇଥିଲେ । ତାହାଙ୍କର ଆତ୍ମା ପରମେଶ୍ୱରଙ୍କ ନିକଟକୁ ଗଲା, ତାହାଙ୍କର ପ୍ରାଣ ନରକକୁ ଗଲା, ଏବଂ ତାହାଙ୍କର ଶରୀର କବରକୁ ଗଲା । ଏବଂ ଶାସ୍ତ୍ର ପୂରଣ ନ କରିବା ପର୍ଯ୍ୟନ୍ତ ଯୀଶୁଙ୍କୁ ପୁନରୁତ୍ଥାନରୁ ବାରଣ କରାଯାଇଥିଲା । ସେ ଫେରି ଆସିପାରି ନ ଥିଲେ, କାରଣ ତାହାଙ୍କୁ ତିନି ଦିନ ଓ ରାତି କବରରେ ରହିବାକୁ ଥିଲା । ମାତ୍ର ଯେତେବେଳେ ଶାସ୍ତ୍ର ସବୁ ପୂରଣ ହେଲା, ଏହି ବାରଣଟି ଘୁଞ୍ଚାଇ ନିଆଗଲା; ତାହାଙ୍କର ଆତ୍ମା ତଳେ ତାହାଙ୍କ ପ୍ରାଣକୁ, ତାହାଙ୍କର ପ୍ରାଣ ତାହାଙ୍କ ଶରୀର ନିକଟକୁ ଓହ୍ଲାଇ ଗଲା, ଏବଂ ସେ ପୁନର୍ବାର ଉତ୍ଥିତ ହେଲେ ।

149 ଏବଂ ଯେତେବେଳେ ଆମେମାନେ ମରିବା, ଆମର ପ୍ରାଣଗୁଡିକ ପରମେଶ୍ୱରଙ୍କ ଯଜ୍ଞବେଦୀ ତଳକୁ ଯିବ; ଯେଉଁଠାରେକି କିଛି ସକାଳ ପୂର୍ବେ, ମୋତେ ତାହା ଦେଖିବାର ସୌଭାଗ୍ୟ ମିଳିଥିଲା, ଯେପରିକି ଆପଣମାନେ ଜାଣନ୍ତି, ସେହି ଦର୍ଶନରେ, ଯେଉଁଠାରେକି ବାଇବଲ ଏହା କୁହେ, "ଆମର ଆତ୍ମାଗୁଡିକ ଆତ୍ମାଦାତା ପରମେଶ୍ୱରଙ୍କ ନିକଟକୁ ଫେରିଯିବ, ଏବଂ ଆମ ଶରୀରଗୁଡିକ ପୃଥିବୀର ଧୂଳିରେ ମିଶିଯିବ ।" ମାତ୍ର କୌଣସି ଏକ ଦିନ, ଯେତେବେଳେ ଶାସ୍ତ୍ର ପରିପୂର୍ଣ୍ଣ ହୁଏ, ଆମର ଆତ୍ମାଗୁଡିକ ପରମେଶ୍ୱରଙ୍କଠାରୁ ମୁକ୍ତ ହେବ, ଯାଇ ସେହି ପ୍ରାଣକୁ ଗ୍ରହଣ କରିବ, ଏବଂ ସେହି ପ୍ରାଣ ଶରୀରକୁ ଗ୍ରହଣ କରିବ । ଏବଂ ସେହି ଶକ୍ତି ଯାହାକି ଆମକୁ ଉତ୍ଥିତ କରିବ, ତାହା ଠିକ ବର୍ତ୍ତମାନ ଆମ ଭିତରେ ରହିଛି! ଆମେମାନେ ବର୍ତ୍ତମାନ ସ୍ୱର୍ଗୀୟ ସ୍ଥାନରେ ଅଛୁ । ଆମେମାନେ ବର୍ତ୍ତମାନ ପୁନରୁତ୍ଥାନର ଶକ୍ତିରେ ଅଛୁ ।

150 ଯଦି ସେଠାରେ ତାହା ପାଇଁ କୌଣସି ଏକ ନିୟମ ନ ଥିଲା, ତାହାହେଲେ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟାମାନେ ସେମାନଙ୍କ ପାଇଁ ଏଠାରେ ଏକ ଜଗତ ସୃଷ୍ଟି କରିବେ ଏବଂ ଯାଇ ସେଥିରେ ଏକ ବ୍ୟକ୍ତିଗତ ଜୀବନ ଯାପନ କରିବେ । ଆପଣଙ୍କ ଭିତରେ ଏହା କରିବା ପାଇଁ ଶକ୍ତି ରହିଛି । ଯଦି ଆପଣଙ୍କ ଭିତରେ ପରମେଶ୍ୱରଙ୍କ ଶକ୍ତିର ଏକ ଛାୟା ଅଛି, ତାହାହେଲେ ଆପଣଙ୍କଠାରେ ଏହା କରିବା ପାଇଁ ଶକ୍ତି ଅଛି । ପରମେଶ୍ୱର ସର୍ବଶକ୍ତିମାନ ଅଟନ୍ତି । ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ ଅଟେ? ଆପଣଙ୍କ ଭିତରେ ଥିବା ସେହି ଶକ୍ତି କରିବ, ଆପଣ ଏକ ଜଗତକୁ ଅସ୍ତିତ୍ୱରେ ଆଣିପାରିବା ପାଇଁ କହିପାରନ୍ତି ଏବଂ ସେଥିରେ ଯାଇ ରହିପାରନ୍ତି । ହାଲ୍ଲେଲୁୟା! ଆପଣ ସେଠାରେ ଅଛନ୍ତି ।

151 ବର୍ତ୍ତମାନ ତାହା ହିଁ ସେହି ଶକ୍ତି ଯାହାକି ମଣ୍ଡଳୀରେ ଅଛି, ମାତ୍ର ଏହା ଏକ ନିୟମ ଦ୍ୱାରା

ନିୟନ୍ତ୍ରିତ ଅଟେ । ଏବଂ ସେହି ନିୟମ "ହଳେ ଆଜ୍ଞାଗୁଡ଼ିକୁ ପାଳନ କରିବା ନୁହେଁ ।" ଏହା ତ ବିଶ୍ୱାସର ଏକ ନିୟମ ଅଟେ । ଯୀଶୁ କହିଲେ, "ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ସବୁକିଛି ସମ୍ଭବ ।" ଏବଂ ଯଦି ଆପଣ ଏହାକୁ ବିଶ୍ୱାସ କରିପାରନ୍ତି, ତେବେ ଯାହା କିଛି ବିଷୟ ପ୍ରତି ପରମେଶ୍ୱର ଆପଣଙ୍କର ପ୍ରାଣକୁ ବିଶ୍ୱାସ କରିବା ନିମନ୍ତେ କଢେଇ ନେବେ, ତାହା ଆପଣଙ୍କର ଅଟେ । ପ୍ରତ୍ୟେକ ସେହି ସ୍ଥାନ ଯେଉଁଠାରେକି ଆପଣଙ୍କର ପାଦ ପଡ଼ିପାରେ, ବିଶ୍ୱାସ ଦ୍ୱାରା, ପରମେଶ୍ୱର ଏହାକୁ ଆପଣଙ୍କୁ ଦେଇଥାନ୍ତି । ଆମେନ୍! ଏହା ଆପଣଙ୍କର ଅଟେ, ଆପଣ ଏହାକୁ ଅଧିକାର କରନ୍ତି, ଯଦି ଆପଣ ବିଶ୍ୱାସର ଏହି ନିୟମ ପ୍ରତି ସେହି ଚାବିକୁ ଖୋଜି ପାଇପାରନ୍ତି ଯାହାକି ଏହାକୁ ଆପଣଙ୍କ ପ୍ରତି ଖୋଲିଦେବ । କଅଣ ଆପଣ ଦେଖୁଛନ୍ତି ଯେ ମୋର କହିବାର ଅର୍ଥ କଅଣ ଅଟେ? ସେହି ଶକ୍ତି ନିୟନ୍ତ୍ରିତ ହୁଏ...ଯଦି ଆପଣ ପରମେଶ୍ୱରଙ୍କ ଜଣେ ପୁତ୍ର, ଆପଣ ପରମେଶ୍ୱରଙ୍କ ଜଣେ କନ୍ୟା, ତାହାହେଲେ ଏହା କେବେବି ଆପଣଙ୍କୁ ଛାଡେ ନାହିଁ । ଏହା ସବୁବେଳେ ଆପଣଙ୍କ ସହିତରେ ରହିଥାଏ । ମାତ୍ର, ଆପଣଙ୍କର ବିଶ୍ୱାସ ଏଥିରୁ ଦୂରେଇ ଯାଏ, କିନ୍ତୁ ଏହା ତଥାପି ସେଠାରେ ରହିଅଛି । ହାଲ୍ଲେଲୁୟା!

152 ଯେତେବେଳେ ଆପଣ ପରିତ୍ରାଣ ପାଆନ୍ତି, ସେତେବେଳେ ପରମେଶ୍ୱର ଆପଣଙ୍କୁ ପୃଥିବୀର କାଦୁଅରୁ ଉଠିବା ପାଇଁ ବିଶ୍ୱାସ ଦେଇଥାନ୍ତି । ଆପଣଙ୍କର ବିଶ୍ୱାସ ଜଗତର ବିଷୟଗୁଡ଼ିକ ଉପରେ ଜୟପ୍ରାପ୍ତ କରେ । ଆପଣଙ୍କର ବିଶ୍ୱାସ କଅଣ ଅଟେ? ଆପଣଙ୍କର ସେହି କାର୍ଯ୍ୟ ଉପରେ ବିଶ୍ୱାସ ଯାହାକି ପରମେଶ୍ୱର ଆପଣଙ୍କ ଭିତରେ, ପରମେଶ୍ୱରଙ୍କ ଜଣେ ପୁତ୍ର କରିବା ପାଇଁ ପରମେଶ୍ୱର କରିଥିଲେ । ଆପଣ ନିଜର ମିଛ କଥା କହିବା ଛାଡି ଦିଅନ୍ତି, ଆପଣ ନିଜର ଚୋରି କରିବା ଛାଡି ଦିଅନ୍ତି, ଆପଣ ନିଜର ମଦ୍ୟପାନ ଛାଡି ଦିଅନ୍ତି, କାରଣ ଆପଣଙ୍କର ବିଶ୍ୱାସ ଆପଣଙ୍କୁ ଏଥିରୁ ଉପରକୁ ଉଠାଏ । ଆମେନ୍ । ଯଦି ଆପଣ ଏହା ନ କରନ୍ତି, ତେବେ ଆପଣଙ୍କଠାରେ କୌଣସି ବିଶ୍ୱାସ ନ ଥାଏ । "ଏବଂ ବିଶ୍ୱାସ ଦ୍ୱାରା ଆପଣ ଉଦ୍ଧାର ପାଇଥାନ୍ତି, ଏବଂ ତାହା ପୁଣି ଅନୁଗ୍ରହ ଦ୍ୱାରା ଅଟେ ।"

153 ଯେତିକି ଅଧିକ ଆପଣଙ୍କର ବିଶ୍ୱାସ ଉନ୍ମୁକ୍ତ ହେବ, ସେତିକି ଅଧିକ ଆପଣ ଶକ୍ତି ପାଇପାରିବେ, କାରଣ ସ୍ୱର୍ଗ ଓ ପୃଥିବୀକୁ ସୃଷ୍ଟି କରିବାର ସେହି ଶକ୍ତି ଆପଣଙ୍କଠାରେ ରହିଅଛି । ପରମେଶ୍ୱର ଆପଣଙ୍କଠାରେ ବାସ କରନ୍ତି, ଏବଂ ଆପଣମାନେ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟାମାନେ ଅଟନ୍ତି । ଆମେନ୍! ଆପଣ ସେଠାରେ ଅଛନ୍ତି । କିନ୍ତୁ, ଏହା ଆପଣଙ୍କର ବିଶ୍ୱାସ ଅଟେ । ଯୀଶୁ କହିଲେ, "ତୁମର ବିଶ୍ୱାସ ଅନୁଯାୟୀ, ତାହା ତୁମ ପ୍ରତି ହେଉ । ଯଦି ତୁମେ ବିଶ୍ୱାସ କରିପାର, ସବୁ ବିଷୟ ସମ୍ଭବ । ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ଯଦି ତୁମ୍ଭେ ଏହି ପର୍ବତକୁ କୁହ, 'ଘୁଞ୍ଚିଯା,' ଏବଂ ସନ୍ଦେହ କର ନାହିଁ, ମାତ୍ର ବିଶ୍ୱାସ କର ଯେ ଯାହା ତୁମ୍ଭେ କହିଅଛ!"

154 ତାହାହେଲେ ଆମ ଭିତରେ ବାସ କରୁଥିବା ଏହି ମହାନ ମୁକ୍ତିଦାତା ଖ୍ରୀଷ୍ଟଙ୍କୁ ବିଶ୍ୱାସ

କରି, ଏହି ପ୍ରହାରିତ ଶୈଳ ଉପରେ ବିଶ୍ୱାସ କରି ଯାହାକି କେବେ ମଣ୍ଡଳୀକୁ ଛାଡେ ନାହିଁ, ଆମେମାନେ କି ପ୍ରକାର ଲୋକ ହେବା ଉଚିତ୍? "ମୁଁ ସର୍ବଦା ତୁମ ସହିତରେ ଅଛି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ଅଛି," ପରିତ୍ରାଣ ଏବଂ ଶକ୍ତିର ଏହି ସର୍ବଦା-ଉପଲବ୍ଧ ମହାନ୍ ସ୍ରୋତ ଯାହାକି କାଲଭରୀଠାରୁ ମଣ୍ଡଳୀକୁ ପ୍ରବାହିତ ହୋଇଥିଲା, ଜୀବନ୍ତ ପରମେଶ୍ୱରଙ୍କ ସେହି ସର୍ବଦା-ଉପସ୍ଥିତି, ସେହି ମହାନ ପ୍ରବାହ, ସେହି ପ୍ରହାରିତ ଶୈଳ ଯାହାକି ଆମର ଯାତ୍ରାରେ ଆମ ସହିତ ଯାଇଥାଏ।

155 ଇସ୍ରାଏଲ ତାର ବିଶ୍ୱାସକୁ ହରାଇଥିଲା। ସେମାନେ ମାର୍ଗରୁ ବିଚ୍ୟୁତ ହୋଇ ଯାଇଥିଲେ। ସେମାନେ ମାଂସ ହାଣ୍ଡି ପାଇଁ ଲୋଭ କରିବା ଆରମ୍ଭ କରିଦେଲେ। ଯଦି ସେମାନେ ବିଶ୍ୱାସରେ ରହିଥାନ୍ତେ, ଏବଂ ଏହା ବିଶ୍ୱାସ କରୁଥାନ୍ତେ ଯେ ପରେମଶ୍ୱର ସେମାନଙ୍କୁ ସେହି ଦେଶକୁ ନେଇଯିବାକୁ ଯାଉଅଛନ୍ତି, ତାହହେଲେ କୌଣସି ବି ବିଷୟ ସେମାନଙ୍କୁ ବାଧା ଦେଇ ନ ଥାନ୍ତା। ସେମାନେ ତ ଆଗରୁ ସମୁଦ୍ର ଖୋଲି ସାରିଥିଲେ, ସେମାନେ ତ ନିଜର ଶତ୍ରୁମାନଙ୍କ ଉପରେ ମହାମାରୀ ଆଗତ କରି ସାରିଥିଲେ, ସେମାନେ ସେମାନଙ୍କର ପଶ୍ଚାତରେ ନିଜ ଶତ୍ରୁମାନଙ୍କୁ କ୍ରୁଶରେ ଚଢାଇଥିଲେ, ଏବଂ ଦେଶ ମଧ୍ୟକୁ ଚାଲି ଯାଇଥିଲେ, ଏବଂ ତଥାପି ପ୍ରତିଜ୍ଞାକୁ ଯିବା ପାଇଁ ବିଶ୍ୱାସ ରଖିପାରି ନ ଥିଲା।

156 ଯିହୋଶୂୟ ଏବଂ କାଲେବଙ୍କଠାରେ ସେହି ବିଶ୍ୱାସ ରହିଥିଲା! ସେମାନେ କହିଥିଲେ, "ଆମ ସମ୍ମୁଖରେ ଆସିଥିବା କୌଣସି ବି ବିଷୟକୁ ଜୟପ୍ରାପ୍ତ କରିବା ପାଇଁ ଆମେ ଯଥେଷ୍ଟ ସକ୍ଷମ ଅଟୁ।"

157 ମଣ୍ଡଳୀ ସହିତ ତାହାହିଁ ସମସ୍ୟା ଅଟେ। ଆମେମାନେ ପ୍ରତ୍ୟେକ ରୋଗକୁ ଜୟ କରିପାରୁ। ଆମ ଭିତରେ ସେହି ଶକ୍ତି ପାଇଅଛୁ। ଆମେମାନେ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟୁ, ଆମ ଆଗରେ କିଛି ହେଲେ ବିଷୟ ଛିଡା ହୋଇ ରହିପାରେ ନାହିଁ। କେବଳ ମାତ୍ର ବିଷୟ ଯେ, ସେ ଏପରି ଜଣେ ବ୍ୟକ୍ତିଙ୍କୁ ଖୋଜି ପାଇବାକୁ ଚାହାଁନ୍ତି ଯିଏକି ଏହାକୁ ବିଶ୍ୱାସ କରିବ, ଯିଏକି ତାହା ବିଶ୍ୱାସ କରିବ ଯାହାକି ପରମେଶ୍ୱର ଆପଣଙ୍କ ପାଇଁ ଆଗରୁ କରିସାରିଛନ୍ତି। ଏହା ତାହା ନୁହେଁ ଯାହା ଆମେମାନେ *ହେବା*; ଏହା ତ ଆମେମାନେ ବର୍ତ୍ତମାନ ଯାହା ଅଟୁ! ଏବଂ ଆତ୍ମାଙ୍କର ସର୍ବଦା-ଜୀବନ୍ତ ଉପସ୍ଥିତି ଆମ ସହିତରେ ଅଛି। ଆମେନ୍! ଆପଣ ସେଠାରେ ଅଛନ୍ତି।

158 ତାହାହିଁ ଅଟେ ଯାହାକି ଆଜି ସକାଳେ ମୋର ଅଭିପ୍ରାୟ ଥିଲା ଯେତେବେଳେ ମୁଁ ଏହି ବିଷୟ ଉପରେ କହୁଥିଲି, *ଶୈଳରୁ ସର୍ବଦା-ଉପଲବ୍ଧ ଜଳ।* ସେହି ଶୈଳରୁ ସର୍ବଦା-ଉପଲବ୍ଧ ଜଳ ଠିକ ବର୍ତ୍ତମାନ ଏଠାରେ ଅଛି, ସେହି ସର୍ବଦା-ଉପଲବ୍ଧ ଜଳ ଯାହାକି କାଲଭରୀଠାରେ ପ୍ରହାରିତ ଶୈଳରୁ ବାହାରିଥାଏ। ଯେତେବେଳେ ସେହି ପବିତ୍ରଆତ୍ମା କାଲଭରୀଠାରେ ତାହାଙ୍କଠାରୁ ବାହାରି ଆସିଲେ, ଯାହାକି ପେଣ୍ଟିକଷ୍ଟ ଦିନରେ ମଣ୍ଡଳୀକୁ ଫେରି ଆସିଥିଲା, ସେହି ସମାନ ପବିତ୍ରଆତ୍ମା ଆଜି ସକାଳେ ଉପସ୍ଥିତ ଅଛନ୍ତି। ଏବଂ ଏହା ଆମକୁ ଏକ ପ୍ରତିଜ୍ଞା

ପ୍ରଦାନ କରିଅଛି!

159 ସେହି କାରଣ ଯୋଗୁଁ ହିଁ, ଅସୁସ୍ଥ ଲୋକମାନଙ୍କ ଆଗରେ ଚାଲିଥାଏ, ଯେତେବେଳେ ସେ ମୋତେ ସେଠାରେ କାର୍ଯ୍ୟଭାର ଦେଇଥିଲେ, ମୁଁ ଏହାକୁ ବିଶ୍ୱାସ କରେ; ପରମେଶ୍ୱର ଏହା କହିଥିଲେ! ସେହିପରି ଭାବରେ ଦର୍ଶନଗୁଡ଼ିକ ସଂଘଟିତ ହୁଏ; ପରମେଶ୍ୱର ଏହାର ପ୍ରତିଜ୍ଞା କରିଥିଲେ! ପରମେଶ୍ୱର ମିଛ କହିପାରନ୍ତି ନାହିଁ।

160 ଏହାକୁ ବିଶ୍ୱାସ କରନ୍ତୁ! ଆପଣଙ୍କୁ ଏହାକୁ ବିଶ୍ୱାସ କରିବାକୁ ଅଛି। ସେଠାରେ କିଛି ରହିବାକୁ ଅଛି, ସେହି ଢାଙ୍କୁଣିକୁ ଖୋଲି ଦିଅନ୍ତୁ, ଆପଣଙ୍କୁ ତାହା ଭିତରକୁ ଯିବାକୁ ଦେବା ନିମନ୍ତେ ସେହି ଜିନିଷକୁ ଖୋଲି ଦିଅନ୍ତୁ। ଆଜି ଆମେମାନେ ଯାହା ଆବଶ୍ୟକ କରୁ ତାହା ଅଧିକ ଶକ୍ତି ପାଇଁ ପ୍ରାର୍ଥନା କରିବା ନୁହେଁ। ଆପଣଙ୍କ ପାଖରେ ତ ଯଥେଷ୍ଟ ଶକ୍ତି ଅଛି ଯେ ଆପଣ ଏକ ନୂତନ ପୃଥିବୀକୁ ନିର୍ମାଣ କରିପାରନ୍ତି। ଆପଣଙ୍କୁ ଯାହା ଆବଶ୍ୟକ ତାହା ହେଉଛି ସେହି ଶକ୍ତିକୁ ବ୍ୟବହାର କରିବା ପାଇଁ ବିଶ୍ୱାସ। ଆପଣଙ୍କୁ ଯାହା ଆବଶ୍ୟକ ତାହା ହେଉଛି ସେହି ଜୀବନକୁ ନିୟନ୍ତ୍ରଣ କରିବା, ଏବଂ ଏପରି ଏକ ଈଶ୍ୱରୀୟ ଜୀବନଯାପନ କରିବା, ଯେ ଆପଣ ପରମେଶ୍ୱରଙ୍କୁ ଯାହା କିଛି ମାଗନ୍ତି, ଆପଣ ଜାଣନ୍ତି! ଆମର ସେହି ବିଷୟରେ, ପରମେଶ୍ୱରଙ୍କ ଉପରେ ଭରସା ଅଛି। ଆମେ ଜାଣୁ, ଯଦି ଆମେ ତାହାଙ୍କର ଆଜ୍ଞାଗୁଡିକୁ ପାଳନ କରିବା, ତେବେ ସେ ଆମଠାରୁ କୌଣସି ବି ଉତ୍ତମ ବିଷୟକୁ ଲୁଚାଇ ରଖିବେ ନାହିଁ, ଯଦି ଆମେ ତାହାଙ୍କ ସହିତ ଗମନାଗମନ କରିବା। ପରମେଶ୍ୱର ଆମ ସହିତରେ ଗମନାଗମନ କରୁଛନ୍ତି। ଓଃ, ମୋର ପ୍ରଭୁ!

161 ସେମାନଙ୍କଠାରେ କରିବା ପାଇଁ ମାତ୍ର ଗୋଟିଏ କାମ ଥିଲା। ସେମାନଙ୍କଠାରେ କରିବା ପାଇଁ କେବଳ ଗୋଟିଏ ବିଷୟ ଥିଲା, ତାହା ହେଉଛି, ମାର୍ଗରେ ସିଧାସଳଖ ରହିବା। *ଏଠାରୁ* ସେଠାକୁ ଦରାଣ୍ଡି ହେବା ନୁହେଁ, ଏବଂ ସେଠାରୁ ଏଠାକୁ ଦରାଣ୍ଡି ହେବା ନୁହେଁ; ମାତ୍ର ମାର୍ଗରେ ରହିବା! ମଣ୍ଡଳୀ ପାଖରେ କରିବା ପାଇଁ ମାତ୍ର ଗୋଟିଏ ହିଁ ବିଷୟ ଅଛି, ତାହା ହେଉଛି ମାର୍ଗରେ ରହିବା! ସେମାନଙ୍କଠାରେ ଏକ ଅଗ୍ନିସ୍ତମ୍ଭ ଥିଲା, ଯାହାକି ସେମାନଙ୍କର ରହିଥିଲା, ଯେପରିକି ସେହି ଅଗ୍ନିସ୍ତମ୍ଭକୁ ଅନୁସରଣ କରି ଆପଣାକୁ ମାର୍ଗରେ ରଖନ୍ତି। ତାହା ହିଁ ଥିଲା ଯାହାକି ସେମାନଙ୍କୁ କଢେଇ ନେଇଥିଲା। ସେମାନଙ୍କର ବସ୍ତୁ ଯାହା ସେମାନେ ଦେଖି ପାରୁଥିଲେ, ତାହା ଥିଲା ସେହି ଅଗ୍ନିସ୍ତମ୍ଭ। ସେମାନେ ଏହାକୁ ମୋଶାଙ୍କ ଦେଇ କାର୍ଯ୍ୟକାରୀ ହୋଇଥିବାର ଦେଖିଥିଲେ, ଏବଂ ସେମାନେ ଜାଣିଥିଲେ ଯେ ସେ ନେତା ଥିଲେ।

162 ଆଜି ଆମମାନଙ୍କ ପାଖରେ ବାକ୍ୟ ଅଛି। ଆମେମାନେ ବାକ୍ୟ ଅନୁସରଣ କରୁ। ଏବଂ ଆମେମାନେ ବାକ୍ୟକୁ ବିଶ୍ୱାସୀମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେଉଥିବାର ଦେଖୁ, ଏବଂ ତେବେ, ଆମେମାନେ ଜାଣୁ ଯେ ଏହା ସେହିପରି ହିଁ ଅଟେ। ପରମେଶ୍ୱର ଆମ ସହିତରେ କାର୍ଯ୍ୟ କରୁଛନ୍ତି, ଚିହ୍ନଗୁଡିକ ଅନୁବର୍ତ୍ତୀ ହେବା ସହ ବାକ୍ୟକୁ ସୁଦୃଢ କରୁଛନ୍ତି! ଆମେମାନେ ବାକ୍ୟ ସହିତ ରହୁ। ବାକ୍ୟ ହିଁ ପରିଣାମଗୁଡିକୁ ଉତ୍ପନ୍ନ କରେ।

163 ସେମାନେ ମୋଶାଙ୍କ ସହିତ ରହିଥିଲେ। କାରଣ, ସେହି ଅଗ୍ନିସ୍ତମ୍ଭ, ମୋଶା ତାହାକୁ ଅନୁସରଣ କରିଥିଲେ। ଏବଂ ସେମାନେ ଅନୁସରଣ କରିଥିଲେ। ଯେତେବେଳେ ମୋଶାଙ୍କ ବିରୁଦ୍ଧରେ ଆଚରଣ କରିବାକୁ ଗଲେ, ଏବଂ ପରମେଶ୍ୱରଙ୍କ ବିରୁଦ୍ଧରେ ଏବଂ ମୋଶାଙ୍କ ବିରୁଦ୍ଧରେ କଳି ଝଗଡା କରିବାକୁ ଆରମ୍ଭ କଲେ, ସେତେବେଳେ ସେମାନେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଦରାଣ୍ଡି ହେବାକୁ ଲାଗିଲେ। ସଙ୍କଟମାନ ଆସିଲା। ନିଶ୍ଚିତରେ।

164 ଆମେମାନେ ବାକ୍ୟ ସହିତ ରହୁ, ଏବଂ ସେହି ବାକ୍ୟ ହିଁ ଚିହ୍ନଗୁଡିକ ଉତ୍ପନ୍ନ କରେ। ଯୀଶୁ କହିଲେ, "ଏହି ଚିହ୍ନଗୁଡିକ ସେମାନଙ୍କର ଅନୁବର୍ତ୍ତୀ ହେବ ଯେଉଁମାନେ ବାକ୍ୟକୁ ବିଶ୍ୱାସ କରିବେ।" ଦେଖନ୍ତୁ, ଏହା ତାହା ସହିତରେ ରୁହେ...ଆପଣ ବାକ୍ୟ ସହିତ ରୁହନ୍ତୁ, ସେହି ବାକ୍ୟ ଚିହ୍ନଗୁଡିକୁ ଉତ୍ପନ୍ନ କରିବ। ମାତ୍ର, ମୋଶା, ସେ କଅଣ କରିଥିଲେ?

165 ସେମାନେ ମାର୍ଗରୁ ବିଚ୍ୟୁତ ହୋଇଗଲେ, ଏବଂ ସେମାନେ କଅଣ କଲେ? ମାର୍ଗରୁ ଦରାଣ୍ଡି ହୋଇଗଲେ, ଏବଂ ସେମାନେ ତାହାଙ୍କର ଜଳ ଯୋଗାଣକୁ ହରାଇ ବସିଲେ।

166 ମୁଁ ଭାବୁଛି ଯେ ମଣ୍ଡଳୀ ଆଜି ତାହା ହିଁ କରିଛି। ଏହା ଶାସ୍ତ୍ରର ପଥରୁ ବିଚ୍ୟୁତ ହୋଇଯାଇଛି। ସେମାନେ ବାଦଗୁଡିକ ଉପରେ ଚାଲି ଯାଇଛନ୍ତି। ସେମାନେ ଛୋଟ ଛୋଟ ବିଷୟଗୁଡିକ ଉପରେ ଚାଲି ଯାଇଛନ୍ତି ଯାହାକି ସେମାନଙ୍କର କରିବା ଉଚିତ୍ ନ ଥିଲା। ସେମାନେ ବିଷୟଗୁଡିକୁ ଗ୍ରହଣ କରି ନେଇଥିଲେ। ସେମାନେ ପ୍ରେରିତମାନଙ୍କ ଧର୍ମମତ ପରି କିଛି ବିଷୟକୁ ଗ୍ରହଣ କରି ନେଲେ। ବାଇବଲରେ ଆପଣମାନେ ତାହା କେଉଁଠାରେ ପାଆନ୍ତି? ସେମାନେ କ୍ୟାଟେକିଜିମ୍ ପୁସ୍ତକକୁ ଗ୍ରହଣ କରି ନେଲେ ଯାହା ସେମାନେ ପାଠ କରନ୍ତି। ସେମାନେ ଏକ ଅଭିଜ୍ଞତା ପରିବର୍ତ୍ତେ ନାମଧାରୀ ସଂସ୍ଥାଗୁଡିକୁ ଗ୍ରହଣ କରି ନେଲେ। ସେମାନେ ଏକ ନୂତନ-ଜନ୍ମର ଅଭିଜ୍ଞତା ପରିବର୍ତ୍ତେ ହାତ ମିଶାଇବାକୁ ଗ୍ରହଣ କରି ନେଲେ। ସେମାନେ ଜଳ ବାପ୍ତିସ୍ମ ବଦଳରେ ଛିଞ୍ଚଣକୁ ଗ୍ରହଣ କରି ନେଲେ। ସେମାନେ ଏକ ମନ୍ଦ ରୂପ ଗ୍ରହଣ କରି ନେଲେ, "ପିତା, ପୁତ୍ର, ଏବଂ ପବିତ୍ରଆତ୍ମା," ଯେତେବେଳେକି ବାଇବଲରେ ସେପରି କୌଣସି ବିଷୟ ହିଁ ନାହିଁ। ବାଇବଲ କୁହେ, "ଯୀଶୁ ଖ୍ରୀଷ୍ଟଙ୍କ ନାମରେ!" ସେଠାରେ କରିବା ପାଇଁ କେବଳ ଗୋଟିଏ ହିଁ ବିଷୟ ଅଛି ଯଦି ଆପଣମାନେ ସେହି ସମାନ ଜଳ ଚାହୁଁଛନ୍ତି, ପୁନର୍ବାର ସେହି ପଥକୁ ଫେରି ଆସନ୍ତୁ। ସେହି ବିଷୟ ନିକଟକୁ ଫେରିଯାଆନ୍ତୁ... ସେ ଛାଡି ଯାଇ ନାହାଁନ୍ତି; ସେ ଏବେ ମଧ୍ୟ ଏଠାରେ ଅଛନ୍ତି। ଆପଣ ଖ୍ରୀଷ୍ଟଙ୍କ ବଦଳରେ ଧର୍ମମତକୁ ଗ୍ରହଣ କରିଥାନ୍ତି। ଆପଣ ଗୁଜବଗୁଡିକରେ ଅନ୍ୟତ୍ର ଚାଲିଯାଇଥାଆନ୍ତି।

167 ଜଣେ କୁହନ୍ତି, "ତେବେ, ମୁଁ ଜଣେ ମେଥୋଡିଷ୍ଟ।"

ଅନ୍ୟ ଜଣେ କୁହନ୍ତି, "ମୁଁ ଜଣେ ବାପ୍‌ଟିଷ୍ଟ ଅଟେ।"

ତେବେ, ତାହାହେଲେ ଏହା ଦର୍ଶାଏ ଯେ ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି। ଆମେମାନେ ତ ଖ୍ରୀଷ୍ଟଙ୍କର! ଆମେମାନେ ତାହାଙ୍କର ଅଟୁ।

ଆପଣ କୁହନ୍ତି, "ତେବେ, ଯଦି, ମୁଁ, ଜଣେ ବାପ୍‌ଟିଷ୍ଟ?"

ଯଦି ତାହା ହିଁ ସବୁକିଛି ଯାହାକି ଆପଣ ଅଟନ୍ତି, ତେବେ ଆପଣ ଖ୍ରୀଷ୍ଟଙ୍କର କେହି ବି ନୁହଁନ୍ତି, ଆପଣ ଜଣେ ବାପ୍‌ଟିଷ୍ଟ ଅଟନ୍ତି ।

ଆପଣ କୁହନ୍ତି, "ତେବେ, ମୁଁ ପେଣ୍ଟିକଷ୍ଟାଲ୍ ଅଟେ ।"

ଯଦି ଆପଣ ନାମଧାରୀ ସଂସ୍ଥାରୁ କେବଳ ପେଣ୍ଟିକୋଷ୍ଟାଲ୍ ଅଟନ୍ତି, ତେବେ ତାହାହିଁ ସବୁକିଛି ଅଟେ ଯାହାକି ଆପଣ ଅଟନ୍ତି ।

168 ମାତ୍ର, ଯଦି ଆପଣଙ୍କ ପାଖରେ ପେଣ୍ଟିକଷ୍ଟାଲ୍ ଅନୁଭୂତି ରହିଥାଏ! ଏବଂ ସେହି ପେଣ୍ଟିକଷ୍ଟାଲ୍ ବାକ୍ୟ ଏକ ପେଣ୍ଟିକଷ୍ଟାଲ୍ ଅନୁଭୂତିକୁ ନେଇ ଆସିବ! ସେହି ସମାନ ବିଷୟକୁ ଅନୁସରଣ କରନ୍ତୁ ଯାହାକି ସେହି ଶିଷ୍ୟମାନେ କରିଥିଲେ, ସେଠାରେ ଉପରେ ସେପର୍ଯ୍ୟନ୍ତ ରହିଥାଆନ୍ତୁ ଯେପର୍ଯ୍ୟନ୍ତକି ଆପଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ନ ହୋଇଯାଆନ୍ତି ।

169 ଏବଂ ତାହାପରେ ଯଦି ତାହା ଆପଣ ବାକ୍ୟର ବିରୁଦ୍ଧରେ ହୋଇଯାଆନ୍ତି, ଆପଣଙ୍କ ଭିତରେ ଥିବା ସେହି ଆତ୍ମା ବାକ୍ୟର କଥନ ବିରୁଦ୍ଧରେ ଆଚରଣ କରେ, ତେବେ ତାହାହେଲେ ଏହା ପବିତ୍ରଆତ୍ମା ନୁହେଁ । ଏହା ତ ଶୟତାନ ଅଟେ ଯିଏକି ପବିତ୍ରଆତ୍ମାଙ୍କୁ ନକଲ କରୁଅଛି । କଅଣ ଆପଣ ଦେଖୁଛନ୍ତି ଯେ ଆମେ ଏହା ଉପରେ କେଉଁଠାକୁ ପହଞ୍ଚି ଯାଇଅଛୁ? ଓଃ, ଆମମାନଙ୍କ ମଧ୍ୟରୁ କେତେକେ ପରଭାଷାରେ କଥା ହୋଇଥିଲେ, ଆମର ପରଭାଷାରେ କଥା କହିବାର ପାଳି ଓ ସେହିପରି ବିଷୟସବୁ ରହିଥିଲା, ଏବଂ ଅନ୍ୟାନ୍ୟ ଏହି ସବୁ ବିଷୟକୁ ଅସ୍ୱୀକାର କରି ଦେଇଥିଲୁ । ଆମେମାନେ ମଣ୍ଡଳୀକୁ ଆସିବା ପାଇଁ ସେସମସ୍ତ ବିଷୟକୁ ସହ୍ୟ କରିଥିଲୁ ଯାହାକି ଶାସ୍ତ୍ରରେ ବର୍ଣ୍ଣନା ସୁଦ୍ଧା ନାହିଁ । ଆଜି ଆମେମାନେ କେଉଁଠାରେ ପହଞ୍ଚି ଅଛୁ? ଆମେମାନେ ଆଉ ଏକ ପ୍ରାନ୍ତରକୁ, ଶୁଷ୍କ ସଂଗଠନକୁ ଆସି ଯାଇଛୁ । ଆମେମାନେ ସଂଗଠିତ ହୋଇଅଛୁ, ଏବଂ ଆମର ଜଳକୁ ହରାଇଅଛୁ । ତାହାହିଁ ଅଟେ ଯାହାକି ପେଣ୍ଟିକଷ୍ଟ ଅବିକଳ କରିଥିଲା । ଯେତେବେଳେ ଏହା ସଂଗଠିତ ହେବାକୁ ଆରମ୍ଭ କଲା, ଏହା ସହଭାଗିତାକୁ ଭାଙ୍ଗିବାକୁ ଆରମ୍ଭ କଲା, ଏବଂ କହିବାକୁ ଆରମ୍ଭ କଲା, "ତେବେ, ବର୍ତ୍ତମାନ ଆମେମାନେ ସହଯୋଗ କରିବା ନାହିଁ, ଯଦି ଏହି ବ୍ୟକ୍ତି *ତାହା* ବିଶ୍ୱାସ କରେ ।"

170 ଆଗକୁ ବଢନ୍ତୁ, ତାହା ସହିତରେ ରୁହନ୍ତୁ ଯେପର୍ଯ୍ୟନ୍ତକି ସେ ସତ୍ୟର ବାକ୍ୟ ନିକଟକୁ, ସତ୍ୟର ଜ୍ଞାନ ନିକଟକୁ ନ ଆସିଯାଏ । ଏହା ଯାହାକିଛି ବି ଅଟେ, ଏହାକୁ ଯେକୌଣସି ଉପାୟରେ, ଯିବାକୁ ଦିଅନ୍ତୁ । ଭାଇମାନଙ୍କ ପରି ହୁଅନ୍ତୁ, ଆଗକୁ ବଢନ୍ତୁ ।

171 ମାତ୍ର, ଓଃ, ଆମକୁ ତ ସଂଗଠିତ ହେବାକୁ ଥିଲା, ଏବଂ କହିବାକୁ ଥିଲା, "ତେବେ, ଯେହେତୁ ଆପଣ ଏକତ୍ତ୍ୱବାଦୀ ନୁହଁନ୍ତି, ଯେହେତୁ ଆପଣ ଦୁଇ ବ୍ୟକ୍ତିତ୍ତ୍ୱବାଦୀ ନୁହଁନ୍ତି, କିମ୍ବା ତ୍ରିତ୍ତ୍ୱବାଦୀ, କିମ୍ବା ଏହିପରି କିଛି ନୁହଁନ୍ତି, ଆମେମାନେ ଆପଣଙ୍କ ସହିତ କୌଣସି ସହଭାଗିତା କରିବୁ ନାହିଁ ।" ତାହାପରେ ଯେତେବେଳେ ଆମେମାନେ ତାହା କରୁ, ଆମେ କଅଣ କରିଥାଉ? ଆମେମାନେ ନିଜକୁ ପୁନର୍ବାର ଏକ ପ୍ରାନ୍ତର ମଧ୍ୟକୁ ନେଇ ଆସିଥାଉ । ତାହା ଠିକ୍!

172 କିନ୍ତୁ, ମନେରଖନ୍ତୁ, ଯେତେବେଳେ ଇସ୍ରାଏଲ ସେହି ମାର୍ଗରୁ ବିଚ୍ୟୁତ ହେଲା, ପ୍ରତିଜ୍ଞାତ ଦେଶକୁ ଯିବାର ତାର ମାର୍ଗରୁ, ସେହି ଶୈଳ ସେମାନଙ୍କୁ କେବେ ବି ଛାଡି ନ ଥିଲା; ଏହା ଠିକ୍ ସେଠାରେ ଲାଗି ରହିଥିଲା, ଆଉ ଜଳ ମଧ୍ୟ ରହିଥିଲା । ଠିକ ସେହିପରି ପବିତ୍ରଆତ୍ମା ଅଟନ୍ତି, ସେହି ସମାନ ସ୍ଥାନରେ ରହିଅଛନ୍ତି । ଆମକୁ ପଛକୁ ଘୁରି ଯିବାର ଆବଶ୍ୟକତା ନାହିଁ ।

173 ବର୍ତ୍ତମାନ, ଏଠାରେ ପରମେଶ୍ୱର ଆମକୁ ଏକ ବହୁତ ବଡ଼ ବିଷୟ ଶିକ୍ଷା ଦିଅନ୍ତି । ପରମେଶ୍ୱର ଆମକୁ ଏଠାରେ ଏକ ଶିକ୍ଷା ଦିଅନ୍ତି । ଖ୍ରୀଷ୍ଟ ଥରେ ପ୍ରହାରିତ ହୋଇଥିଲେ, ଆମ ସମସ୍ତଙ୍କୁ, ଗୋଟିଏ ଥର ପାଇଁ, ଏକ ପେଣ୍ଟିକଷ୍ଟାଲ୍ ଅନୁଭୂତି ଦେଇଥିଲେ । ତେବେ, ଯେତେବେଳେ ସେହି ଶୈଳ ପ୍ରହାର କରା ଯାଇଥିଲା, ଏହାକୁ ଆଉ ଥରେ ପ୍ରହାର କରାଯିବାର ପ୍ରୟୋଜନ ନ ଥିଲା । ଏହା କେବଳ ଥରେ ପ୍ରହାର କରାଯାଇଥିଲା ।

174 ମୋଶା ଏହାକୁ ଦ୍ୱିତୀୟ ଥର ପ୍ରହାର କରିବା ଦ୍ୱାରା ଏକ ଭୁଲ କରିଥିଲେ, ତାହା ପ୍ରାୟଶ୍ଚିତ୍ତ ଉପରେ ତାଙ୍କର ବିଶ୍ୱାସର ଦୁର୍ବଳତାକୁ ଦର୍ଶାଉଥିଲା । ମାତ୍ର ଯେତେବେଳେ ଖ୍ରୀଷ୍ଟ ଥରେ ପ୍ରହାରିତ ହୋଇଥିଲେ, ଆମେମାନେ ଜାଣୁ ଯେ ତାହାଙ୍କୁ ଆଉ ଥରେ ପୁନର୍ବାର ପ୍ରହାରିତ ହେବାର ପ୍ରୟୋଜନ ନ ଥିଲା । ତେବେ, ମୋଶା କଅଣ କରୁଥିଲେ? ମୋଶା ଏକ ନୂତନ କିଛି ବିଷୟ ଉପସ୍ଥାପିତ କରିବାକୁ, ଏକ ନୂଆ କିଛି କରିବାକୁ ଚେଷ୍ଟା କରୁଥିଲେ ।

175 ଏବଂ ଠିକ ସେହି ପ୍ରକାରେ ହିଁ ଆଜି ଆମର ଧର୍ମଯାଜକମାନେ କରିଛନ୍ତି । ସେମାନେ କିଛି ନୂଆ କରିବାକୁ ଚେଷ୍ଟା କରିଛନ୍ତି । "ଆମେମାନେ ନିଜକୁ ଆସେମ୍ବଲିଜ ଅଫ ଗଡ କରି ପକାଇବା । ଆମେମାନେ ନିଜକୁ ପେଣ୍ଟିକଷ୍ଟାଲ୍ ଚର୍ଚ୍ଚ ଅଫ ଗଡ କରି ପକାଇବା । ଆମେମାନେ ନିଜକୁ ସାଧାରଣ ପରିଷଦ କରି ପକାଇବା । ଆମେ ନିଜକୁ, *ଏହା, ତାହା,* କିମ୍ବା *ଅନ୍ୟ* କିଛି କରି ପକାଇବା ।" ଏହା ତାହା ନୁହେଁ ଯାହା ପରମେଶ୍ୱର କରିଥିଲେ । ଏହା ତାହାଙ୍କର ଧାରଣା ନ ଥିଲା ।

176 ଖ୍ରୀଷ୍ଟ ଥରେ ପ୍ରହାରିତ ହୋଇଥିଲେ । ତାହା ସେହି ମୂଳ ଅନୁଭୂତି ଅଟେ । ତାହା ସେହି ମୂଳ ଉପାୟ ଅଟେ । ପେଣ୍ଟିକଷ୍ଟ ଦିନରେ, ପିତର କହିଲେ, "ତୁମେମାନେ ପ୍ରତ୍ୟେକେ, ମନ ପରିବର୍ତ୍ତନ କର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ ।"

177 "ଆମେମାନେ 'ପିତା, ପୁତ୍ର, ପବିତ୍ରଆତ୍ମା' ଙ୍କ ନାମରେ ଛିଞ୍ଚଣ କରୁ, ଏହା ବିଷୟରେ ସମସ୍ତ ପ୍ରକାରର ଧର୍ମମତ ଏବଂ ସବୁକିଛିକୁ ପ୍ରଦାନ କରୁ ।" ଯେତେବେଳେ ଆମେମାନେ ବାକ୍ୟରୁ ଓହରି ଯାଉ, ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆମେମାନେ କୌଣସି ସ୍ଥାନକୁ ପହଞ୍ଚି ନ ପାରୁ । ବୁଝିଲେ?

178 ପରମେଶ୍ୱର ଆମକୁ ଏକ ଶିକ୍ଷା ଦିଅନ୍ତି । ମୋଶାଙ୍କୁ ଏହା କହିବାର ଉଚିତ୍ ନ ଥିଲା, "ତେବେ ବର୍ତ୍ତମାନ ଆମେମାନେ ଏଠାରେ କିଛି ଏକ ନୂତନ ବିଷୟ ଆରମ୍ଭ କରିବା, ଏବଂ ଆମେମାନେ ସଂଗଠିତ ହେବା ଓ ଆମେମାନେ କ୍ୟାଥୋଲିକ୍ ମଣ୍ଡଳୀ ନିର୍ମାଣ କରିବା ।" ତାହାହିଁ ସେହି ପ୍ରଥମ ବିଷୟ ଅଟେ ଯାହା ସେମାନେ କରିଥିଲେ । ନା, ତେବେ କିଛି ସମୟ

ପରେ, "ବେଶ୍, ଆମେମାନେ ସେଥିରୁ କିଛି ଏକ ନୂଆ ବିଷୟ ଆରମ୍ଭ କରିବା, ଆମେମାନେ ଲୁଥରାନ୍ ନିର୍ମାଣ କରିବା ।" ତାହାପରେ ଆଙ୍ଗଲିକାନ୍ ଆସିଲା, ଏବଂ ପରେ ବାପ୍‌ଟିଷ୍ଟ, ଏବଂ ଆଉ ଅଧିକ କଅଣ, ଏବଂ କ୍ୟାମ୍ପବେଲାଇଟ୍ସ, ଏବଂ ଚର୍ଚ୍ଚ ଅଫ କ୍ରାଇଷ୍ଟ, ଏବଂ ଖ୍ରୀଷ୍ଟବିରୋଧୀ, ଏବଂ ଅନ୍ୟାନ୍ୟ ସବୁ ବିଷୟ ଆସିଲା । ଦେଖନ୍ତୁ, ସେମାନେ ସମସ୍ତେ ଯିବାକୁ ଆରମ୍ଭ କଲେ, ଗୋଟିଏ ପରେ ଗୋଟିଏ, ଗୋଟିଏ ପରେ ଗୋଟିଏ, ନାମଧାରୀ ସଂସ୍ଥା ଏବଂ ସଂଗଠନମାନ ନିର୍ମାଣ କରିବାକୁ ଲାଗିଲେ । ଏହା ତାହା ନ ଥିଲା । ସେଠାରେ ଦେଖନ୍ତୁ ଯେ ସେମାନେ କଅଣ କରୁଛନ୍ତି? ସେମାନେ କିଛି ଗୋଟାଏ ନୂଆ ବିଷୟ ଆରମ୍ଭ କରିବା ପାଇଁ, ସେହି ଶୈଳକୁ ପୁନର୍ବାର ପ୍ରହାର କରୁଛନ୍ତି । ଆମେମାନେ କୌଣସି ଏକ ନୂତନ ଶିକ୍ଷା ସିଦ୍ଧାନ୍ତ ଆବଶ୍ୟକତା କରୁ ନାହୁଁ ।

179 ବାଇବଲରେ ପ୍ରତ୍ୟେକ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ବାଇବଲରେ ଥିବା ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେକି ପବିତ୍ରଆତ୍ମା ପାଇଥିଲେ, ପରମେଶ୍ୱରଙ୍କ ମାର୍ଗରେ ଥି ସେହିପରି ଆସିଥିଲେ, ଯେପରିକି ପରମେଶ୍ୱର ତାହାକୁ କାର୍ଯ୍ୟକାରୀ କରିଥିଲେ । ସେମାନେ ସେହି ସମାନ କାର୍ଯ୍ୟ କଲେ । ସେମାନଙ୍କର ସେହି ସମାନ ଅନୁଭୂତି ରହିଥିଲା । ସେହି ସମାନ ଚିହ୍ନମାନ ସେମାନଙ୍କର ଅନୁବର୍ତ୍ତି ହୋଇଥିଲା । ସେହି ସମାନ କାର୍ଯ୍ୟ ସେମାନଙ୍କୁ ଅନୁବର୍ତ୍ତୀ ହୋଇଥିଲା । କାହିଁକି? ସେମାନେ ସେହି ଶୈଳ ଦ୍ୱାରା ବଞ୍ଚି ରହିଲେ । ସେମାନେ ସେହି ସମାନ ଜଳ ପାଇଥିଲେ ।

180 ଏବଂ, ଆଜି, ସେହି କାରଣ ଯେଉଁଥି ଯୋଗୁଁକି ଆମ ପାଖରେ ଅନେକ ଧର୍ମମତ ଏବଂ ନାମଧାରୀ ସଂସ୍ଥାମାନ ଅଛି ତାହା ହେଉଛି, କାରଣ ଆମେମାନେ କିଛି ନୂଆ ଆରମ୍ଭ କରୁଅଛୁ । ଆମକୁ କିଛି ହେଲେ ନୂଆ ଦରକାର ନାହିଁ । ଫେରି ଯାଆନ୍ତୁ!

181 ମୋଶାଙ୍କୁ ପୁନର୍ବାର ସେହି ଶୈଳକୁ ପ୍ରହାର କରି, କୌଣସି ନୂଆ କିଛି ଆରମ୍ଭ କରିବାର ଉଚିତ୍ ନ ଥିଲା । ତାହାଙ୍କୁ ତ କେବଳ ସେମାନଙ୍କ ସହିତ, ସେହି ମୂଳ ଶୈଳକୁ କଥା କହିବାର ଥିଲା । ଓଃ, ମୁଁ ଆଶା କରେ ଯେ ଆପଣ ତାହା ବୁଝୁଛନ୍ତି! ମୋଶାଙ୍କୁ ତ ସେହି ମୂଳ, ପ୍ରହାରିତ ଶୈଳକୁ କଥା କହିବାର ଉଚିତ୍ ଥିଲା; ତାହାକୁ ପୁନର୍ବାର ପ୍ରହାର କରିବାକୁ ଚେଷ୍ଟା କରିବାର ନ ଥିଲା, କୌଣସି ଏକ ନୂତନ ବିଷୟ ଆରମ୍ଭ କରିବାକୁ ଚେଷ୍ଟା କରିବାର ନ ଥିଲା, ବରଂ ସେହି ପୁରୁଣା ବିଷୟକୁ କଥା କହିବାର ଥିଲା!

182 ପରମେଶ୍ୱର, ମୋତେ ସାହାଯ୍ୟ କରନ୍ତୁ! ଯଦି ମୁଁ ପ୍ରଚାର ମଞ୍ଚ ଉପରେ, ଏକ ଭିଖାରୀ ଭାବରେ ମରି ବି ଯାଏ, ତେବେ ମଧ୍ୟ ମୁଁ ସେହି ମୂଳ ଶୈଳ ବିଷୟରେ କଥା କହିବି! ମୁଁ ସେହି ମୂଳ ଅନୁଭୂତି ବିଷୟରେ କଥା କହିବି । ମୁଁ ସେହି ମୂଳ ଶାସ୍ତ୍ର ବିଷୟରେ କଥା କହିବି ଯାହାକି ସେମାନଙ୍କୁ ପବିତ୍ରଆତ୍ମାର ବାପ୍ତିସ୍ମ ପ୍ରଦାନ କରିଥିଲା, "ଆପଣମାନେ ପ୍ରତ୍ୟେକେ, ମନପରିବର୍ତ୍ତନ କରନ୍ତୁ, ଏବଂ ନିଜ ନିଜର ପାପକ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।"

ସେହି ଶୈଳରୁ ପ୍ରବାହିତ ହେଉଥିବା ଜଳର ସର୍ବଦା-ଉପସ୍ଥିତି ଆମ ସହିତରେ ଏବେ ସୁଦ୍ଧା ଅଛି । ଏହା ସେହି ସମାନ ବିଷୟକୁ ଉତ୍ପନ୍ନ କରିବ । ଏହା ଦର୍ଶନଗୁଡ଼ିକୁ ନେଇ ଆସିବ । ଏହା ଆରୋଗ୍ୟତାକୁ ନେଇ ଆସିବ । ଏହା ଭବିଷ୍ୟତ୍‌ବାଣୀକୁ ନେଇ ଆସିବ । ଏହା ପ୍ରତ୍ୟେକ ସେହି ବିଷୟକୁ ନେଇ ଆସିବ ଯାହା ସେମାନେ ସାଧନ କରିଥିଲେ ।

183 ଯେତେବେଳେ ଇସ୍ରାଏଲ୍ ପୁଣି ଥରେ ଶାସ୍ତ୍ର ସହିତରେ ସହମତ ହୋଇ ଧାଡ଼ିରେ ରହିଲା, ଏବଂ ମାର୍ଗକୁ ଫେରିଲା, ସେତେବେଳେ ଯାଇ ସେମାନେ ସେହି ପ୍ରତିଜ୍ଞାତ ଦେଶକୁ ଗଲେ । କିନ୍ତୁ ସେମାନଙ୍କୁ ଚାଳିଶ ବର୍ଷ ଲାଗିଥିଲା ।

184 ପେଣ୍ଟିକଷ୍ଟକୁ ପ୍ରାୟଃ ଚାଳିଶ କିମ୍ବା ପଚାଶ ବର୍ଷ ହେବ, ପ୍ରାନ୍ତରରେ ଚାରିଆଡେ ଘୁରି ବୁଲୁଛି । ସେହି ଶୈଳ ନିକଟକୁ ଫେରି ଆସନ୍ତୁ! ଏହା ଦୃଷ୍ଟିଗୋଚରରେ ଅଛି । ଏଠାରେ ତାହା, ଠିକ ଏଠାରେ ବାକ୍ୟରେ ଲେଖା ହୋଇଛି । ପବିତ୍ରଆତ୍ମା ଠିକ ଏଠାରେ ସେହି ସମାନ କାର୍ଯ୍ୟଗୁଡ଼ିକୁ ସାଧନ କରୁଛନ୍ତି ଯାହା ସେ ସର୍ବଦା କରି ଆସିଥିଲେ, ତେଣୁକରି ସେହି ଜଳର ସର୍ବଦା-ଉପସ୍ଥିତି ଏଠାରେ ଅଛି । କେବଳ ଏହା ନିକଟକୁ ଫେରି ଆସନ୍ତୁ, ସେହି ପୂର୍ବବର୍ତ୍ତି ବିଷୟ ନିକଟକୁ, ସେହି ମୂଳ ନିକଟକୁ ଫେରି ଆସନ୍ତୁ । ଏହା ମୂଳରେ କିପରି ଥିଲା?

185 "ତେବେ, ସେମାନେ ପ୍ରଚାରକଙ୍କ ସହିତରେ ହାତ ମିଶାଉ ଥିଲେ"? ସେପରି କୌଣସି ବିଷୟ ନାହିଁ । "ସେମାନେ 'ପିତା, ପୁତ୍ର, ପବିତ୍ରଆତ୍ମା' ଙ୍କ ନାମରେ ବାପ୍ତିଜିତ ହୋଇଥିଲେ"? ସେପରି କୌଣସି ବିଷୟ ନାହିଁ । ବାଇବଲ ଭିତରେ, ବାହାରେ, କିମ୍ବା କୌଣସିଠାରେ ବାଇବଲର ତିନି ଶହ ବର୍ଷ ମଧ୍ୟରେ ଏପରି କୌଣସି ବ୍ୟକ୍ତି ନାହାଁନ୍ତି, ଯିଏକି କେବେ "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ତାହା ତ ଏକ କ୍ୟାଥୋଲିକ୍ ଧର୍ମମତ ଅଟେ, କୌଣସି ବାଇବଲ ଶିକ୍ଷା ନୁହେଁ । ବୁଝିଲେ?

186 ସେମାନଙ୍କଠାରେ ପବିତ୍ରଆତ୍ମା ଥିଲେ । ବିଶ୍ୱାସ କରୁଥିବା ଲୋକମାନଙ୍କର ଏହି ଚିହ୍ନଗୁଡ଼ିକ ଅନୁବର୍ତ୍ତି ଥିଲା । ଏହା ଆଜି ତାହା ପୁଣି ଥରେ କରିବ । ସେହି ଶୈଳଟି, ସେହି ପ୍ରହାରିତ ଶୈଳଟି ସେତିକି ସର୍ବଦା-ଜୀବନ୍ତ ଅଟେ ଯେତିକି ତାହା କେବେ ରହିଥିଲା!

187 ତେବେ ଏହା କହିବା ନାହିଁ, "ତେବେ, ବର୍ତ୍ତମାନ ଆପଣ ଆସି ଆମର ପେଣ୍ଟିକଷ୍ଟାଲ୍ ମଣ୍ଡଳୀରେ ଯୋଗ ଦିଅନ୍ତୁ, ଆମର ପେଣ୍ଟିକଷ୍ଟାଲ୍ ପରିସର ମଧ୍ୟକୁ ପ୍ରବେଶ କରନ୍ତୁ ।" "ନା, ଆପଣ ଆସି ବାପ୍‌ଟିଷ୍ଟ, କିମ୍ବା ମେଥୋଡିଷ୍ଟ, କିମ୍ବା ପ୍ରେସବିଟେରିଆନ୍, କିମ୍ବା କ୍ୟାଥୋଲିକ୍ ସହିତ ଯୋଗ ଦିଅନ୍ତୁ ।" ତାହା କଅଣ ଅଟେ? ତାହା ହେଉଛି କିଛି ନୂଆ ବିଷୟ ଆରମ୍ଭ କରିବାକୁ ଚେଷ୍ଟା କରି, ସେହି ଶୈଳକୁ ପୁନର୍ବାର ପ୍ରହାର କରିବା ।

188 ସେମାନଙ୍କୁ କହିବା ଯେ, "ମନ ପରିବର୍ତ୍ତନ କର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ," ସେମାନଙ୍କର ପାପ କ୍ଷମା ନିମନ୍ତେ, "ଏବଂ ଏହି ଚିହ୍ନଗୁଡ଼ିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ ।" ତେବେ ଆପଣ ମାର୍ଗରେ ଫେରୁଛନ୍ତି, ସେହି ସମାନ ଜଳ ନିକଟକୁ ଫେରୁଛନ୍ତି । ସେହି ସମାନ ଜଳ ସେହି ସମାନ ସତେଜତାକୁ ପ୍ରଦାନ କରିବ । ଏହା ଶରୀରକୁ

ସେହି ସମାନ ସ୍ଫୁର୍ତ୍ତି ଦେବ। ଏହା ସେହି ସମାନ ଧୌତ କରିବାର ଶକ୍ତି ଦେବ। ଏହା ସେହି ସମାନ ଆରୋଗ୍ୟକାରୀ ଶକ୍ତି ଦେବ। ଏହା ସେହି ସମାନ କାର୍ଯ୍ୟକୁ ସାଧନ କରିବ ଯାହା ସେତେବେଳେ କରିଥିଲା, ଯଦି ଆମେମାନେ କେବଳ ସେହି ସମାନ ଆତ୍ମା ନିକଟକୁ ଫେରିଯିବା।

189 ଗୋଟିଏ ଦ୍ରାକ୍ଷାଲତାରେ ଥିବା ଜୀବନଟି ଦ୍ରାକ୍ଷାଫଳକୁ ଉତ୍ପନ୍ନ କରିବ। ଯଦି ଏହା ଗତ ବର୍ଷ କରିଥଲା, ତେବେ ତାହା ଚଳିତ ବର୍ଷ ମଧ୍ୟ ସେହି ସମାନ ବିଷୟକୁ ଉତ୍ପନ୍ନ କରିବ। ତାହା ପରମେଶ୍ୱରଙ୍କ ଏକ ନିୟମ ଅଟେ। ପରମେଶ୍ୱରଙ୍କ ନିୟମ ହେଉଛି ଯେ, ଯଦି ଏହା ଏକ ଦ୍ରାକ୍ଷାଲତା ଅଟେ, ଏହାକୁ ଛାଡିଦିଅନ୍ତୁ, ଏହା ଦ୍ରାକ୍ଷାଫଳକୁ ହିଁ ଉତ୍ପନ୍ନ କରିବ। ଆପଣ ଏହାକୁ ଅନ୍ୟ କିଛି ସହିତ ଆଭ୍ୟନ୍ତରୀଣ ପ୍ରଜନନ କରିପାରନ୍ତି, କିନ୍ତୁ ତାହାପରେ ଏହାକୁ ଏକୁଟିଆ ଛାଡିଦିଅନ୍ତୁ ଆଉ ତାହା ପୁଣି ଥରେ ସେହି ସମାନ ଦ୍ରାକ୍ଷାଫଳ ନିକଟକୁ ଫେରି ଆସିବ।

190 ତେଣୁକରି ଆମେମାନେ ମଣ୍ଡଳୀକୁ ପେଣ୍ଟିକଷ୍ଟାଲବାଦ, ବାପ୍‌ଟିଷ୍ଟବାଦ, ମେଥୋଡିଷ୍ଟବାଦ ସହିତରେ, ପୁଣି ତାହା ସହିତ ପ୍ରେସ୍‌ବିଟେରିଆନ୍‌ବାଦକୁ, ପୁଣି—ପୁଣି ଆଙ୍ଗଲିକାନ୍‌ବାଦକୁ, ଏବଂ ଅନ୍ୟ ସମସ୍ତ ପ୍ରକାରର ବାଦକୁ ମିଶାଇ ଦେଇଛୁ। ଆପଣ ଏହାକୁ କାହିଁକି ଏକାକୀ ଛାଡି ଦେଉ ନାହାଁନ୍ତି? ଦ୍ରାକ୍ଷାଲତା ନିକଟକୁ ଫେରି ଆସନ୍ତୁ, ଏହା ସେହି ସମାନ ସାମର୍ଥ୍ୟ ନିକଟକୁ ଫେରି ଆସିବ। ଆମେନ୍! ଆମେନ୍! ମୁଁ ତାହା ପସନ୍ଦ କରେ।

191 "କିଛି ଗୋଟାଏ ନୂଆ ଆରମ୍ଭ କରିବା।" ସମାନ ବିଷୟ ଆମେମାନେ କରିଅଛୁ। ଆମର କର୍ତ୍ତୃତ୍ୱପଣକୁ ଦେଖାଇବାକୁ ଚେଷ୍ଟା କରୁ ନାହୁଁ। "ଡ଼ାକ୍ତର *ଅମୁକ-ଓ-ଅମୁକ* ସେହି *ଅମୁକ-ଓ-ଅମୁକ-ଓ-ଅମୁକ* ସ୍ଥାନର ସେହି ମହାନ *ଅମୁକ-ଓ-ଅମୁକ* ମଣ୍ଡଳୀର ପ୍ରତିଷ୍ଠାତା ଅଟନ୍ତି।" ଏହା ତାହା ନ ଥିଲା।

192 ତାହାହିଁ ଥିଲା ଯାହାକି ମୋଶା କହିଥିଲେ, "ମୁଁ ସେମାନଙ୍କୁ ଦେଖାଇବି ଯେ ମୁଁ କଅଣ କରିପାରେ। ମୁଁ ତାହା, ଯେକୌଣସି ଉପାୟରେ ବି ଆଣିବି!" ସେ ଏହାକୁ ପ୍ରହାର କଲେ, ଏହା ଆସିଲା ନାହିଁ। ସେ ପୁଣିଥରେ ଚିତ୍କାର କଲେ, "ଦେଖାଇବି ଯେ ମୁଁ କଅଣ କରିପାରେ!" ପରମେଶ୍ୱର ଏଥିପାଇଁ ତାଙ୍କ ସହିତ ବ୍ୟବହାର କଲେ।

193 ଆପଣ ଏହା ଭାବନ୍ତୁ ନାହଁ, ଯେ ଯଦି ଆପଣ "କେବଳ କୌଣସି ନାମଧାରୀ ସଂଗଠନକୁ ଧରି ରହି ପାରନ୍ତି।" ପରମେଶ୍ୱର ଏଥିପାଇଁ ଆପଣଙ୍କ ସହିତ ବ୍ୟବହାର କରିବେ। ତାହା ଠିକ୍ ଅଟେ। ଆପଣଙ୍କୁ ତ ସେହି ମୂଳ ନିକଟକୁ ଫେରି ଆସିବାକୁ ଅଛି। ଫେରି ଆସନ୍ତୁ।

194 କେବଳ ଲୋକମାନଙ୍କ ସହିତ କଥା ହୁଅନ୍ତୁ। (ସେମାନଙ୍କୁ ଏହା କୁହନ୍ତୁ ନାହିଁ, "ଆପଣ ଆସି ଆମ ମଣ୍ଡଳୀରେ ଯୋଗ ଦିଅନ୍ତୁ। ଆପଣ ଆସି ଆମର ଧର୍ମମତକୁ କୁହନ୍ତୁ।") "ଆପଣ ଫେରି ଆସି ମନ ପରିବର୍ତ୍ତନ କରନ୍ତୁ, ଏବଂ ନିଜର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ; ଏବଂ ଯଦି ଆପଣଙ୍କର ହୃଦୟ ଠିକ୍ ଅଛି, ତାହାହେଲେ ଆପଣ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ। ଏବଂ ଏହି ଚିହ୍ନଗୁଡିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତି

ହେବ। ବିଶ୍ୱାସୀମାନଙ୍କର ଏକ ଗୋଷ୍ଠୀ, ଏହି ଚିହ୍ନଗୁଡ଼ିକ ସେମାନଙ୍କ ସହିତରେ ଯିବ।" କାରଣ କାହିଁକି? ସେହି ଶୈଳ, ସେହି ପ୍ରହାରିତ ଶୈଳ ଏବଂ ତାହାଙ୍କ ଜୀବନର ଜଳ ଠିକ ନିର୍ଗତ ହେଉଅଛି, ଏବଂ ଠିକ ସେହି ସମାନ ବିଷୟକୁ ଉତ୍ପନ୍ନ କରୁଅଛି ଯାହା ସେ ସେଠାରେ ପଶ୍ଚାତ ସମୟରେ ସାଧନ କରିଥିଲେ। ଏହା ଆଉ ଅନ୍ୟ କିଛି କରିପାରେ ନାହିଁ। ଓଃ, ହଁ।

195 ଆମେମାନେ ଦେଖାଇ ହେବାକୁ ଚାହୁଁ, ଏବଂ କହୁ, "ଆମେ ମେଥୋଡିଷ୍ଟ, ଏବଂ ବାପ୍ଟିଷ୍ଟ ଅଟୁ।"

196 ସେହି ଶୈଳକୁ କେବଳ କଥା କୁହନ୍ତୁ, ସେ ସର୍ବଦା-ଉପସ୍ଥିତ ଅଟନ୍ତି। ଏଥିରେ ଯୋଗ ଦେବାକୁ ଚେଷ୍ଟା କରନ୍ତୁ ନାହିଁ। ମୁଁ ଏଠାରେ ତଳେ "ଯୋଗ" କରିଥିଲି। ଏଥିରେ ଯୋଗ ଦେବାକୁ ଚେଷ୍ଟା କରନ୍ତୁ ନାହିଁ। ଆପଣ ଏଥିରେ ଯୋଗଦାନ କରିପାରନ୍ତି ନାହିଁ, ତାହା ଗୋଟିଏ କଥା ନିଶ୍ଚିତ ଅଟେ। ଆପଣ ମେଥୋଡିଷ୍ଟରେ ଯୋଗ ଦେଇପାରନ୍ତି, ଆପଣ ବାପ୍ଟିଷ୍ଟରେ ଯୋଗ ଦେଇପାରନ୍ତି, ଆପଣ ପେଣ୍ଟିକଷ୍ଟାଲରେ ଯୋଗ ଦେଇପାରନ୍ତି, ଆପଣ ଆଙ୍ଗଲିକାନରେ ଯୋଗ ଦେଇପାରନ୍ତି, କିନ୍ତୁ ଆପଣ ଏଥିରେ ଯୋଗ ଦେଇପାରନ୍ତି ନାହିଁ। ନା। ଆପଣଙ୍କୁ ତ ଏଥିରେ ପରିପୂର୍ଣ୍ଣ ହେବାକୁ ପଡିବ। ଏଥିରେ ଯୋଗ ଦିଅନ୍ତୁ ନାହିଁ; କେବଳ ଏଥିରେ ପରିପୂର୍ଣ୍ଣ ହୋଇଯାଆନ୍ତୁ। ତାହାହିଁ ସବୁ କିଛି ଅଟେ। ଏହା କେଉଁଥିରେ ପରିପୂର୍ଣ୍ଣ ଅଟେ? ଶକ୍ତିରେ ପରିପୂର୍ଣ୍ଣ, ଆତ୍ମାରେ ପରିପୂର୍ଣ୍ଣ, ଜୀବନରେ ପରିପୂର୍ଣ୍ଣ, ଆନନ୍ଦ, ଶାନ୍ତି, ଧୈର୍ଯ୍ୟ, ଭଦ୍ରତା, ଉତ୍ତମତା, ପବିତ୍ରଆତ୍ମାଙ୍କର ଶକ୍ତିରେ ଆପଣଙ୍କ ଜୀବନଟି ପରିପୂର୍ଣ୍ଣ ଅଟେ, କାରଣ ସେହି ଚିରସ୍ଥାୟୀ ଉପସ୍ଥିତି ସେଠାରେ ଅଛି। ମନେରଖନ୍ତୁ।

ମୋତେ ବନ୍ଦ କରିବାକୁ ପଡିବ କାରଣ ଏହା ବିଳମ୍ବ ହେଉଅଛି।

197 ମାତ୍ର, ମନେରଖନ୍ତୁ, ସେହି ଶୈଳ ସେମାନଙ୍କୁ କେବେ ବି ଛାଡି ନ ଥିଲା। ଏହା ସେମାନଙ୍କୁ କେବେ ବି ଛାଡି ନ ଥିଲା। ଏବଂ ଖ୍ରୀଷ୍ଟ ଆମକୁ କେବେ ବି ଛାଡିବେ ନାହିଁ; ଖ୍ରୀଷ୍ଟ କହିଲେ, "ମୁଁ ସର୍ବଦା ତୁମମାନଙ୍କ ସହିତରେ ରହିବି, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ରହିବି।" କଅଣ ତାହା ଠିକ୍ କି? ଏବଂ ସେହି ଶୈଳଟି ସେମାନଙ୍କ ସହିତରେ ଠିକ ହୋରେବଠାରୁ ନେଇ ନେବୋ ପର୍ଯ୍ୟନ୍ତ ରହିଥିଲା। ଏହା ରହିଥିଲା। ତଳେ ଯର୍ଦ୍ଦନ ପର୍ଯ୍ୟନ୍ତ, ଏହା ସେଠାରେ ସୁଦ୍ଧା ରହିଥିଲା। ହେ ପରମେଶ୍ୱର, ମୁଁ ଏହାକୁ ଯର୍ଦ୍ଦନଠାରେ ଦେଖିବାକୁ ଚାହେଁ!

198 ମୋଶା, ଯେତେବେଳେ ସେ ଯର୍ଦ୍ଦନ ପାଖରେ ରହିଥିଲେ, ସେହି ଶୈଳଟି ସେତେବେଳେ ତାଙ୍କ ସହିତରେ ସର୍ବତ୍ର ମାର୍ଗରେ ରହିଥିଲା। ଏବଂ ସେ ସେଠାରେ ଉପରେ ଛିଡ଼ା ହୋଇ, ତଳେ ଲୋକମାନଙ୍କର ଏକ—ଏକ ଗୋଷ୍ଠୀକୁ ଦେଖିଥିଲେ ଯେଉଁମାନେକି ପଶ୍ଚାତଗମନ କରିଥିଲେ ଏବଂ ପରମେଶ୍ୱରଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କର ହୃଦୟ ସେମାନଙ୍କ ପାଇଁ କ୍ରନ୍ଦନ କରୁଥିଲା। ଏବଂ ସେ ଯର୍ଦ୍ଦନ ଆରପାରିକୁ ଦେଖୁଥିଲେ। ସେଠାରେ ସେ ଯର୍ଦ୍ଦନଠାରେ ଥିଲେ। ଯର୍ଦ୍ଦନ, ଆତ୍ମିକ ଭାବେ, ମୁଁ କହୁଛି। ଏବଂ ସେଠାରେ ସେ ଛିଡା ହୋଇଥିଲେ, ମୃତ୍ୟୁ ତାଙ୍କ ସନ୍ନିକଟବର୍ତ୍ତି ହେଉଥିଲା। ମାତ୍ର ସେ ଅନାଇଲେ, ସେଠାରେ ତାଙ୍କ

ପାର୍ଶ୍ୱରେ ଶୋଇ ରହିଥିଲେ ଏବଂ ସେଠାରେ ସେହି ଶୈଳଟି ରହିଥିଲା । ସେ କେବଳ ସେହି ଶୈଳ ଉପରେ ପାଦ ଦେଲେ, ଏବଂ ସ୍ୱର୍ଗଦୂତମାନେ ଆସି, ତାଙ୍କୁ ଉଠାଇ ନେଇଗଲେ ।

199 "ମୁଁ ତୁମକୁ କେବେ ଛାଡିବି ନାହିଁ କିମ୍ବା ପରିତ୍ୟାଗ କରିବି ନାହିଁ ।" ଯାଏ ଆସେ ନାହିଁ ଯେ ସମୟ କେତେ କଷ୍ଟକର ହୁଏ, ଆମ କେତେ ବୃଦ୍ଧ ହୋଇଯାଉ, ଆମେ କେଉଁ ପ୍ରକାର ଏକ ମୃତ୍ୟୁରେ ମରୁ, ମନେରଖନ୍ତୁ, ସେହି ଶୈଳ ସେଠାରେ ଯର୍ଦ୍ଦନଠାରେ ରହିଥିବ । ଏହା କଦାପି ଛାଡିବ ନାହିଁ କିମ୍ବା ପରିତ୍ୟାଗ କରିବ ନାହିଁ । କେବଳ ତାହା ମନେରଖନ୍ତୁ । ସେହି ଶୈଳରୁ ନିର୍ଗତ ହେଉଥିବା ଜଳର ସର୍ବଦା-ଉପସ୍ଥିତି ସମଗ୍ର ଜୀବନ ସାରା ଆମ ସହିତରେ ରହିବ, ଏବଂ ଏପରିକି ଯର୍ଦ୍ଦନରେ ସୁଦ୍ଧା ରହିବ ।

200 ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା । [ଜଣେ ଭାଇ ନିଷ୍ଠାପରତାର ଏକ ସମ୍ବର୍ଧନା ଦିଅନ୍ତି—ସମ୍ପା ।]

201 ଯେତେବେଳେକି ସେହି ଆତ୍ମା ଆମ ମଧ୍ୟରେ ବିଚରଣ କରୁଅଛି, ପରମେଶ୍ୱରଙ୍କ ଆତ୍ମା ଆମ ମଧ୍ୟରେ ବିଚରଣ କରୁଅଛନ୍ତି, କଅଣ ଏଠାରେ ଆଜି ସକାଳେ ସେହି ଲୋକମାନେ ଅଛନ୍ତି କି ଯେଉଁମାନେକି ଖ୍ରୀଷ୍ଟଙ୍କୁ ଜାଣନ୍ତି ନାହିଁ, ଏବଂ ଆପଣ—ଆପଣ ସେହି ଶୈଳର ନିକଟବର୍ତ୍ତୀ ହୋଇ ନାହାଁନ୍ତି, ଆଜି ସକାଳେ ଏହା ସହିତ କଥା କହିବାର ସୁସମ୍ପର୍କରେ ନାହାଁନ୍ତି? ମାତ୍ର ଆପଣ ଜାଣନ୍ତି ଯେ ତାହା ଉପସ୍ଥିତ ଅଟେ । ଏହାକୁ ସବୁଆଡେ କାର୍ଯ୍ୟକାରୀ ହେଉଥିବାର ଦେଖନ୍ତି, ତାହାକୁ ସର୍ବତ୍ର ବିଚରଣ କରୁଥିବାର ଦେଖନ୍ତି, ଏହାକୁ ଲୋକମାନଙ୍କ ଉପରେ ବିଚରଣ କରୁଥିବାର ଦେଖନ୍ତି । ତାହା ଜଳର ସର୍ବଦା-ଉପସ୍ଥିତି ଅଟେ । ତାହା ପରିତ୍ରାଣ ଅଟେ । ତାହା ସେହି ଆତ୍ମା ଅଟେ ଯାହାକି ସେମାନଙ୍କର ପାତ୍ରକୁ ଏପରି ଏକ ସ୍ଥାନକୁ ଉଚ୍ଛୁଳି ପକାଏ ଯେ ଏପରିକି ସେମାନେ ଆଉ ନିଜର ନୀରବତାକୁ ରକ୍ଷା କରିପାରନ୍ତି ନାହିଁ, କିଛି ଗୋଟାଏ ବିଷୟକୁ ବାହାରକୁ ଆସିବାକୁ ଅଛି । ଏବଂ ଆପଣମାନେ ଯେଉଁମାନେକି ତାହାଙ୍କୁ ଜାଣନ୍ତି ନାହିଁ, କଅଣ ଆପଣ ନିଜର ହାତକୁ ଉଠାଇ ଏହା କହିବେ କି, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ । ମୁଁ ବର୍ତ୍ତମାନ ତାହାଙ୍କୁ ଜାଣିବାକୁ ଚାହେଁ । ଏବଂ ମୁଁ ତାହାଙ୍କ ସହିତ କଥାବାର୍ତ୍ତା କରିବାକୁ ଚାହେଁ, ଏବଂ ମୁଁ ତାହାଙ୍କୁ ତାଙ୍କର ଆତ୍ମାର ପରିପୂର୍ଣ୍ଣତା ଭାବରେ ଜାଣିବାକୁ ଚାହେଁ । ମୁଁ ଜାଣିବାକୁ ଚାହେଁ ଯେ ସେ ସର୍ବଦା ଠିକ ମୋ ପାର୍ଶ୍ୱରେ ରହିଛନ୍ତି । ମୁଁ ବିଶ୍ୱାସ କରେ ଯେ ସେ ଅଟନ୍ତି । କିନ୍ତୁ ମୁଁ କଥାବାର୍ତ୍ତା କରିବାର ସୁସମ୍ପର୍କରେ ରହିବାକୁ ଚାହେଁ । ଏବଂ ମୁଁ ତୃଷାର୍ତ୍ତ ଅଟେ, ଏବଂ ମୁଁ ପରମେଶ୍ୱରଙ୍କ ନିମନ୍ତେ କ୍ଷୁଧିତ ହେଉଅଛି । ମୁଁ ତାହାଙ୍କୁ ଆହୁରି ଭଲ ଭାବରେ ଜାଣିବାକୁ ଚାହେଁ"?

202 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ । ଏବଂ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ । ଆଉ ଆପଣଙ୍କୁ, ଭାଇ । ଆପଣ, ହଁ, ସବା ପଛରେ ଥିବା । ଏଠାରେ ତଳେ, ମହିଳାଜଣକ, ହଁ । ହଁ, ମହିଳା । ଆମେ ଆପଣଙ୍କର ହାତକୁ ଦେଖୁଅଛୁ, ଏବଂ ପରମେଶ୍ୱର ସେଗୁଡିକୁ ଦେଖୁଛନ୍ତି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଯୁବା

ଲୋକ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଏବଂ ଆପଣଙ୍କୁ, ହେ ମହିଳା । ଆମେନ୍ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭଉଣୀ, ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ବର୍ତ୍ତମାନ ଆଉ ଅନ୍ୟ ଜଣେ କେହି, ନିରବ ମୁହୂର୍ତ୍ତରେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ସେଠାରେ ପଛରେ, ଯୁବା ସାଥୀ ।

203 ଏହା ବିଷୟରେ ଚିନ୍ତା କରନ୍ତୁ । ଏହା ବିଷୟରେ ଚିନ୍ତା କରନ୍ତୁ, ସେହି ଶୈଳରୁ ନିର୍ଗତ ହେଉଥିବା ଜଳର ସର୍ବଦା-ଉପସ୍ଥିତି, ସେହି ସମାନ ଆତ୍ମା; ଯାହା ସେ ସେଦିନ ସେଠାରେ ତାହାଙ୍କର ବିଚାର ଦିନରେ ଚିତ୍କାର କରିଥିଲେ, ଯେତେବେଳେ ସେ ଆମର ବିଚାରକୁ ଗ୍ରହଣ କରି ନେଇଥିଲେ । ଏବଂ ପରମେଶ୍ୱରଙ୍କ କ୍ରୋଧର ଯଷ୍ଟି ତାହାଙ୍କୁ ଆଘାତ କରିଥିଲା, ଏବଂ ଆପଣଙ୍କର ପାପ ସେହି ଯଷ୍ଟିରେ ଗୁଡ଼ାଇ ହୋଇ ରହିଥିଲା, ଏବଂ ତାହାଙ୍କୁ ଆଘାତ କଲା, ଓ ତାହାଙ୍କଠାରୁ ତାଙ୍କର ରକ୍ତ ଓ ଜଳ ପ୍ରବାହିତ ହୋଇଥିଲା । ସେ କହିଲେ, "ହେ ପିତା, ମୁଁ ତୁମ୍ଭ ହସ୍ତରେ ମୋର ଆତ୍ମାକୁ ସମର୍ପଣ କରେ ।" ଏବଂ ସେହି ପେଣ୍ଟିକଷ୍ଟ ଦିନରେ, ଏହା ଆମ ସହିତରେ ସମଗ୍ର ଯାତ୍ରାରେ ଯିବା ପାଇଁ ବାହାରିଲା । ଏବଂ ଏହା ବର୍ତ୍ତମାନ ଅତି ନିକଟବର୍ତ୍ତି ଅଟେ ।

204 କଅଣ ଆପଣ ଏହା କହିବାକୁ ଚାହାଁନ୍ତି ନାହିଁ କି, "ମୁଁ ଘରଠାରୁ ବହୁତ ଦୂରକୁ ବାଟବଣା ହୋଇ ଚାଲି ଯାଇଛି, ହେ ପ୍ରଭୁ, ମୁଁ ଘରକୁ ଆସୁଅଛି"? ଯେତେବେଳେ ଆମେମାନେ ଏହି ଗୀତକୁ ଗାଇଥାଉ, ଯଦି ଆପଣମାନେ ଉପରେ ଯଜ୍ଞବେଦୀକୁ ଆସିବାକୁ ଚାହିଁବେ ଏବଂ ଖ୍ରୀଷ୍ଟଙ୍କ ନିକଟରେ, ନିଜ ପ୍ରାଣର, ମଧ୍ୟ, ଏକ ପୁନଃ ଉତ୍ସର୍ଗିକରଣକୁ କରିବାକୁ ଚାହିଁବେ କି? ଆମେନ୍ ।

ମୁଁ ପରମେଶ୍ୱରଙ୍କଠାରୁ ବହୁତ ଦୂରକୁ ବାଟବଣା ହୋଇ ଚାଲି
ଯାଇଛି, (ମାର୍ଗରୁ ଓହରି ଯାଇଛି ।)
ବର୍ତ୍ତମାନ ମୁଁ ଘରକୁ ଆସୁଛି;
ସେହି ପଥ (ଅବିଶ୍ୱାସର, ଆପଣ ଦେଖନ୍ତୁ ।) ମୁଁ ବହୁତ ସମୟ ଧରି
ଚାଲିଅଛି,
ହେ ପ୍ରଭୁ, ମୁଁ ଘରକୁ ଆସୁଛି ।

ଘରକୁ ଆସୁଛି, ଘରକୁ ଆସୁଛି,
ଆଉ ଅଧିକ କଦାପି ଘୁରି ବୁଲିବାକୁ ନୁହେଁ;
ତୁମ ପ୍ରେମର ବାହୁକୁ ବିସ୍ତାରିତ ଭାବରେ ଖୋଲ,
ବର୍ତ୍ତମାନ, ପ୍ରଭୁ, ମୁଁ ଘରକୁ ଆସୁଛି ।

205 [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ କରନ୍ତି *ପ୍ରଭୁ, ମୁଁ ଘରକୁ ଆସୁଛି*—ସମ୍ପା ।]

206 ତିନୋଟି ସାନ ପିଲାମାନେ ଠିକ୍ ଚାଲି କରି ବାହାରକୁ ଆସିଲେ, ପ୍ରକୃତରେ ଦ୍ରୁତ ଗତିରେ, ସେମାନଙ୍କ ଆଖିରେ ଲୁହ ଥାଇ, ବେଦୀର ପାଖରେ ଆଣ୍ଠୁମାଡି ବସି ପଡିଲେ ।

ଅବଶ୍ୟ, ସେମାନେ କ୍ଷମା କରାଯାଇଛନ୍ତି। ସେମାନେ ନିଜର ଆସନ ଛାଡିବା ପୂର୍ବରୁ ଯେତେବେଳେ ସେମାନଙ୍କର ଛୋଟ ମନଟି ପ୍ରସ୍ତୁତ ହୋଇଥିଲା, ସେମାନେ କ୍ଷମା କରାଯାଇଥିଲେ। ସେମାନେ କେବଳ ଆଗକୁ ଆସିଲେ ଓ ଏଠାରେ ଆଣ୍ଠୁମାଡି ତଳେ ବସି ପଡିଲେ, ଲୋକମାନଙ୍କୁ ଏହା ଜଣାଇବା ହେତୁ ଯେ, ଆଜି ସକାଳେ, ସେମାନେ କାହା ପକ୍ଷରେ ଅଟନ୍ତି।

207 ମୁଁ ଭାବୁଛି ଯେ ସେଠାରେ କୌଣସି ବୟସ୍କ ବ୍ୟକ୍ତି ଥିବେ ଯେଉଁମାନେକି ଏହା କରିବାକୁ ଚାହୁଁଥିବେ, କେବଳ ତଳେ ଆଣ୍ଠୁମାଡି ବସି, ଏହା କହିବାକୁ ଚାହୁଁଥିବେ, "ହେ ପ୍ରଭୁ, ମୁଁ—ମୁଁ ସେହି ପଥଠାରୁ ବହୁତ ଦୂରକୁ ବାଟ ବଣା ହୋଇଯାଇଛି। ମୋର ବହୁତ ଅଧିକ ସନ୍ଦେହ ରହିଥିଲା, ଏବଂ ବେଳେବେଳେ ମୁଁ ବାହାରି ଯାଇ ପାପ ମଧ୍ୟକୁ ଚାଲି ଯାଇଥିଲି। ବର୍ତ୍ତମାନ ବହୁତ ବିଳମ୍ବ ହେବା ପୂର୍ବରୁ ମୁଁ—ମୁଁ ଫେରି ଆସିବାକୁ ଚାହେଁ। ପରମେଶ୍ୱର, ମୁଁ—ମୁଁ ଆସିବାକୁ ଚାହେଁ। ମୁଁ ପ୍ରକୃତରେ ଆସି ଆଣ୍ଠୁମାଡି ବସିବାକୁ ଚାହେଁ।" ଆମେନ୍।

208 ବର୍ତ୍ତମାନ, ଆର୍ଥର୍ ବିମ୍‌ଙ୍କର ତିନୋଟି ସାନ ସାନ ଝିଅ, ପ୍ରାୟଃ ସମାନ ଆକାରରେ, ସେମାନେ ଏଠାରେ ଉପରକୁ ଆସି, ଆଣ୍ଠୁମାଡି ପଡିଲେ।

209 ଗୋଟିଏ ସାନ ଝିଅ ଆଗକୁ ଆସୁଅଛି ଯିଏକି ଅଳ୍ପ କିଛି ଦିନ ପୂର୍ବରୁ ତାର ଘରେ ଏକ ଛୋଟ ନୂଆ ଭାଇକୁ ପାଇଅଛି। ଅନ୍ୟ ଦିନ ମୁଁ ଠିକ ବସିଥିଲି; ଶ୍ରୀମତୀ ଉଡ୍ ଆସି ମୋତେ କହିଲେ, କହିଲେ ଯେ ଏହି ଭଉଣୀ ଏକ ସନ୍ତାନ ପ୍ରସବ ପାଇଁ ଡାକ୍ତରଖାନା ଯାଉଛନ୍ତି। ପବିତ୍ରଆତ୍ମା କହିଲେ, "ଯାଅ ସେମାନଙ୍କୁ କହିଦିଅ ଯେ ଏହା ଏକ ବାଳକ ହେବ।" ଯେତେବେଳେ ଏହା ଜନ୍ମ ହେଲା, ଏହା ଏକ ଛୋଟ ବାଳକଟିଏ ଥିଲା।

210 ଏପରି ଜଣା ପଡେ ଆଜି ସକାଳେ ସାନ ପିଲାମାନେ ଆସୁଛନ୍ତି, ଭଉଣୀ ଆର୍ନୋଲ୍ଡଙ୍କ ଛୋଟ ଶ୍ରେଣୀରୁ ସାନ ସାନ ପିଲାମାନେ ବାହାରି ଆସି, ସେମାନଙ୍କର ଜୀବନକୁ ଉତ୍ସର୍ଗ କରୁଛନ୍ତି। ମୋର ଡାହାଣ ପଟେ, ସମଗ୍ର ଯଜ୍ଞବେଦୀଟି, ସାନ ପିଲାମାନଙ୍କରେ ପରିପୂର୍ଣ୍ଣ ଅଟେ।

211 ଏହା ଉତ୍ତମ ହେବ ଯଦି ଆମେ ଅବଶିଷ୍ଟ ଅନ୍ୟ ଲୋକମାନଙ୍କ ପାଇଁ, ବୟସ୍କମାନଙ୍କ ପାଇଁ, ଯଜ୍ଞବେଦୀ ପ୍ରତି, ଏକ ଭଜନ ଗାନ କରିବା।

ବର୍ତ୍ତମାନ, ପ୍ରଭୁ, ମୁଁ ଘରକୁ ଆସୁଛି।

ଘରକୁ ଆସୁଛି...(...?...)

ଆଉ ଅଧିକ କଦାପି ଘୁରି ବୁଲିବାକୁ ନୁହେଁ;
ନିଜ ପ୍ରେମର ବାହୁକୁ ବିସ୍ତାରିତ ଭାବରେ ଖୋଲ,
ବର୍ତ୍ତମାନ, ପ୍ରଭୁ, ମୁଁ ଘରକୁ ଆସୁଛି।

212 ଆସନ୍ତୁ, ଏହି ଛୋଟ ସାଙ୍ଗମାନଙ୍କ ପାଇଁ ପ୍ରାର୍ଥନା ନିମନ୍ତେ, ଗୋଟିଏ କ୍ଷଣ ନିଜର ମସ୍ତକଗୁଡିକୁ ନତ କରିବା।

213 ସ୍ୱର୍ଗୀୟ ପିତା, ଯଦି ଏକ ଆସନ୍ତାକାଲି ଆସୁଛି, ଯଦି ଯୀଶୁ ଆଉ ଦଶ କିମ୍ବା ପନ୍ଦର ବର୍ଷ ବିଳମ୍ବ କରିବେ, ଏହି ପୁଅ ଏବଂ ଝିଅମାନେ ହିଁ ହେବେ ଯେଉଁମାନେକି ଏହି ବାର୍ତ୍ତାକୁ ଆଗାମୀ ପିଢୀ ନିମନ୍ତେ ନେଇ କରି ଯିବେ। ମୋର ମନରେ କୌଣସି ସନ୍ଦେହ ନାହିଁ ଯେ, ହେ ପ୍ରଭୁ, ମାତ୍ର ସେମାନଙ୍କ ଜୀବନର ସମସ୍ତ ଦିନ ସେମାନେ ଏହି ବେଦୀ ନିକଟକୁ ଆସିବାଟା ମନେ ରଖିଥିବେ। ଏବଂ ପ୍ରଭୁ, ସେମାନେ ଛୋଟ ଛୋଟ ଅଳଙ୍କାରମାନ ଅଟନ୍ତି। ଆଜି ସକାଳେ ସେମାନଙ୍କର ଯୁବା ଏବଂ କୋମଳ ଛୋଟ ହୃଦୟଗୁଡିକ ଦୋଷୀ କରାଯାଇଅଛି। ଏପରିକି ସମ୍ପୂର୍ଣ୍ଣ ବାର୍ତ୍ତା ସୁଦ୍ଧା ଶୁଣି ନାହାଁନ୍ତି; କେବଳ ଆମ ଭଉଣୀ ଆର୍ନୋଲ୍ଡଙ୍କ କଥା ଶୁଣି, ସେହି କକ୍ଷରୁ ବାହାରି ଆସିଲେ; ସେମାନଙ୍କର ଛୋଟ ଜୀବନଗୁଡିକୁ ତୁମକୁ ପ୍ରଦାନ କରି, ଏଠାରେ ବେଦୀର ଚାରିପାଖରେ ଆସିଗଲେ।

214 ତେବେ, ପିତା, ମୁଁ ବର୍ତ୍ତମାନ ହିଁ କହି ସାରିଅଛି ଯେ ଆମ ଭିତରେ ପବିତ୍ରଆତ୍ମା ବାସ କରନ୍ତି। ଏବଂ ଏହି ପବିତ୍ରଆତ୍ମା, ଏହି ଆତ୍ମାଙ୍କର ସହିତ ବିଶ୍ୱାସ, ସମସ୍ତ କାର୍ଯ୍ୟକୁ ସାଧନ କରନ୍ତି। ଏବଂ ମୁଁ ବିଶ୍ୱାସ କରେ ଯେ ଠିକ ଏହି ଘଟିକାରେ, ସେମାନେ କରିଥିବା ସମସ୍ତ ପାପକୁ ତୁମେ କ୍ଷମା କରି ଦିଅ। ଏବଂ ମୋ ହୃଦୟରେ ଥିବା ସମସ୍ତ ବିଶ୍ୱାସ ସହିତ, ମୁଁ ତୁମଠାରେ ବିନତି କରୁଅଛି, ଯେ ତୁମେ ମାର୍ଗରେ ସେମାନଙ୍କର ଛୋଟ ଜୀବନଗୁଡିକୁ ସମ୍ଭାଳି ରଖିବ। ଏହା ହେଉ ଯେ ସେମାନେ କେବେ ବି ସେହି ମାର୍ଗରୁ ବିଚ୍ୟୁତ ନ ହୁଅନ୍ତୁ।

215 ଏହା ବାସ୍ତବରେ ଏକ ଅଦ୍ଭୁତ ବିଷୟ ଅଟେ। ସେହି ଆତ୍ମା ଆଜି ସକାଳେ କହିଥିଲେ, ଆମେମାନେ "କିଛି ଅଦ୍ଭୁତ ବିଷୟ ଦେଖିବା।" ହେ ପରମେଶ୍ୱର, ଯଦି ତୁମେ ଅନ୍ୟମାନଙ୍କ ସହିତ ବ୍ୟବହାର କରିବା ବନ୍ଦ କରିଦେଇଛ, ତେବେ ଏହି ସାନ ପିଲାମାନଙ୍କୁ ନିଅ। କିପରି ଆଜି ସକାଳେ, ବେଦୀର ଡାକରାରେ, ଜଣେ ହେଲେ ବୟସ୍କ ବ୍ୟକ୍ତି ନାହାଁନ୍ତି, ମାତ୍ର ଛୋଟ ପିଲାମାନଙ୍କର ସମଗ୍ର ଗୋଷ୍ଠୀ ଉପରକୁ ଆସିଅଛି। ତଥାପି, ଏହା କଠିନ ବୁଝାମଣାର ଏକ ମହତ୍ ବାର୍ତ୍ତା ଥିଲା, ଏପରିକି ବୟସ୍କମାନଙ୍କ ପାଇଁ ସୁଦ୍ଧା ଥିଲା, ମାତ୍ର ସାନ ପିଲାମାନେ ଏହାର ଆତ୍ମାକୁ ଧରି ନେଲେ। ପିତା, ଆମେ ସେମାନଙ୍କ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ। ତୁମର ସେବକ ଭାବରେ, ମୁଁ ସେମାନଙ୍କୁ ତୁମ ଠାରେ, ଏହି ସଭାର ଉପହାର ସ୍ୱରୂପେ ଦେଉଅଛି; ଏହା ମନେ ରଖିବା ହେତୁ, ଯେ ଜୀବନର ଜଳର ସର୍ବଦା-ଉପସ୍ଥିତି ସେମାନଙ୍କ ସହିତରେ ପ୍ରବାହିତ ହେବ ଯେପର୍ଯ୍ୟନ୍ତ ସେମାନେ ଜୀବିତ ରୁହନ୍ତି। ଏହା ହେଉ ଯେ ବର୍ତ୍ତମାନ ସେମାନଙ୍କର ତାହା ଉପରେ ବିଶ୍ୱାସ ହେଉ ଯାହା ଘଟୁଅଛି, ଯେ ପରମେଶ୍ୱର ଯିଏକି ସେମାନଙ୍କୁ ସେହି ଆସନରୁ ଟାଣି ଆଣି ସେମାନଙ୍କୁ ଏଠାକୁ ପ୍ରେରଣ କରିଥିଲେ, ଏପରି ହେଉ ଯେ ସେମାନେ ସେହି ପରମେଶ୍ୱରଙ୍କ ଉପରେ ସେମାନଙ୍କର ସମଗ୍ର ଜୀବନ ବିଶ୍ୱାସ କରନ୍ତୁ। ଏପରି ହେଉ ଯେ ସେମାନଙ୍କର ଛୋଟ ଆତ୍ମାଗୁଡିକ ସେମାନଙ୍କ ମୃତ୍ୟୁର ଦିନରେ

ତୁମ ନିକଟକୁ ଅଣା ଯାଆନ୍ତୁ; ପୁନରୁତ୍ଥାନ ଦିନରେ ସେମାନଙ୍କ ଶରୀର ନିକଟକୁ ଫେରାଇ ନିଆଯାଆନ୍ତୁ। ସେମାନେ ତୁମର ଅଟନ୍ତି, ପିତା। ଆମେ ସେମାନଙ୍କୁ ଯୀଶୁଙ୍କ ନାମରେ ତୁମଠାରେ ଦେଉଅଛୁ।

216 ଯେତେବେଳେ ଆମେମାନେ ନିଜର ମସ୍ତକ ନତ କରିଅଛୁ। ଯଜ୍ଞବେଦୀରେ ଥିବା ଏହି ସମସ୍ତ ଛୋଟ ପିଲାମାନଙ୍କୁ ମୁଁ ପଚାରିବାକୁ ଯାଉଅଛି, ଯେଉଁମାନେକି ଏହା ବିଶ୍ୱାସ କରନ୍ତି ଯେ ଯୀଶୁ ତୁମର ତ୍ରାଣକର୍ତ୍ତା ଅଟନ୍ତି ଏବଂ ସେହି ଜଣକ ଅଟନ୍ତି ଯିଏକି ତୁମକୁ ସେଠାରେ ପଛରେ, ଦର୍ଶକବୃନ୍ଦଙ୍କ ଭିତରେ କହିଥିଲେ, ଯେ ଏଠାରେ ଉପରକୁ ଆସ ଓ ଏହି ଯଜ୍ଞବେଦୀର ଚାରିପାଖରେ ଆଣ୍ଠୁମାଡି ବସ। କଅଣ ତୁମେମାନେ ବିଶ୍ୱାସ କରୁଅଛ ଯେ ଯୀଶୁ ତୁମକୁ ପ୍ରେମ କରନ୍ତି ଓ ତୁମର ପାପ କ୍ଷମା କରନ୍ତି? ମୁଁ ଚାହେଁ ଯେ ତୁମେମାନେ ସମସ୍ତେ ନିଜ ଗୋଡରେ ଛିଡା ହୁଅ ଏବଂ ଦର୍ଶକବୃନ୍ଦଙ୍କ ଆଡକୁ ପଛକୁ ଅନାଅ। ଏହା, ତାହାହିଁ ସେହି ଉପାୟ ଅଟେ ଯେ ଆପଣ ଯାହାଦ୍ୱାରା ଲୋକମାନଙ୍କୁ ଏହା କହିପାରନ୍ତି ଯେ ଆପଣ ବିଶ୍ୱାସ କରନ୍ତି ଯେ ଯୀଶୁ ଆପଣଙ୍କୁ ଉଦ୍ଧାର କରିଥିଲେ। ତେବେ ନିଜ ଗୋଡ଼ରେ ଛିଡା ହୁଅ, ତାହା ଠିକ୍, ଏବଂ ଠିକ ପଛକୁ ଦର୍ଶକବୃନ୍ଦଙ୍କ ଆଡକୁ ଅନାଅ। ଏବଂ ତୁମେ ସମସ୍ତେ ସାନ ପୁଅ ଓ ଝିଅମାନେ ଯେଉଁମାନେକି ଯୀଶୁଙ୍କୁ ପ୍ରେମ କର, ଛିଡା ହୁଅ ଏବଂ ସେଠାରେ ପଛରେ ଥିବା ମଣ୍ଡଳୀ ଆଡକୁ ଅନାଅ, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ।

217 ସମ୍ମୁଖରେ ଥିବା ତୁମେ ସାନ ଝିଅମାନେ ତୁମମାନଙ୍କ ବିଷୟରେ କଅଣ? କଅଣ ତୁମେମାନେ ବିଶ୍ୱାସ କର? କଅଣ ତୁମେମାନେ ଯୀଶୁଙ୍କୁ ପ୍ରେମ କର? ଏଠାରେ ଥିବା ଏହି ସାନ ଝିଅମାନେ, କଅଣ ତୁମେମାନେ ଆପଣା ସମସ୍ତ ହୃଦୟ ସହିତ ଯୀଶୁଙ୍କୁ ପ୍ରେମ କର କି? କଅଣ ତୁମେମାନେ କର କି? କଅଣ ତୁମେମାନେ ତାହାଙ୍କୁ ପ୍ରେମ କର? ପ୍ରିୟ, କଅଣ ତୁମେମାନେ ତାହାଙ୍କୁ ଭଲ ପାଅ? ଏଠାରେ ଛିଡା ହୁଅ, ଲୋକମାନଙ୍କୁ ଜାଣନ୍ତୁ ଯେ ତୁମେମାନେ ଯୀଶୁଙ୍କୁ ପ୍ରେମ କର। ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ।

218 ତେବେ ଆସନ୍ତୁ ଏହି ପଟକୁ ବୁଲି ପଡିବା ଏବଂ ଯିବା ପୂର୍ବରୁ ଏହି ଲୋକମାନଙ୍କ ପାଇଁ ଗୀତ ଗାଇବା, "ଯୀଶୁ ମୋତେ ପ୍ରେମ କରନ୍ତି! ମୁଁ ଏହା ଜାଣେ, ବାଇବଲ ମୋତେ ତାହା ବ୍ୟକ୍ତ କରେ।" ବୁଝିଲେ? ବର୍ତ୍ତମାନ ଆସନ୍ତୁ ଆମେମାନେ ନିଜର ହାତଗୁଡିକୁ ଉପରକୁ ଉଠାଇବା ଯେତେବେଳେ ଆମେମାନେ ଏହାକୁ ଗାଉ। ଠିକ ଅଛି, ଆସନ୍ତୁ ଏହାକୁ ଗାଇବା।

ଯୀଶୁ ମୋତେ ପ୍ରେମ କରନ୍ତି! ଏହା ମୁଁ ଜାଣେ,
କାରଣ ବାଇବଲ ମୋତେ ତାହା ବ୍ୟକ୍ତ କରେ;
ଛୋଟ ପିଲାମାନେ ତାହାଙ୍କର ଅଟନ୍ତି,
ସେମାନେ ଦୁର୍ବଳ...

219 ବର୍ତ୍ତମାନ ନିଜର ହାତ ଉପରକୁ କରନ୍ତୁ...?...ଆମେମାନେ ସମସ୍ତେ ଏକାଠି ମିଶି:

ହଁ, ଯୀଶୁ ମୋତେ ପ୍ରେମ କରନ୍ତି,

ହଁ, ଯୀଶୁ ମୋତେ ପ୍ରେମ କରନ୍ତି,
ହଁ, ଯୀଶୁ ମୋତେ ପ୍ରେମ କରନ୍ତି,
ବାଇବଲ ମୋତେ ତାହା ବ୍ୟକ୍ତ କରେ ।

220 ବର୍ତ୍ତମାନ ଆପଣମାନେ ସମସ୍ତେ ମୋ ପଛରେ ପୁନରାବୃତ୍ତି କରନ୍ତୁ: ମୁଁ ବିଶ୍ୱାସ କରେ ଯେ ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ପରମେଶ୍ୱରଙ୍କ ପୁତ୍ର । ଆଜି ମୁଁ ତାହାଙ୍କୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ । ତେବେ, ଏହି ଦିନ ପରଠାରୁ, ମୁଁ ତାହାଙ୍କୁ ପ୍ରେମ କରିବି ଏବଂ ତାହାଙ୍କର ସେବା କରିବି । ଆମେନ୍ ।

221 [ଭାଇ ବେନ୍ ବ୍ରାଏଣ୍ଟ କୁହନ୍ତି, "ଭାଇ ବ୍ରାନ୍‌ହାମ୍, ଏହି ସମୟରେ ମୁଁ ମୋ ହୃଦୟରେ ଚାରୋଟି ପିଲାଙ୍କୁ ରଖିଅଛି । କଅଣ ଆପଣ ଦୟାକରି ସେମାନଙ୍କ ପାଇଁ ପ୍ରାର୍ଥନା କରିବେ କି?"—ସମ୍ପା ।] ନିଶ୍ଚିତରେ, ଭାଇ ବେନ୍ ।

222 ସ୍ୱର୍ଗୀୟ ପିତା, ଏହି ବ୍ୟକ୍ତି ଦେଖୁଛନ୍ତି ଯେ ଅନ୍ୟ ସାନ ପିଲାମାନେ ଖ୍ରୀଷ୍ଟଙ୍କ ନିକଟକୁ ଆସୁଛନ୍ତି, ଏବଂ ସେ ଜଣେ ପିତା ଭାବରେ, ନିଜର ସେହି ସାନ ପିଲାମାନଙ୍କ ପାଇଁ, ଚିତ୍କାର କରନ୍ତି । ଏବଂ ସେହି ଆତ୍ମା ଯିଏକି ଏହି ସାନ ପିଲାମାନଙ୍କୁ ଯଜ୍ଞବେଦୀ ନିକଟକୁ ଆଣିଥିଲେ, ଏହା ହେଉ ଯେ ସେହି ସମାନ ଆତ୍ମା ତାଙ୍କ ସନ୍ତାନମାନଙ୍କର ଉଦ୍ଧାର କରନ୍ତୁ, ପ୍ରଭୁ । ଏହାକୁ ପ୍ରଦାନ କର । ପିତା, ଆମେ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମଠାରେ ଦେଉଅଛୁ ।

223 ବର୍ତ୍ତମାନ ଯେତେବେଳେ ତୁମେ ସାନ ସାଙ୍ଗମାନେ ନିଜର ଆସନକୁ ଫେରିଯାଅ, ମୁଁ ଚାହେଁ ଯେ ସେହି ଧାଡିରେ ଥିବା ସମସ୍ତେ ଏହି ଛୋଟ ପିଲାମାନଙ୍କ ସହିତ ହାତ ମିଶାନ୍ତୁ, କିମ୍ବା ସେମାନେ ଫେରିଯିବାବେଳେ ସେମାନଙ୍କୁ ପିଠିରେ ଥପ୍ ଥପାଇ ଦିଅନ୍ତୁ । ତୁମେମାନେ ସମସ୍ତେ ଏହି ପଟରୁ, ନିଜ ନିଜର ଆସନକୁ ଫେରିଯାଅ । ଏବଂ ସେଠାରେ ଥିବା ସମସ୍ତେ ସେହି ସାନ ସାଙ୍ଗମାନଙ୍କୁ କେବଳ ପିଠିରେ ଥପ୍ ଥପାଇ ଦିଅନ୍ତୁ । ଏବଂ ଆମେ ତୁମମାନଙ୍କୁ ଆମର ସମସ୍ତ ହୃଦୟ ସହିତରେ ପ୍ରେମ କରୁ । ତୁମେମାନେ ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟ ଅଟ, ଏହା ଭିତରେ ଠିକ ସେତିକି ଅଟ ଯେତିକି ଆମ ସମସ୍ତେ ଅଟୁ ।

ଆମେ ସିୟୋନକୁ ଯାଉଅଛୁ,
ସୁନ୍ଦର, ସୁନ୍ଦର ସିୟୋନ;
ଆମେ ସିୟୋନକୁ ଉପରକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗର ।

ଆସନ୍ତୁ, ଆମେମାନେ ଯେଉଁମାନେକି ପ୍ରଭୁଙ୍କୁ ପ୍ରେମ କରୁ,
ଏବଂ ଆମର ଆନନ୍ଦଗୁଡିକ ଜଣାଯାଉ,
ସୁମଧୁର ସଂଗୀତ ସହ ସେହି ଗୀତରେ ଯୋଗ ଦିଅନ୍ତୁ,
ସୁମଧୁର ସଂଗୀତ ସହ ସେହି ଗୀତରେ ଯୋଗ ଦିଅନ୍ତୁ,
ଏବଂ ତଦ୍ରୂପେ ସିଂହାସନକୁ ଘେରି ରୁହନ୍ତୁ,

ଏବଂ ତଦ୍ରୂପେ ଘେରି ରୁହନ୍ତୁ...

ତାହା ଶକ୍ତିଶାଳୀ ଉତ୍ତମ ଗୀତଗାନ ଅଟେ! ଆସନ୍ତୁ ବର୍ତ୍ତମାନ ନିଜର ହାତ ଉଠାଇବା ।

ଆମେ ସିୟୋନକୁ ଯାଉଅଛୁ,
ସୁନ୍ଦର, ସୁନ୍ଦର ସିୟୋନ;
ଆମେ ସିୟୋନକୁ ଉପରକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗର ।

ଆସନ୍ତୁ ଆମେମାନେ ପରସ୍ପର ଜଣେ ଅନ୍ୟ ସହିତ ହାତ ମିଶାଇବା ଯେତେବେଳେକି ଆମେମାନେ ବର୍ତ୍ତମାନ ଗୀତ ଗାଉଥାଉ ।

ଆମେ ସିୟୋନକୁ ଯାଉଅଛୁ,
ସୁନ୍ଦର, ସୁନ୍ଦର ସିୟୋନ;
ଆମେ ସିୟୋନକୁ ଉପରକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗର ।

224 ତେବେ ଆସନ୍ତୁ ଆମେମାନେ ନିଜର ମସ୍ତକ ନତ କରି ଛିଡା ହେବା, ଯେତେବେଳେକି ଆମେ...ଭାଇ ଟେଡି ଏହାକୁ ବଜାନ୍ତୁ, କେବଳ ଏକ...

225 ମୋ ପାଖରେ ଏଠାରେ କିଛି ଅନୁରୋଧଗୁଡିକ ଅଛି, ଏବଂ ରୁମାଲମାନ ଇତ୍ୟାଦି ଅଛି । ହୋଇପାରେ ସେଗୁଡିକ ବିଦେଶରୁ ଆସିଥିବ । ବିଲି ମୋତେ କହୁଥିଲା ଯେ ସେମାନଙ୍କ ପାଖରେ ଇଂଲାଣ୍ଡରୁ ଜଣେ ସାନ ଶିଶୁର ହଳେ ଛୋଟ ବସ୍ତ୍ରଟିଏ ଅଛି, ପ୍ରାୟଃ ସେତିକି ଲମ୍ବା, ସେହି ସାନ ଶିଶୁଟି ସର୍ବତ୍ର ଅପଙ୍ଗ ଅଟେ । ଏବଂ ଆମକୁ ତାହାପାଇଁ ମଧ୍ୟ, ପ୍ରାର୍ଥନା କରିବାକୁ ଥିଲା ।

226 ଏବଂ ତେଣୁ...[ଭାଇ ବେନ୍ ବ୍ରାଏଣ୍ଟ କୁହନ୍ତି, "ଭାଇ ବ୍ରାନହାମ୍, ଦୟାକରି ମୋତେ କ୍ଷମା କରନ୍ତୁ ଯେ ମୁଁ ମଝିରେ କହୁଅଛି, କିନ୍ତୁ ପ୍ରାର୍ଥନା କରନ୍ତୁ ଯେ, ଗତ ରାତିରେ କିଏ ଆମ କାରକୁ, ମୋର ସମ୍ମୁଖସ୍ଥ ଡାହାଣ ଅବରୋଧକରେ ଧକ୍କା ଦେଇଥିଲା, ପ୍ରାର୍ଥନା କରନ୍ତୁ ଯେ ତାହା ଯେପରି ଜଣା ପଡ଼ିବ । ପ୍ରାର୍ଥନା କରନ୍ତୁ ଯେପରି ପ୍ରଭୁ ତାହା ପ୍ରକାଶ କରନ୍ତି"—ସମ୍ପା ।] ଆମେନ୍, ଭାଇ ବେନ୍, ମୁଁ ନିଶ୍ଚିତରେ ତାହା କରିବି । [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ କରନ୍ତି *ଆମେ ସିୟୋନକୁ ଯାଉଅଛୁ* ।]

227 ପ୍ରଭୁ, ଯେତେବେଳେକି ଆମେମାନେ ଯାଉଥାଉ, ଆମେମାନେ ଜାଣୁ ଯେ ସେହି ପ୍ରହାରିତ ଶୈଳଟି ଠିକ ଆମ ସହିତରେ ରହିଛନ୍ତି, ସେହି ଶୈଳରୁ ନିର୍ଗତ ହେଉଥିବା ଜଳର ସର୍ବଦା-ଉପସ୍ଥିତି ମଣ୍ଡଳୀ ସହିତରେ ଚାଲିଥାଏ । ହେ ଅନନ୍ତ ପରମେଶ୍ୱର, ଆଜି ସକାଳେ, ଆମ ସହିତରେ ଥିବା ଏହି ପରମେଶ୍ୱରଙ୍କଠାରେ ବିଶ୍ୱାସକୁ, ଆମ ପ୍ରତି ଢାଳି ଦିଅ । ମୁଁ ଜାଣେ ଯେ ତୁମେ କରିବ, ଠିକ ଯେପରିକି ଆମେ ତୁମଠାରେ ଅନୁଗ୍ରହ ପାଇପାରୁ, ଯଦ୍ଦ୍ୱାରା ଏହା ସହିତରେ ତୁମେ ଆମକୁ ବିଶ୍ୱାସ କରିପାର । ଯଦି ତୁମେ ଏହାକୁ ପ୍ରଚୁର ପରିମାଣରେ ଆମକୁ

ଦିଅ, ତେବେ ହୋଇପାରେ ଯେ ପ୍ରଭୁ, ଆମେ ଏହାର ଅପବ୍ୟବହାର କରିବୁ । ମାତ୍ର ଯଦି ଆମେ ତୁମଠାରେ ଅନୁଗ୍ରହ ପାଇଥାଉ, ତେବେ ଏହାକୁ ହେବାକୁ ଦିଅ ।

228 ଆମ ଭାଇ ଜଣାଇଲେ ଯେ କେହି ଜଣେ ତାଙ୍କ କାରକୁ ଧକ୍କା ଦେଇଛନ୍ତି । ହେ ପରମେଶ୍ୱର, ଆମେ ଜାଣୁ ଯେ ଏହି ବ୍ୟକ୍ତିଙ୍କ ପାଖରେ ଏହି କାର୍ଯ୍ୟସବୁକୁ କରିବା ପାଇଁ ଟଙ୍କା ନାହିଁ । ମୁଁ ପ୍ରାର୍ଥନା କରେ ଯେ ତୁମେ ସେହି ବ୍ୟକ୍ତିଙ୍କୁ ଦୋଷୀ ଅନ୍ତଃକରଣ, କିମ୍ବା ସେହିପରି କିଛି ତଳେ ନେଇ ଆସିବ, ଯେ ସେ ଏହା କରିଥିବାରୁ ଅନୁତାପ କରନ୍ତି, ଆସି, କୁହନ୍ତି, "ଭାଇ, ମୁଁ ତୁମର କାର ସଜାଡି ଦେବି, ମୁଁ ଏହା କରିଥିଲି ।" ଭାଇ ବେନ୍ ଏବଂ ତାଙ୍କ ପ୍ରିୟ ଜନମାନଙ୍କୁ ସାହାଯ୍ୟ କର ।

229 ଏଠାରେ ମୋ ହାତରେ ରୁମାଲମାନ ଏବଂ ଅନୁରୋଧଗୁଡିକ ରହିଅଛି, ସେହି ପରମେଶ୍ୱରଙ୍କ ଉପରେ ବିଶ୍ୱାସ ଅଛି । ମୋଶାଙ୍କର ସେହି ପରମେଶ୍ୱରଙ୍କ ଉପରେ ବିଶ୍ୱାସ ଥିଲା, ଏବଂ ସେ ସମୁଦ୍ର ପାର ହୋଇଥିଲେ । ଦାନିୟେଲଙ୍କର ସେହି ପରମେଶ୍ୱରଙ୍କ ଉପରେ ବିଶ୍ୱାସ ଥିଲା, ଏବଂ ସିଂହ ଗର୍ତ୍ତରୁ ବାହାରକୁ ଅଣା ଯାଇଥିଲେ । ଶଦ୍ରକ, ମେଶକ୍, ଏବଂ ଆବେଦ୍ନେଗୋର, ତାହାଙ୍କ ଉପରେ ବିଶ୍ୱାସ ଥିଲା, ଏବଂ ତାହା ନିଆଁକୁ ଲିଭାଇ ଦେଇଥିଲା ।

230 ପାଉଲଙ୍କର ତାହାଙ୍କ ଉପରେ ବିଶ୍ୱାସ ଥିଲା, ଏବଂ ଦିନେ ଯେତେବେଳେ ସେବାଗୁଡିକ କଠିନ ହେଉଥିଲା ଆଉ ପାଉଲ ସମସ୍ତଙ୍କ ନିକଟକୁ ପହଞ୍ଚି ପାରୁ ନ ଥିଲେ, ସେ କେବଳ ଗୋଟିଏ ରୁମାଲକୁ ନେଲେ, ସେ କହିଲେ, "ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ମୋ ସହିତରେ ଅଛନ୍ତି ।" ସେ ରୁମାଲ ଏବଂ ଅଙ୍ଗରଖାଗୁଡିକ ଉପରେ ନିଜ ହାତକୁ ରଖିଲେ, ଏବଂ ମନ୍ଦ ଆତ୍ମାଗୁଡିକ ଲୋକମାନଙ୍କଠାରୁ ବାହାରି ଗଲା, ଏବଂ ଅସୁସ୍ଥତା ଓ ରୋଗଗୁଡିକ ସେମାନଙ୍କଠାରୁ ଦୂରେଇ ଗଲା । ହେ ପରମେଶ୍ୱର, ମୁଁ ସେହି ସମାନ ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖିଛି । ଏହା ହେଉ ଯେ ସେହି ମନ୍ଦ ବିଶଯ ଚାଲିଯାଉ । ଅସୁସ୍ଥତା, ରୋଗ, ଏବଂ ଦୁଃଖ, ପ୍ରଭୁ, ଏହା ହେଉ ଯେ ତାହା ଚାଲିଯାଉ ।

231 ତୁମେ ତ ସେହି ସମାନ ପରମେଶ୍ୱର ଅଟ ଯିଏକି ତଳେ ସେଠାରେ ନଦୀ କୂଳରେ, ସେହି ଅଗ୍ନିସ୍ତମ୍ଭ ଦେଇ ମୋ ସହିତ କଥା ହୋଇଥିଲ । ତୁମେ ହିଁ ତ ସେହି ଜଣକା ଅଟ ଯାହାର ଫଟୋଚିତ୍ର ମୋ ସହିତ, ସେହି କାନ୍ଥରେ ଝୁଲୁଅଛି । ପ୍ରଭୁ, ତୁମେ ଆମ ସହିତରେ ଅଛ । ତୁମେ ସର୍ବଦା-ଉପସ୍ଥିତ, ସେହି ସମାନ ଅଗ୍ନିସ୍ତମ୍ଭ ଅଟ । ଏବଂ ଆମେ ପ୍ରତ୍ୟେକ ଦିନ ସେହି ଶୈଳରୁ ଜଳକୁ ଉପଭୋଗ କରିଅଛୁ, ଯେତେବେଳେକି ଆମେ ଆତ୍ମାରେ ଯୋଗ କରିଥାଉ । ତାହାପରେ, ତୁମେ ଏଠାରେ ଅଛ । ହେ ପ୍ରଭୁ, ଆମର ତୁମ ଉପରେ ଭରସା ଅଛି । ଆମର ତୁମ ଉପରେ ବିଶ୍ୱାସ ଅଛି । ଆମେ ବିଶ୍ୱାସ କରୁ ଯେ ତୁମେ ଆମକୁ ଅଭିଷେକ କରିବ ଏବଂ ଆମକୁ ସାହାଯ୍ୟ କରିବ । ପ୍ରଭୁ, ଆମମାନଙ୍କ ଗୌରବ ପାଇଁ ନୁହେଁ; ତାହାହେଲେ ତ ଆମେ ମୋଶା ପରି ହୋଇଯିବୁ, ଯେତେବେଳେ ସେ ସେହି ଭୁଲ୍ କାର୍ଯ୍ୟକୁ କରିଥିଲେ । ହେ ପ୍ରଭୁ, ଆମେମାନେ ତ ତୁମକୁ ସାହାଯ୍ୟ କରିବା ପାଇଁ କିଛି କରିବାକୁ ଚାହୁଁ । ତାହାହିଁ ଆମର ହୃଦୟର

ଉଦ୍ଦେଶ୍ୟ ଅଟେ, ଯେ ତୁମକୁ ସାହାଯ୍ୟ କରୁ, ଯଦି ଆମେ ଏହା କରିପାରୁ । ତୁମେ ହିଁ ଆମକୁ ଦେଖାଅ, ପିତା, ଯେ ଯାହା ଆମେ କରୁ ବୋଲି ତୁମେ ଚାହଁ ।

232 ଏବଂ ବର୍ତ୍ତମାନ, ବିଶ୍ୱାସର ଏକ କାର୍ଯ୍ୟ ଉପରେ, ମୁଁ ସେହି ଅସୁସ୍ଥତାକୁ ନିନ୍ଦା କରେ ଯାହାକି ଏହି ରୁମାଲଗୁଡିକ, ଏବଂ ଏହି ଅନୁରୋଧଗୁଡିକ ପ୍ରତିନିଧିତ୍ୱ କରେ । ସେମାନେ ଲୋକମାନଙ୍କୁ ଛାଡ଼ିଦେବେ । ମୁଁ ଜାଣେ ଯେ ତୁମେ ଏହା କରିବ, ପ୍ରଭୁ । ମୁଁ ଏହାକୁ ମୋ ହୃଦୟରେ, ବିଶ୍ୱାସ କରେ, ଯେ ତୁମେ ଏହା କରିବ । ଆଜି ସକାଳେ ଆମ ମଧ୍ୟରେ ଥିବା ସମସ୍ତ ରୋଗଗୁଡିକୁ ସୁସ୍ଥ କର ।

233 ସେମାନଙ୍କୁ ଉଦ୍ଧାର କର ଯେଉଁମାନେ ନିଜର ହାତ ଉଠାଇଥିଲେ, ଯେଉଁମାନେକି କହିଥିଲେ ଯେ ସେମାନେ ଜଳ ନିମନ୍ତେ, ସେହି ଶୈଳ ନିକଟକୁ ଆସିବାକୁ ଇଚ୍ଛା କରନ୍ତି । ପରମେଶ୍ୱର, ଏହା ହେଉ ଯେ ସେମାନେ ଆଜି ଏତେ ତୃଷାର୍ତ୍ତ ହୁଅନ୍ତୁ, ଏହା ହେଉ ଯେ ସେମାନଙ୍କ ଚାରିପାଖରେ ଏକ ଲବଣଯୁକ୍ତ ଜୀବନ ହୋଇଯାଉ, ଏପରିକି ଯେ ଏହା ସେମାନଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ତୃଷାର୍ତ୍ତ ହେବା ପାଇଁ ବାଧ୍ୟ କରିବ । ଏହାକୁ ପ୍ରଦାନ କର ।

234 ଆଜି ରାତିରେ ଆମ ସହିତ ରୁହ, ପିତା । ହେ ପରମେଶ୍ୱର, ମୋତେ ଏହି ଅନୁରୋଧଗୁଡିକ ମାଧ୍ୟମରେ, ଏହା ଖୋଜିବାକୁ ଦିଅ, ଯେ ଲୋକମାନଙ୍କ ହୃଦୟରେ କଅଣ ଅଛି । ଯଦି ସେମାନଙ୍କ ହୃଦୟରେ କିଛି ନ ଥାଏ, ତେବେ, ହେ ପ୍ରଭୁ, ତୁମେ ଆଜି ରାତିରେ ସେମାନଙ୍କ ହୃଦୟକୁ ପ୍ରଚାର କରିବା ନିମନ୍ତେ ମୋତେ କିଛି ବିଷୟ ପ୍ରଦାନ କର ।

235 ଆମ ଭାଇ ନେଭିଲ୍, ଏବଂ ତାଙ୍କ ପତ୍ନୀ, ତାଙ୍କ ପରିବାରକୁ ଆଶୀର୍ବାଦ କର; ଆମ ଛୋଟ ମଣ୍ଡଳୀ, ଆମର ଟ୍ରଷ୍ଟିମାନଙ୍କୁ, ଆମର ଦୀକନ୍‌ମାନଙ୍କୁ, ଆମର ସଦସ୍ୟମାନଙ୍କୁ ଆଶୀର୍ବାଦ କର । ଏବଂ ସବୁଆଡେ ଥିବା ତୁମର ଶରୀର, ଆମ ସହିତରେ ରୁହ, ହେ ପିତା । ଆମେ ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମ ହସ୍ତରେ ଦେଉଅଛୁ ।

> …ସିୟୋନ;
> ଆମେ ସିୟୋନକୁ ଉପରକୁ ଯାଉଅଛୁ,
> ପରମେଶ୍ୱରଙ୍କର ସେହି ସୁନ୍ଦର ନଗର ।

ବର୍ତ୍ତମାନ ଆସନ୍ତୁ ଏହାକୁ ଗାଇବା, ପ୍ରକୃତ, ବାସ୍ତବରେ ବର୍ତ୍ତମାନ ତାହାଙ୍କ ପାଇଁ ଗାଇବା । ବୁଝିଲେ?

> ଆସନ୍ତୁ, ଆମେମାନେ ଯେଉଁମାନେକି ପ୍ରଭୁଙ୍କୁ ପ୍ରେମ କରୁ,
> ଏବଂ ଆମର ଆନନ୍ଦଗୁଡିକ ଜଣାଯାଉ,
> ସୁମଧୁର ସଂଗୀତ ସହ ସେହି ଗୀତରେ ଯୋଗ ଦିଅନ୍ତୁ,
> ସୁମଧୁର ସଂଗୀତ ସହ ସେହି ଗୀତରେ ଯୋଗ ଦିଅନ୍ତୁ,
> ଏବଂ ତଦ୍ରୂପେ ସିଂହାସନକୁ ଘେରି ରୁହନ୍ତୁ,
> ଏବଂ ତଦ୍ରୂପେ ସିଂହାସନକୁ ଘେରି ରୁହନ୍ତୁ ।

ବର୍ତ୍ତମାନ ଆମର ନତ ଥିବା ହୃଦୟ ସହିତ ।

ଆମେ ସିୟୋନକୁ ଯାଉଅଛୁ,
ସୁନ୍ଦର, ସୁନ୍ଦର ସିୟୋନ;
ଆମେ ସିୟୋନକୁ ଉପରକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗର ।

**ଶୈଳରୁ ସର୍ବଦା-ଉପଲବ୍ଧ ଜଳ** ORI61-0723M

(The Ever-Present Water From The Rock)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜୁଲାଇ 23, 1961, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org